ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ନଭେମ୍ବର ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

## ଔ 'ପ୍ରାଚୀ'ର କଲମ ୠ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, November 2022, Issue No. VIII
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ
– କମଳ ମାହୁନ୍ତ ୦୭

ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ : ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'
– ଡ. ବିଦ୍ୟୁତପ୍ରଭା ରାଉତ ୧୦

କ୍ରୋଧ ରୂପକ ରୋଗର ନିବାରଣ
– ରୂପାଲିନ୍ ସାହୁ ୧୫

କୋରାପୁଟର ଲୋକବାଦ୍ୟ ପରମ୍ପରାରେ ପରଜା ବାଦ୍ୟଯନ୍ତ୍ର
– ଡ. ଲୋପାମୁଦ୍ରା ସ୍ୱାଇଁ ୧୮

ଆଲୋଚନାର ଅନ୍ତରାଳେ ଅଥଚ ଚାଣକ୍ୟ
– ରଞ୍ଜନ କୁମାର ଖଣ୍ଡା ୨୬

ଓଡ଼ିଆ ଉପନ୍ୟାସରେ ଅନାଲୋଚିତ ମାଟିହୀନ ମାଟିର ମଣିଷ
– ସୁଜାତା ସାହାଣୀ ୩୨

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................................................................

ଠିକଣା ........................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ......................................................

ତାରିଖ........................................ ଦସ୍ତଖତ......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 8, Issue No. VIII, November 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ

**କମଳ ମାହନ୍ତ**

ଗଭୀର ଅର୍ଥବହନ ପୂର୍ବକ କୌଣସି ଉକ୍ତି ଯଦି ଅଭିବ୍ୟକ୍ତି ଦ୍ୱାରା ଚମତ୍କାର ପ୍ରତିପାଦନ କରେ ତେବେ ତାହା ସୁ ପଦବାଚ୍ୟ ହୋଇଯାଏ । ଏପରି ଚିନ୍ତା-ଦ୍ୟୋତକ ଉକ୍ତି କେବଳ କବି, ଲେଖକ ଅଥବା ଅଭିଜ୍ଞତାସମ୍ପନ୍ନ କୌଣସି ବୁଦ୍ଧିଜୀବୀ ହିଁ ସୃଷ୍ଟି କରି ପାରନ୍ତି । ସେଥିପାଇଁ କୁହାଯାଏ ଶିଷ୍ଟଜନଙ୍କ ଉକ୍ତି ହେଉଛି ସୂକ୍ତି । ଏହା ଏକ ସମୟଖଣ୍ଡ ମଧ୍ୟରେ କୌଣସି ବ୍ୟକ୍ତିର ଚେତନାରୁ ସୃଷ୍ଟି ହୋଇଥିଲେ ହେଁ ମହାକାଳର କ୍ଷୟକାରୀ ଶକ୍ତିକୁ ଅବଜ୍ଞା କରି ଉଭୟ ବ୍ୟକ୍ତି ଓ ସମୟର ସୀମାସରହଦକୁ ଡେଇଁ ଯିବାର ଶକ୍ତିରେ ସମୁଜ୍ୱଳ ହୋଇ ଉଠିଥାଏ । "ବାଙ୍ମୟର ଐଶ୍ୱର୍ଯ୍ୟ ଓ ଔଜ୍ଜ୍ୱଲ୍ୟ ହେଉଛି ସୂକ୍ତିର ମୂଳକଥା । ଏକ ସ୍ୱତନ୍ତ୍ର ବିଜ୍ଞତାର ପୁରୋଭୂମିରେ ଅନୁସନ୍ଧିତ୍ସୁ ସ୍ରଷ୍ଟା ତା'ର ସାନ୍ଦ୍ର ଅନୁଭୂତିରୁ ଯେଉଁ ନିର୍ଯ୍ୟାସ ଗ୍ରହଣ କରେ ତାହା ହିଁ ଜୀବନ ଦୃଷ୍ଟିର ବାହକ ରୂପେ ସୂକ୍ତିରେ ପରିଣତ ହୁଏ । ସଂକ୍ଷିପ୍ତ କାଳରୁ କାଳୋତୀର୍ଣ୍ଣ ହେବାର ଅଭିଯାନ ପଥରେ ସ୍ରଷ୍ଟା ଜୀବନକୁ ଅବଲୋକନ ଜନିତ ସତ୍ୟ ଉପଲବଧି କରି ଯାହା କୁହନ୍ତି ତାହା ଉଦାହରଣଯୋଗ୍ୟ ହୋଇଉଠେ । ଯେ କେହି କଥା ପ୍ରସଙ୍ଗରେ ତା'ର ବାରମ୍ବାର ଉଲ୍ଲେଖ କରନ୍ତି । ସୁନ୍ଦର ଉକ୍ତିଟିଏ ସର୍ବଜନ ମୁଖର ଭାଷା; ହୃଦୟର ପ୍ରତିଧ୍ୱନି ଓ ବିବେକୀର ବିଜ୍ଞତା ହୋଇଥାଏ । ଏଣୁ ତାହା ମାନବୀୟ ସଂସ୍କୃତିର ଓ ବୌଦ୍ଧିକ ଦର୍ଶନର ବସ୍ତୁ ରୂପେ ଗୃହୀତ ହୁଏ ।" (ସାରଳା ଶବ୍ଦ ଓ ସୂକ୍ତିକୋଷ - ଡ. ନଟବର ଶତପଥୀ) ।

ସୂକ୍ତି ସବୁବେଳେ ବାସ୍ତବତାର ଭୂମି ଉପରେ ଦଣ୍ଡାୟମାନ ହୋଇଥାଏ । କାରଣ ବାସ୍ତବତାକୁ ଗ୍ରହଣ ନ କଲେ ତାହା କାଳଜୟୀ ହୋଇନପାରେ । ପରାମର୍ଶ ଦେବା ଏହାର ଉଦ୍ଦେଶ୍ୟ ହେଲେ ହେଁ, ସର୍ବଦା ନୀତି, ଆଦର୍ଶ ଓ ମୂଲ୍ୟବୋଧର କଥା କହିଥାଏ । ସୁତରାଂ କୌଣସି ଭାବକୁ ସଂକ୍ଷିପ୍ତ ଅଥଚ ତୀକ୍ଷ୍ଣ ଭାବରେ ହୃଦୟସ୍ପର୍ଶ କରିବା ଭଳି ବ୍ୟକ୍ତ ପଦକୁ ସୂକ୍ତି କୁହାଯାଏ ।

ଓଡ଼ିଶାର ସାମାଜିକ ଜୀବନରେ ପ୍ରବାଦ ପ୍ରବଚନ, ଢଗଢମାଳି, ସୂକ୍ତି, ଡାକବଚନ, ଢୁଆ, ନାଁଦିଆ, ଭଳି ବିଭିନ୍ନ ଆଙ୍ଗିର ବ୍ୟବହାର ଦେଖାଯାଏ । ସୂକ୍ତି ବ୍ୟତୀତ ଏସବୁ ଲୋକ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ସଂପଦ । ସୂକ୍ତିର ବୌଦ୍ଧିକତା ତାକୁ ଲୋକ ସାହିତ୍ୟଠାରୁ ପୃଥକ କରି ବିଦଗ୍ଧ ଅଥବା ତଥାକଥିତ ଶୁଦ୍ଧ ସାହିତ୍ୟ ଶ୍ରେଣୀଭୁକ୍ତ କରିଛି । ଫଳରେ ଓଡ଼ିଶାରେ ଜନ୍ ବୀମ୍‌ସଙ୍କ ଠାରୁ ଆରମ୍ଭ କରି ଗୋପାଳ ଚନ୍ଦ୍ର ପ୍ରହରାଜ, ଚକ୍ରଧର ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ, ଡକ୍ଟର କୁଞ୍ଜବିହାରୀ ଦାଶ, ଡକ୍ଟର ନଟବର ସାମନ୍ତରାୟ, ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଡକ୍ଟର କୃଷ୍ଣଚରଣ ବେହେରାଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଲୋକ ସାହିତ୍ୟ ସଂଗ୍ରହ କ୍ଷେତ୍ରରେ ବହୁ ଉଚ୍ଚକୋଟୀର ଗବେଷଣା କରିଥିଲେ ହେଁ ସୂକ୍ତି ସଂକଳନ କ୍ଷେତ୍ରରେ ସେପରି କୌଣସି କାର୍ଯ୍ୟ କରିଥିବା ଦୃଷ୍ଟିଗୋଚର ହୁଏ ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ବୋଧହୁଏ ପ୍ରଥମେ ୧୯୩୪ ମସିହାରେ ଶ୍ରୀଯୁକ୍ତ ଭାଗୀରଥି ସାହୁ 'କୃଷ୍ଣ ସିଂହ ମହାଭାରତ ନୀତି ସଂଗ୍ରହ' ନାମରେ ୬୪୦ ପଦ ବିଶିଷ୍ଟ ଏକ ପୁସ୍ତକ ସଂକଳନ କରନ୍ତି । ପରବର୍ତ୍ତୀ ସମୟରେ ୧୯୭୧ ମସିହାରେ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ 'ଶ୍ରୀଭାଗବତ ସୂକ୍ତି ମୁକ୍ତାବଳୀ' ନାମରେ ଗୋଟିଏ ପୁସ୍ତକ ସଂକଳନ କରନ୍ତି । ଏହି ପରମ୍ପରାରେ ଆମେ ୧୯୭୨ ମସିହା ବେଳକୁ ଦେଖିବାକୁ ପାଉଛେ ଇଂ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ 'ଚିରନ୍ତନୀ' ପୁସ୍ତକ । ୭୦୦ ଗୋଟି ସୂକ୍ତିକୁ ନେଇ ଏହାର ପ୍ରଥମ ସଂସ୍କରଣ ପ୍ରକାଶିତ ହୁଏ ୧୯୭୨ ମସିହାରେ 'ଗ୍ରନ୍ଥମନ୍ଦିର' ଦ୍ୱାରା । ପରବର୍ତ୍ତୀ ସମୟରେ ୧୯୮୮ ମସିହାରେ ମହେଶ୍ୱର ନାୟକଙ୍କ 'ସୂକ୍ତି -ସଞ୍ଚୟନ' ପ୍ରକାଶିତ ହୁଏ । ଏହାପରେ ସୁରେନ୍ଦ୍ର ନାଥ ଦାସଙ୍କ 'କବିବାଣୀ' ପୁସ୍ତକ ପ୍ରକାଶିତ ହୁଏ । ଏହାକୁ ମଧ ପ୍ରକାଶ କରନ୍ତି ଗ୍ରନ୍ଥମନ୍ଦିର । ପୁନଃମୁଦ୍ରଣ - ୧୯୯୬ ହେଲେ ଏହାର କିଛି ବର୍ଷ ପୂର୍ବରୁ ୧ମ ସଂସ୍କରଣ ପ୍ରକାଶିତ ହୋଇଥିବା ଅନୁମାନ କରିହୁଏ । ୧୯୯୭ ମସିହାରେ ପ୍ରଜାତନ୍ତ୍ର ପ୍ରଚାର

ସମିତି ଦ୍ୱାରା ପ୍ରକାଶିତ ହୁଏ ଡକ୍ଟର ନଟବର ଶତପଥୀଙ୍କ 'ସାରଳା ଶବ୍ଦ ଓ ସୂକ୍ତି କୋଷ' ଗ୍ରନ୍ଥ । ଆଲୋଚ୍ୟ 'କୃଷ୍ଣ ସଂହ ମହାଭାରତ ନୀତି ସଂଗ୍ରହ' 'ଶ୍ରୀଭାଗବତ - ସୂକ୍ତି - ମୁକ୍ତାବଳୀ' 'ଚିରନ୍ତନୀ', 'ସୂକ୍ତି-ସଞ୍ଚୟନ', 'କବିବାଣୀ' ଓ 'ସାରଳା ଶବ୍ଦ ଓ ସୂକ୍ତି କୋଷ' ପୁସ୍ତକ ମଧ୍ୟରୁ ଶ୍ରୀଯୁକ୍ତ ନାୟକଙ୍କ 'ସୂକ୍ତ-ସଞ୍ଚୟନ', ଶ୍ରୀଯୁକ୍ତ ଦାସଙ୍କ 'କବିବାଣୀ' ଓ ଇଂ ସାହୁଙ୍କ 'ଚିରନ୍ତନୀ' ପୁସ୍ତକ ତ୍ରୟ ସ୍ୱତନ୍ତ୍ର ମନେ ହୁଏ । କାରଣ ଶ୍ରୀଯୁକ୍ତ ଭାଗୀରଥି ସାହୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଓ ଡକ୍ଟର ନଟବର ଶତପଥୀ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଭାବରେ ଯଥାକ୍ରମେ 'କୃଷ୍ଣ ସିଂହଙ୍କ ମହାଭାରତ', ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ ଓ ଆଦିକବି ସାରଳା ଦାସଙ୍କ 'ମହାଭାରତ'ରୁ ସୂକ୍ତି ସଂଗ୍ରହ କରି ସଂକଳନ କରିଛନ୍ତି । ମାତ୍ର ଶ୍ରୀଯୁକ୍ତ ନାୟକ ୩୭ ଜଣ ଲେଖକଙ୍କ ଲେଖାରୁ ପ୍ରାୟ ୧୦୦୦ରୁ ଅଧିକ ସୂକ୍ତି ସଂଗ୍ରହ କରି ୨୮୩ଟି ବିଷୟରେ ବିଭାଗୀକରଣ କରିଛନ୍ତି । ସେହିପରି ଶ୍ରୀଯୁକ୍ତ ଦାସ ୩୬ ଜଣ ଲେଖକଙ୍କ ଲେଖାରୁ ଦୁଇ ଶହରୁ ଉର୍ଦ୍ଧ୍ୱ ସୂକ୍ତି ସଂଗ୍ରହ କରି ଚରିତ୍ର, ଧୈର୍ଯ୍ୟ, ବନ୍ଧୁ, ପରୋପକାର, ଗୁରୁ, ବିଦ୍ୟା, ଭକ୍ତି, ଦୟା, ଭୟ, ଭଳି ୩୧ ଗୋଟି ବିଭାଗ ଦ୍ୱାରା ପୃଥକ ପୃଥକ ଭାବରେ ସୂକ୍ତିଗୁଡ଼ିକ ସଂକଳିତ କରିଥିବା ବେଳେ ଇଂ ସାହୁଙ୍କ 'ଚିରନ୍ତନୀ' ଏଇ ପରମ୍ପରାରେ ଆଉ ଗୋଟିଏ ପାଦ ଆଗରେ ଅଛି । ଏହାର ପ୍ରଥମ ସଂସ୍କରଣ (୧୯୭୨ - ଗ୍ରନ୍ଥମନ୍ଦିର)ରେ ଅର୍ଦ୍ଧଶତାଧିକ ଲେଖକଙ୍କର ୭୦୦ ଗୋଟି ସୂକ୍ତିକୁ ବିଭିନ୍ନ ବିଭାଗ କରି ଇଂ ସାହୁ ପ୍ରକାଶିତ କରନ୍ତି । ଦ୍ୱିତୀୟ ସଂସ୍କରଣ (୧୯୯୦ ଗୋପବନ୍ଧୁ ସାହିତ୍ୟ ମନ୍ଦିର) ବେଳକୁ ସୂକ୍ତି ସଂଖ୍ୟା ବୃଦ୍ଧି ପାଇ ୧୦୦୦ ହୋଇଯାଏ । ସେହିପରି ତୃତୀୟ ପରିବର୍ଦ୍ଧିତ ସଂସ୍କରଣ (୨୦୦୪ - ଜଗନ୍ନାଥ ରଥ)ରେ ୭୦ରୁ ଉର୍ଦ୍ଧ୍ୱ ଲେଖକଙ୍କର ୧୫୦୦ ଗୋଟିଏ ସୂକ୍ତିକୁ ୫୧ ଗୋଟି ଶ୍ରେଣୀର ବିଭକ୍ତ କରି ସଂକଳିତ କରନ୍ତି ।

ଏହାର ଚତୁର୍ଥ ସଂସ୍କରଣ (୨୦୧୩) 'ଚିରନ୍ତନୀ' ପ୍ରଥମ ଭାଗ ଓ 'ଚିରନ୍ତନୀ' ଦ୍ୱିତୀୟ ଭାଗ ଦୁଇଖଣ୍ଡରେ 'ଗୋପବନ୍ଧୁ ସାହିତ୍ୟ ମନ୍ଦିର' ପ୍ରକାଶ କରନ୍ତି । ପ୍ରଥମ ଖଣ୍ଡରେ 'ଧର୍ମ' ସମ୍ପର୍କରେ ୪୨ ଗୋଟି 'କର୍ମ' ବିଷୟରେ ୫୫ ଗୋଟି, 'କାମ' ବିଷୟରେ ୧୯ ଗୋଟି, 'କ୍ରୋଧ' ବିଷୟରେ ୨୦ ଗୋଟି, 'ଦୟା' ବିଷୟରେ ୧୩ ଗୋଟି, 'କ୍ଷମା' ବିଷୟରେ ୧୮ ଗୋଟି, 'ବନ୍ଧୁ' ବିଷୟରେ ୨୪ ଗୋଟି, 'ପରୋପକାର' ବିଷୟରେ ୨୮ ଗୋଟି, 'ଶିଶୁ' ବିଷୟରେ ୧୭ ଗୋଟି, 'ପିତା, ମାତା ଓ ପରିବାର' ବିଷୟରେ ୨୮ ଗୋଟି, 'ଯୌବନ' ବିଷୟରେ ୧୯ ଗୋଟି, 'ପ୍ରେମ ଓ ପ୍ରୀତି' ବିଷୟରେ ୭୪ ଗୋଟି, 'ମିଳନ' ବିଷୟରେ ୧୮ ଗୋଟି, 'ନାରୀ ଓ ନାରୀଧର୍ମ' ବିଷୟରେ ୬୫ ଗୋଟି, 'ଅନିତ୍ୟତା' ବିଷୟରେ ୬୬ ଗୋଟି, 'ଶରୀର ଓ ଆତ୍ମା' ବିଷୟରେ ୨୧ ଗୋଟି, 'ରାଜା ଓ ପ୍ରଜା' ବିଷୟରେ ୩୦ ଗୋଟି, 'ଯୁଦ୍ଧ ଓ ଯୋଦ୍ଧା' ବିଷୟରେ ୧୯ ଗୋଟି, 'ଦାନ ଓ ଦାନୀ' ବିଷୟରେ ୧୩ ଗୋଟି, 'ଧନ, ଧନୀ ଓ ଦରିଦ୍ର' ବିଷୟରେ ୩୮ ଗୋଟି, 'ଅତୀତ, ସ୍ମୃତି ଓ ଚିନ୍ତା' ବିଷୟରେ ୧୬ ଗୋଟି, 'ବ୍ୟଙ୍ଗ, ପରିହାସ ଓ ଛଳନା' ବିଷୟରେ ୧୧ ଗୋଟି, 'ଭକ୍ତ ଓ ଭକ୍ତି' ବିଷୟରେ ୪୬ ଗୋଟି, 'କବି ଓ କାବ୍ୟ' ବିଷୟରେ ୨୩ ଗୋଟି ଏବଂ 'ଯଶ ଓ କୀର୍ତ୍ତି' ବିଷୟରେ ୨୬ ଗୋଟି ସୂକ୍ତି ଭାବରେ ମୋଟ ୨୫ ଗୋଟି ବିଷୟରେ ୭୫୦ ଗୋଟି ସୂକ୍ତି ସ୍ଥାନିତ କରିଥିବା ବେଳେ ଦ୍ୱିତୀୟ ଭାଗରେ 'ସତ୍ୟ ଓ ନ୍ୟାୟ' ବିଷୟରେ ୨୭ ଗୋଟି, 'ଧୈର୍ଯ୍ୟ' ବିଷୟରେ ୧୩ ଗୋଟି, 'ଚରିତ୍ର' ବିଷୟରେ ୧୩ ଗୋଟି, 'ଭାଗ୍ୟ' ବିଷୟରେ ୩୯ ଗୋଟି, 'ମାୟା' ବିଷୟରେ ୨୭ ଗୋଟି, 'କର୍ତ୍ତବ୍ୟ' ବିଷୟରେ ୧୭ ଗୋଟି, 'ବିଶ୍ୱାସ' ବିଷୟରେ ୧୨ ଗୋଟି, 'ସୌନ୍ଦର୍ଯ୍ୟ' ବିଷୟରେ ୧୪ ଗୋଟି, 'କାପୁରୁଷ' ବିଷୟରେ ୦୯ ଗୋଟି, 'ଭୟ ଓ ଭ୍ରାନ୍ତି' ବିଷୟରେ ୧୮ ଗୋଟି, 'ପାପ ଓ ପାପୀ' ବିଷୟରେ ୧୫ ଗୋଟି, 'ସଜ୍ଜନ ଓ ଦୁର୍ଜନ' ବିଷୟରେ ୭୨ ଗୋଟି, 'ଗୁଣ ଓ ଗୁଣୀ' ବିଷୟରେ ବିଷୟରେ ୩୩ ଗୋଟି, 'ନିନ୍ଦା ଓ ପ୍ରଶଂସା' ବିଷୟରେ ୧୮ ଗୋଟି, 'ତ୍ୟାଗ ଓ ଆଦର୍ଶ' ବିଷୟରେ ୧୯ ଗୋଟି, 'ଲୋଭ ଓ ଲାଳସା' ବିଷୟରେ ୧୫ ଗୋଟି, 'ଅସମ୍ଭବ' ବିଷୟରେ ୨୦ ଗୋଟି, 'ବିଧିବିଧାନ' ବିଷୟରେ ୩୫ ଗୋଟି, 'ଗୁରୁ ଓ ଶିଷ୍ୟ' ବିଷୟରେ ୧୩ ଗୋଟି, 'ବିଦ୍ୟା ଓ ବିଦ୍ୱାନ' ବିଷୟରେ ୩୧ ଗୋଟି, 'ଜାତୀୟତା' ବିଷୟରେ ୩୨ ଗୋଟି, 'ସୁଖ ଓ ଦୁଃଖ' ବିଷୟରେ ୫୧ ଗୋଟି, 'ଜୀବନ ଓ ଜୀବିକା' ବିଷୟରେ ୧୬ ଗୋଟି, 'ମନ ଓ ଆଶା' ବିଷୟରେ ୪୧ ଗୋଟି, 'ଗର୍ବ ଓ ଅହଂକାର' ବିଷୟରେ ୧୪ ଗୋଟି ଏବଂ 'ବିବିଧ' ବିଷୟରେ ୧୪୮ ଗୋଟି, ମୋଟ ୨୬ ଗୋଟି ବିଷୟରେ ୭୬୨ଟି ସୂକ୍ତି ସ୍ଥାନିତ କରିଛନ୍ତି ।

ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ଫକୀରମୋହନ, ରାଧାନାଥ, ଗଙ୍ଗାଧର, ଭୀମଭୋଇ, ଅନ୍ନଦା ଶଙ୍କର, ରାଧାମୋହନ ଗଡ଼ନାୟକଙ୍କୁ ନେଇ ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ

ପର୍ଯ୍ୟନ୍ତ ୭୦ରୁ ଊର୍ଦ୍ଧ୍ୱ ଲେଖକଙ୍କର ରଚନା ପଢ଼ି ସେଥିରୁ ୧୫୧୨ ଗୋଟି ସୂକ୍ତି ସଂଗ୍ରହ କରି ୫୧ ଗୋଟି ବିଷୟରେ ବିଭକ୍ତ କରି ପ୍ରକାଶ କରିବା କମ୍ ବଡ଼ କଥା ନୁହେଁ । ଏଥିରୁ ଇଂ. ସାହୁଙ୍କର ସାହିତ୍ୟ ପ୍ରତି କେତେ ନିଷ୍ଠା ତାହା ବାରି ହୋଇ ପଡୁଛି । ଏହା ପୁଣି ଲେଖକଙ୍କର ପ୍ରଥମ ପୁସ୍ତକ । ଚମ୍ପାପୁରସ୍ଥ ଗାନ୍ଧୀ ଶିକ୍ଷାଶ୍ରମରେ ନବମ ଶ୍ରେଣୀରେ ପାଠ ପଢୁଥିବା ବେଳ ଏକ ଘଟଣା ଲେଖକଙ୍କୁ ଏପରି ପୁସ୍ତକ ପ୍ରଣୟନ କରିବା ପାଇଁ ପ୍ରେରଣା ଦିଏ । ଏ ସମ୍ପର୍କରେ ଲେଖକ ଇଂ ଗୋବିନ୍ଦ ଚନ୍ଦ୍ର ସାହୁ କୁହନ୍ତି "ଥରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ପିତା ଶ୍ରୀଯୁକ୍ତ ନିମାଇଁ ଚରଣ ନାୟକ କିଛି ଓଡ଼ିଆ ଓ ଇଂରାଜୀ ପୁସ୍ତକ ନେଇ ବିଦ୍ୟାଳୟରେ ଉପସ୍ଥିତ ହୁଅନ୍ତି । ଲେଖକ ପଚାଶ ପଇସା ଦେଇ ଇଂରାଜୀ ଭାଷାର 'କୋଟେସନ୍' (Quotation) ବହିଟିଏ ଆଗ୍ରହ ସହକାରେ କିଣି ପଢ଼ନ୍ତି । ମନରେ ପ୍ରଶ୍ନ ଆସେ, ଆମ ମାତୃଭାଷାରେ ଏପରି ପୁସ୍ତକ ଖଣ୍ଡେ ଅଛି କି ? ବୋଲି ସାହିତ୍ୟ ଶିକ୍ଷକ ଶ୍ରୀଯୁକ୍ତ ବୀରକିଶୋର ଦାସଙ୍କୁ ପଚାରନ୍ତେ ସେ ରାଗିଯାଇ କହିଲେ - ଭାରି ତ ବଡ଼ ବଡ଼ କଥା ଭାବୁଛୁ, ତୁ କ'ଣ ଏମିତି ବହିଟିଏ ଲେଖିପାରିବୁ ?" ଶିକ୍ଷକଙ୍କର ଏହି କ୍ରୋଧମିଶା ବିରକ୍ତି ଭାବରୁ ହିଁ ମାତୃଭାଷା ଓଡ଼ିଆରେ ଏପରି ଖଣ୍ଡିଏ ପୁସ୍ତକ ପ୍ରଣୟନ କରିବା ପାଇଁ ଇଂ ସାହୁ ନିଅନ୍ତି ଦୃଢ଼ ସଂକଳ୍ପ । ଫଳସ୍ୱରୂପ ୩୧ ବର୍ଷ ବୟସ ବେଳକୁ ଦୃଢ଼ ଇଚ୍ଛାଶକ୍ତି ଫଳବତୀ ହୋଇ ପ୍ରକାଶିତ ହୁଏ ପ୍ରଥମ ପୁସ୍ତକ 'ଚିରନ୍ତନୀ' । 'ଚିରନ୍ତନୀ' ଠାରୁ ଆରମ୍ଭ ହୋଇଥିବା ସାହିତ୍ୟ ଯାତ୍ରା ପରବର୍ତ୍ତୀ ସମୟରେ ପ୍ରବନ୍ଧ, ଅନୁବାଦ, ଓ ପତ୍ରିକା ସଂପାଦନା ମାଧ୍ୟମ ଦେଇ ପ୍ରବୃତ୍ତିରେ ପରିଣତ ହୋଇଯାଏ । ଫଳରେ ଲେଖକ ଓଡ଼ିଆ ସାହିତ୍ୟର ଇତିହାସରେ ସୃଷ୍ଟି କରି ପାରନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ମାତୃଭାଷା ବ୍ୟତୀତ ସଂସ୍କୃତ, ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଭଳି ଏକାଧିକ ଭାଷାରେ ଗଭୀର ଦଖଲ ରଖିଥିବା ଇଂ ସାହୁ ଇଂରାଜୀରେ ଚାରି ଗୋଟି ପୁସ୍ତକ ରଚନା କରିବା ସହ ଓଡ଼ିଆରେ ୩ ଗୋଟି ପ୍ରବନ୍ଧ ପୁସ୍ତକ ଓ 'ଭଜ ଗୋବିନ୍ଦମ୍'ର ସରଳ ଭାଷ୍ୟ ନିମନ୍ତେ ବିପୁଳ ପାଠକୀୟ ସ୍ୱୀକୃତି ଲାଭ କରନ୍ତି । ଏହା ସହିତ ବିଭିନ୍ନ ଭାଷାରୁ ୧୧ ଗୋଟି, ପୁସ୍ତକ ଅନୁବାଦ କରି ଓଡ଼ିଆ ଅନୁବାଦ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ତାଙ୍କର ସାହିତ୍ୟକୃତିକୁ ସ୍ୱୀକୃତି ଜଣାଇ ଓଡ଼ିଶା ବିଜ୍ଞାନ ଏକାଡ଼େମୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଉତ୍କଳ ସାହିତ୍ୟ ସମାଜ ପରି ଶତାୟୁ ଅନୁଷ୍ଠାନ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି । ଏସବୁ ସତ୍ତ୍ୱେ ମଧ୍ୟ ଇଂ ଗୋବିନ୍ଦ ଚନ୍ଦ୍ର ସାହୁ 'ଚିରନ୍ତନୀ' ପୁସ୍ତକ ସଂକଳନ କରି ଓଡ଼ିଆ ସୂକ୍ତି ସଂଗ୍ରହ ପରମ୍ପରାରେ ଯେଉଁ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ତାହା ତାଙ୍କୁ ଚିରକାଳ ପାଇଁ ଓଡ଼ିଆ ଜନମାନସରେ ଅମର କରି ରଖିବ ଏଥିରେ ସନ୍ଦେହ ନାହିଁ ।

**ସହାୟକ**


- କବିବାଣୀ- ସୁରେନ୍ଦ୍ର ନାଥ ଦାସ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ଦ୍ୱିତୀୟ ସଂସ୍କରଣ :୨୦୧୨
- କୃଷ୍ଣ ସିଂହ ମହାଭାରତ ନୀତି ସଂଗ୍ରହ- ଶ୍ରୀ ଭାଗୀରଥି ସାହୁ, ପ୍ରଥମ ପ୍ରକାଶ-୧୯୩୪
- ଚିରନ୍ତନୀ (ପ୍ରଥମ ଭାଗ)- ଇଂ ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, ସମାଜ ଅଫିସ୍, ବକ୍ସିବଜାର, କଟକ-୭୫୩୦୦୧, ଚତୁର୍ଥ ସଂସ୍କରଣ : ୨୦୧୩
- ଚିରନ୍ତନୀ (ଦ୍ୱିତୀୟ ଭାଗ)- ଇଂ ଗୋବିନ୍ଦ ଚନ୍ଦ୍ର ସାହୁ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, ଗୋପବନ୍ଧୁ ଭବନ, ସମାଜ ଅଫିସ୍, ବକ୍ସିବଜାର, କଟକ-୭୫୩୦୦୧, ଚତୁର୍ଥ ସଂସ୍କରଣ : ୨୦୧୩
- ଶ୍ରୀଭାଗବତ-ସୂକ୍ତି-ମୁକ୍ତାବଳୀ- ଅଧ୍ୟାପକ ଡକ୍‌ଟର କୁଞ୍ଜବିହାରୀ ତ୍ରିପାଠୀ, ପ୍ରଥମ ପ୍ରକାଶ -୧୯୭୧
- ସାରଳା ଶବ୍ଦ ଓ ସୂକ୍ତିକୋଷ- ଡକ୍ଟର ନଟବର ଶତପଥୀ, ପ୍ରଜାତନ୍ତ୍ର ପ୍ରଚାର ସମିତି, ବିହାରୀବାଗ, କଟକ- ୭୫୩୦୦୨, ପ୍ରଥମ ସଂସ୍କରଣ: ଶ୍ରୀଗୁଣ୍ଡିଚା, ୧୯୯୭
- ସୂକ୍ତି-ସଞ୍ଚୟନ- ଶ୍ରୀ ମହେଶ୍ୱର ନାୟକ, ପ୍ରଥମ ପ୍ରକାଶ- ୧୯୮୮



ଗବେଷକ, ଓଡ଼ିଆ ବିଭାଗ

ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN -2583-147X(P), Vol.- 8, Issue No. VIII, November 2022
Bastabatara Pariprakash Prachee
*Peer Reviewed and Referred Research Journal*

# ପରିପୂର୍ଣ୍ଣ ଜୀବନପାତ୍ର ଓ ଚେତନାର ଉତ୍ତରିତ ପଥ : ବୈକୁଣ୍ଠନାଥଙ୍କ 'ଯାତ୍ରାସଙ୍ଗୀତ'

ଡ. ବିଦ୍ୟୁତପ୍ରଭା ରାଉତ

ଯେଉଁ କେତେଜଣ ତରୁଣ କବିଙ୍କୁ ନେଇ ଓଡ଼ିଆ ସାହିତ୍ୟରେ ସବୁଜ ଯୁଗର ସୂତ୍ରପାତ ହୋଇଥିଲା, ସେମାନଙ୍କ ମଧ୍ୟରେ କବି ବୈକୁଣ୍ଠନାଥ ପଟ୍ଟନାୟକ ଥିଲେ ଅନ୍ୟତମ । ସତ୍ୟବାଦୀ ଯୁଗଆଦର୍ଶ କ୍ରମେ ଅପସରି ଯାଉଥିବା ବେଳେ ରେଭେନ୍ସା ମହାବିଦ୍ୟାଳୟର କିଛି ତରୁଣ ଛାତ୍ର ସମସାମୟିକ ସମାଜର ପରିସ୍ଥିତି, ମୂଲ୍ୟବୋଧ ଆଦର୍ଶ ଏବଂ ବାସ୍ତବତାଠାରୁ ଦୂରେଇଯାଇ କଳ୍ପନା ପ୍ରସୂତ ଏକ ଜଗତରେ ବଂଚିବାକୁ ଏବଂ ସ୍ୱପ୍ନଦେଖିବାକୁ ତତ୍ପର ଥିଲେ । ଉଦାସୀନ ଥିଲେ ତାତ୍‌କାଳୀକ ବାସ୍ତବତା ପ୍ରତି । ସେହି ସମୟରେ ବଙ୍ଗଳା ସାହିତ୍ୟରେ ରବୀନ୍ଦ୍ରନାଥ ଠାକୁରଙ୍କ 'ଓରେ ସବୁଜ, ଓରେ ଅବୁଝ୍'ର ଅଭିବ୍ୟକ୍ତି ଏବଂ ବଙ୍ଗୀୟ କଲ୍ଲୋଳ ସାହିତ୍ୟଦ୍ୱାରା ଏହି ତରୁଣ ଗୋଷ୍ଠୀ ଅତିମାତ୍ରାରେ ପ୍ରଭାବିତ ହୋଇପଡ଼ିଥିଲେ । ବିଶ୍ୱଯୁଦ୍ଧର ଘନଘଟା, ସ୍ୱାଧୀନତା ଆନ୍ଦୋଳନର ନାରା ଏମାନଙ୍କୁ ପ୍ରଭାବିତ କରିପାରି ନଥିଲା । ଓଡ଼ିଆ ସାହିତ୍ୟରେ ଏହି ସବୁଜ ଯୁଗର ଉଦ୍ୟୋକ୍ତାମାନେ ଥିଲେ ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର ପରବର୍ତ୍ତୀ ସମୟରେ ଆହୁରି ଅନେକ କବି ଏହି ସବୁଜ ସ୍ରୋତରେ ଯୋଗ ଦେଇଥିଲେ । ଏହି ତରୁଣ ଛାତ୍ରମାନେ ନନ୍‌ସେନ୍ସ କ୍ଲବ ଗଠନ କରିଥିଲେ ଏବଂ ସେହି କ୍ଲବ୍ ତରଫରୁ ମୁଖପତ୍ର ମଧ୍ୟ ପ୍ରକାଶ କରିଥିଲେ । ଚାରିବନ୍ଧୁଙ୍କ ନାମର ପ୍ରଥମ ଅକ୍ଷର ଅନୁସାରେ ପତ୍ରିକାର ନାମ ରଖିଥିଲେ ଅବକାଶ । ପରବର୍ତ୍ତୀ ସମୟରେ 'ସବୁଜ ସାହିତ୍ୟ ସମିତି' ଗଠନ କରି ୧୯୩୩ ମସିହାରେ ଏହାର ଏକ ମୁଖପତ୍ର 'ଯୁଗବୀଣା' ପ୍ରକାଶ ପାଇଥିଲା । ଏହି ସବୁଜ ଗୋଷ୍ଠୀର କବିମାନଙ୍କର ମୁଖ୍ୟ ଆଭିମୁଖ୍ୟ ଥିଲା ନିଜଦ୍ୱାରା ସୃଷ୍ଟ ଏକ ସୁନ୍ଦର ଚିର ସବୁଜ ବଳୟରେ ରୋମାଣ୍ଟିକ୍ ଚେତନାରେ ବାସ କରିବା । ବାସ୍ତବ ଜଗତର ଦୈନ୍ୟତା ଯେପରି ତାଙ୍କ ଜୀବନ ପରିଧିକୁ ସ୍ପର୍ଶ କରିପାରୁନଥିବା ସ୍ୱପ୍ନର ଜଗତରେ ହିଁ ଶାନ୍ତିର ସନ୍ଧାନ ତାଙ୍କର ଅଭିମୁଖ୍ୟ ଥିଲା । ସବୁଜ କବିମାନେ 'କଳ୍ପନାରାଜ୍ୟ'ରେ ଅବତରଣ କରି ଏକ ଛାୟାଚ୍ଛନ୍ନ ରମଣୀୟତା ଭିତରେ ଜୀବନ ଜିଇବାର ଯେଉଁ ପ୍ରତ୍ୟାଶା ରଖିଥିଲେ; ସେଇ ପ୍ରତ୍ୟାଶା ପାଇଁ ସେମାନଙ୍କୁ 'ପଳାୟନପନ୍ଥୀ' ଏବଂ 'ପଦ୍ମଭୁକ୍' (Lotus Eater) ବୋଲି ଯେଉଁ ମୋହର ମରାଯାଇଥିଲା; ତାହା ସ୍ଥିର ହୋଇ ରହିନାହିଁ । କାରଣ ସେମାନଙ୍କୁ ସେହି ସାବୁଜିକ ଉପଲବ୍ଧି ବେଶୀ କାଳ ମୋହାବିଷ୍ଟ କରି ରଖିପାରିନଥିଲା । ଅନ୍ନଦାଶଙ୍କରଙ୍କର କଲିକତା ପ୍ରତ୍ୟାଗମନ; ଓଡ଼ିଆ ଅପେକ୍ଷା ବଙ୍ଗଳା ସାହିତ୍ୟ ଚର୍ଚ୍ଚାରେ ଅଧିକ ମନୋନିବେଶ; କାଳିନ୍ଦୀଚରଣଙ୍କର ରୋମାଣ୍ଟିକ ଚିନ୍ତନ ସହ କିୟତ୍ ସମଦୃଷ୍ଟି କୈନ୍ଦ୍ରିକ ଏବଂ କିୟତ୍ ମାର୍କ୍ସ-ଗାନ୍ଧୀ ମିଳିତ କାବ୍ୟ-ଇସ୍ତାହାର ଏବଂ ବୈକୁଣ୍ଠଙ୍କର ଆଧ୍ୟାତ୍ମିକତା ଓ ଆଧିଭୌତିକତାର ଜୀବନଯାତ୍ରା ଭିତରେ ସବୁଜ ସାହିତ୍ୟ ବଦଳେଇ ଦେଇଥିଲା ତା'ର ଆତ୍ମିକ ଓ ଆଙ୍ଗିକ ପରିଚୟ; କାବ୍ୟ-ରୋମାଣ୍ଟିକତାର ପରିଧି ଭିତରୁ ଏ କବିମାନେ ବିଚ୍ଛିନ୍ନ ନହୋଇଥିଲେ ହେଁ ପ୍ରଥମ ନାମ-ରବୀନ୍ଦ୍ର ପ୍ରଭାବିତ ନବୀନ-ସବୁଜ କଲ୍ଲୋଳୀୟ ଭାବଧାରୁ ପୂର୍ଣ୍ଣତଃ ଅପସରି ନ ଆସିଥିଲେ ହେଁ ଏକ ମୌଳିକ ଏକକ କବିସ୍ୱର ଦେଇ ଉଦ୍‌ଭାସିତ ହୋଇଥିଲେ ଓଡ଼ିଆ କବିତାର ପ୍ରାଙ୍ଗଣରେ । ଅନୁରୂପ ଭାବରେ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର ମଧ୍ୟ ଚେତନାର ଯାତ୍ରା ସଙ୍ଗୀତରେ ଘଟିଥିଲା ଉତ୍ତରାୟଣ । ସେଥିରେ ଅବଶ୍ୟ ସଂଯୁକ୍ତ ଥିଲା ତାଙ୍କ ଜୀବନରେ ଆସିଥିବା ସଂଘର୍ଷ ଓ ବିପର୍ଯ୍ୟୟର ଛାପ; ସବୁଜ କବିତାର ମୂଳ ସ୍ରୋତରୁ କିଂଚିତ୍ ଓହରି ରୋମାଣ୍ଟିକ୍ ଭାବ ବଳୟର ବିଷାଦ ଓ ନବୀନତାର ଅପୂର୍ବ କାବ୍ୟ ପରଶ ସହ ଆଧ୍ୟାତ୍ମିକତା ଓ ରହସ୍ୟମୟ କାବ୍ୟଚିନ୍ତନରେ କବି ବୈକୁଣ୍ଠନାଥଙ୍କର

ଲେଖନୀ ହୋଇଉଠିଥିଲା ପ୍ରେମିଳ, ସରଳ ପୁଣି ମୁଖର ।

କବି ବୈକୁଣ୍ଠନାଥ ପଟ୍ଟନାୟକ କଟକ ଜିଲ୍ଲାର ବଡମ୍ବାଠାରେ ୧୯୦୪ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୭୯ ମସିହାରେ ମୃତ୍ୟୁବରଣ କରିଥିଲେ । ଛାତ୍ରଜୀବନରୁ ହିଁ ତାଙ୍କ ପ୍ରତିଭାର ପରିଚୟ ମିଳିଥିଲା । 'ଉତ୍ତରାୟଣ' ଏବଂ 'କାବ୍ୟ ସଂଚୟନ' ତାଙ୍କର ଦୁଇଟି ପ୍ରମୁଖ କବିତା ସଂକଳନ । କବି ବୈକୁଣ୍ଠନାଥ ପଟ୍ଟନାୟକ ଆଦ୍ୟ ଯୌବନରେ ଲେଖିଥିବା କବିତାଗୁଡ଼ିକ ଥିଲା ପ୍ରେମ-ପ୍ରଣୟରେ ଭରା । ପରବର୍ତ୍ତୀ ସମୟରେ ବିଭୁଚେତନା ସହିତ ରହସ୍ୟବାଦୀ କାବ୍ୟ ଚିନ୍ତନର ଉତ୍ତୀର୍ଣ୍ଣତା ପରିଲକ୍ଷିତ ହୋଇଥାଏ ବୈକୁଣ୍ଠଙ୍କ କବିତ୍ୱ ଭିତରେ । ତା'ର ପ୍ରଚ୍ଛନ୍ନରେ ବିଷାଦର କାରୁକାର୍ଯ୍ୟ କୁଶଳତା ବୈକୁଣ୍ଠଙ୍କ କବିତ୍ୱକୁ କରିଥିଲା ସାନ୍ଦ୍ର ପୁଣି ଭାବଗର୍ଭକ । ଏପରିକି ବୌଦ୍ଧଦର୍ଶନ ଓ ଅଭିବ୍ୟକ୍ତିରେ ବି ତାଙ୍କ କବିତା ଥିଲା ଏ ଭିନ୍ନ ଜଗତର ଦ୍ୟୋତକ । ଅନେକ ଆଲୋଚକ ତାଙ୍କ ସମ୍ପର୍କରେ ଅନେକ ଅଭିବ୍ୟକ୍ତି ରଖିଥିଲେ ମଧ୍ୟ ଏଠାରେ ମାୟାଧର ମାନସିଂହଙ୍କର ଅଭିମତକୁ ଉଲ୍ଲେଖ କରାଯାଇପାରେ : "ତରୁଣ ବୟସରେ ବୈକୁଣ୍ଠନାଥଙ୍କ କବିତାରେ, ଏପରି ଏକ ଉଷ୍ଣତା ଓ ସାଙ୍ଗୀତିକତା ଦେଖାଦେଇଥିଲା, ଯାହା ସ୍ମରଣ କରାଇଦେଉଥିଲା ଇଂରାଜୀ କବି ସେଲୀଙ୍କୁ । କିନ୍ତୁ ଦୁଃଖର କଥା ଯେ, ସେ ଅଗ୍ନିକଣା, ସେ ସ୍ୱତଃସ୍ଫୂର୍ତ୍ତି, ପ୍ରକାଶ ଅତି ଶୀଘ୍ର ଉଭେଇ ଗଲା ଓ ରଖିଗଲା ଗଦା ଗଦା 'ଡଗ୍‌ରେଲ୍' ବାଜେ କବିତା ।" (ପୃ-୩୧୫, ଓଡ଼ିଆ ସାହିତ୍ୟର ଇତିହାସ, ପରିମାର୍ଜିତ ନୂତନ ସଂସ୍କରଣ-୨୦୦୭) ମାନସିଂହଙ୍କର ଏହି 'ଡଗ୍‌ରେଲ୍' କହିବାର ଅଭିବ୍ୟକ୍ତି ପଛରେ ବୈକୁଣ୍ଠଙ୍କର ପ୍ରଗଳ୍‌ଭତା ଏବଂ ବିକ୍ଷିପ୍ତ କାବ୍ୟଚେତନାକୁ ହୁଏତ ଲକ୍ଷ୍ୟ କରାଯାଇପାରେ । ମାତ୍ର ଏତଦ୍‌ଭିନ୍ନ ମାନସିଂହଙ୍କର ଅନୁଶୀଳନ ଭିତରେ ଅବଶ୍ୟ ଅନୁଭବି ହେବ ଜଣେ ଆମରଣ କବିଙ୍କୁ । କବିତା ଯାହାଙ୍କର ଥିଲା ସାଧନ ଓ ସିଦ୍ଧିର ମୂଳ କେନ୍ଦ୍ର ଆଉ ଭିତ୍ତି ! କବିଙ୍କର ଜୀବନ, ଯୌବନ, ସ୍ୱପ୍ନ, ପ୍ରେମ ଏବଂ ପ୍ରଣୟକୁ ନେଇ ଯେଉଁ ସବୁ କବିତା ରଚନା କରାଯାଇଥିଲା ସେଥି ମଧ୍ୟରେ ତାଙ୍କ କବିତାଗୁଡ଼ିକ ଥିଲା ରହସ୍ୟମୟ ଓ ବିଷାଦପୂର୍ଣ୍ଣ । ଆଦ୍ୟ ଯୌବନରେ ରଚିତ ତାଙ୍କ କବିତାଗୁଡ଼ିକ ଯଦିଓ ଥିଲା ରୋମାଣ୍ଟିକ୍ ଚେତନାପୂର୍ଣ୍ଣ । ସପ୍ରସଙ୍ଗ 'ଯୌବନ ପୂଜା', 'ନିର୍ଜନ ଉପବନ', ପୌଷ ପବନ, ଶାରଦ ସ୍ପର୍ଶ ଓ କବି ପ୍ରେୟସୀ, ବର୍ଷା ସଙ୍ଗୀତ, ପ୍ରଣୟୀର ସ୍ୱପ୍ନ, ପ୍ରୀତି ଆବାହନ ପ୍ରମୁଖ କବିତାକୁ ସ୍ମରଣ କରାଯାଇପାରେ । ପ୍ରଣୟ, ରୋମାଣ୍ଟିକ ଭାବନା ମଧ୍ୟରୁ କ୍ରମେ କବି ବୈକୁଣ୍ଠନାଥ ଯାତ୍ରା କରିଛନ୍ତି ଏକ ଅଦୃଶ୍ୟ-ଜଗତ ମଧ୍ୟକୁ । ବାସ୍ତବ ଜଗତକୁ ଅଗ୍ରାହ୍ୟ କରି କଳ୍ପନାଲୋକରେ ବିଚରଣ କରୁକରୁ ବିଷାଦବାଦୀ ଏବଂ ରହସ୍ୟବାଦୀ ହୋଇ ଉଠିଛନ୍ତି । ଜୀବନର ଦୁଃଖ, ଦୈନ୍ୟ, ଉଦାସୀଭାବ, ନିରଶା ଭିତରେ ମୁକ୍ତିର ମାର୍ଗଖୋଜି ଈଶ୍ୱରଙ୍କ କୃପା ଲୋଡ଼ିଛନ୍ତି । ବିଭୁପ୍ରେମରେ ପଡ଼ି ଆତ୍ମସମର୍ପଣ କରିଛନ୍ତି ଅଦୃଶ୍ୟଶକ୍ତି ନିକଟରେ । ଦୀର୍ଘଦିନ ଧରି ତାଙ୍କୁ ଏହି ଭକ୍ତିଭାବନା ଏବଂ ଈଶ୍ୱରାନୁଭକ୍ତି କବଳିତ କରି ରଖିଛି । ଯାହାଫଳରେ ତାଙ୍କର କବିତାଗୁଡ଼ିକର ମୁଖ୍ୟ ଭାଗ ଭକ୍ତି ଏବଂ ଆତ୍ମସମର୍ପଣାତ୍ମକ । ୧୯୨୯-୧୯୪୩ ମସିହା ମଧ୍ୟରେ ରଚିତ ତାଙ୍କର କବିତାଗୁଡ଼ିକରେ ଏହି ଈଶ୍ୱରୀୟ ଭାବନା ଦେଖିବାକୁ ମିଳେ । ବୈକୁଣ୍ଠନାଥଙ୍କ କଥା ସ୍ମରଣକୁ ଆସୁ ଆସୁ ସ୍ୱତଃ ସ୍ମରଣକୁ ଆସିଥାଏ ତାଙ୍କର 'ଯାତ୍ରାସଙ୍ଗୀତ' କବିତାର ବିମଳ ଆଧାତ୍ମିକତା ଏବଂ ଅଭିଭୂତ କରିପକାଏ ସମଗ୍ର ଅନ୍ତରାତ୍ମାକୁ । ଆଉ ତା'ରି ସହିତ ତାଙ୍କର କନ୍ୟା ସୁନନ୍ଦା ପଟ୍ଟନାୟକଙ୍କର ବୀଣାକଥା ଗମ୍ଭୀର ଆଧାତ୍ମିକତାରେ ଉବୁଟୁବୁ ସଂଗୀତର ଅପୂର୍ବ ଲହର । ଯାହା 'ଯାତ୍ରାସଙ୍ଗୀତ' କବିତାକୁ ଆକାଶବାଣୀ ମାଧ୍ୟମରେ କରିଥିଲା ଅଧିକ ଲୋକପ୍ରିୟ । କବିତାଟି 'ଶେଷଗୀତି' ଭାବେ ଯେତେ ପରିଚିତ ନୁହେଁ ତା'ଠାରୁ ଅଧିକ ପରିଚିତ ତା'ର ବିକଳ୍ପ ନାଁ 'ଯାତ୍ରାସଙ୍ଗୀତ' ଭାବରେ । 'ଯାତ୍ରାସଙ୍ଗୀତ' ମୁଖ୍ୟତଃ ଏହା ଏକ ରହସ୍ୟବାଦୀ କବିତା । କବିତାଟିରେ କବି ଈଶ୍ୱରଙ୍କ ନିକଟରେ ସମର୍ପଣ କରି ବିଗତ ଜୀବନର ସମସ୍ତ ଆସକ୍ତିରୁ ମୋହଭଙ୍ଗର ସୂଚନା ଦେଇଛନ୍ତି । କବିଙ୍କର ଏହି କବିତାଟି ଯେତେ ଦାର୍ଶନିକତାରେ ଭରା; ସେତେ ବିଷାଦରେ; ପୁଣି ଚରମ ରହସ୍ୟମୟତାରେ ପୁଣି ପ୍ରମତ୍ତ ଆନନ୍ଦବୋଧରେ ସିକ୍ତ; ପରମ ଭୋକ୍ତା ଭାବେ କବି ଦେଖାଇଛନ୍ତି ଭାକ୍ତିକତାର ପରାକାଷ୍ଠା । ସବୁକିଛି ପ୍ରାପ୍ତିର ଜୀବନରେ ଅପ୍ରାପ୍ତି ବୋଲି କ'ଣ ରହିଛି ତଥା ସମଗ୍ର ସଚରାଚରରେ ଯାହା ଅଛି ସବୁକିଛି ସେହି ବିଶ୍ୱନିୟନ୍ତାଙ୍କର ଭଳି ପ୍ରଚଣ୍ଡ ଆତ୍ମସମର୍ପଣର ଭାକ୍ତିକତାର ସ୍ୱର ବେଶ୍ ବଳିଷ୍ଠ କବିଙ୍କର ଶେଷଗୀତିରେ :

"ଜୀବନ ପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କି ହେ ଆଉ ?
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ"

କବି ପରମ ପ୍ରଭୁଙ୍କୁ ପ୍ରାର୍ଥନା ସମ କୃତଜ୍ଞତା ପ୍ରକାଶ କରିଛନ୍ତି ଯେ ଯେପରି ତାଙ୍କର ଜୀବନ ରୂପକ ପାତ୍ର ପରିପୂର୍ଣ୍ଣ ହୋଇପାରିଛି । ଜୀବନର ସୁଖ-ଦୁଃଖ ରୂପକ ଅନେକ ଅଭିଜ୍ଞତାରୁ ସେ ମୋହମୁକ୍ତ

ହୋଇଛନ୍ତି । ଈଶ୍ୱରଙ୍କ ନିକଟରେ ତାଙ୍କର କୃତଜ୍ଞତା ବ୍ୟତୀତ ଅନ୍ୟ କୌଣସି ଅଭିଯୋଗ ନାହିଁ । ବରଂ ଈଶ୍ୱରଙ୍କ କୃପା ସାଗରରେ ତାଙ୍କର ଅବଶିଷ୍ଟ ଜୀବନ ଅବଗାହିତ ହୋଇ ପାରି ହୋଇଯାଉ ସେହି ଅନାମୟ ଧାମକୁ ବୋଲି ପ୍ରାର୍ଥନା କରିଛନ୍ତି । ଆସକ୍ତି ଭରା ସଂସାର ଏବଂ ମାୟା/ମୋହ ମୁକ୍ତ ଜୀବନର ଅସାରତାକୁ ଉପଲବ୍ଧି କରିପାରିଥିବା କବି ତାଙ୍କର ଏ ଅଳ୍ପକାଳର ଜୀବନ ପ୍ରତି କୌଣସି ମୋହ ନରଖି ଏକ ଦିବ୍ୟ ଜୀବନ ପ୍ରତି ଆଶାୟୀ ହୋଇଛନ୍ତି ।

ଏହି ଜୀବନର ଯାତ୍ରାପଥରେ କେତେ ଯେ ଆତ୍ମୀୟ, ସ୍ୱଜନ, ପ୍ରିୟଜନଙ୍କୁ ପ୍ରଭୁ ଆଣି ତାଙ୍କୁ ଭେଟାଇଛନ୍ତି ଏବଂ ପୁଣି ହରଣ କରିନେଇଛନ୍ତି । ଈଶ୍ୱରଙ୍କ ଲୀଳା ସମ୍ପର୍କରେ ସଚେତନ ନଥାଇ ସେ ହୃଦୟରେ ଭିଡ଼ି ଧରିଛନ୍ତି ସମ୍ପର୍କର ଡ଼ୋରମାନଙ୍କୁ । ହେଲେ ସେ ନିଜର ଅଜ୍ଞାନତାକୁ ସେହି ବିଭୁଙ୍କ କୃପାରୁ ବୁଝି ପାରିଛନ୍ତି । ବୁଝିଛନ୍ତି ମଧ ଚେତନାର ଅଗ୍ରଗତି ନିମନ୍ତେ ଏ ସମସ୍ତ ଆତ୍ମୀୟ ରୂପକ ପଥଚାରୀମାନଙ୍କ ଭୂମିକାକୁ । ସମସ୍ତ କିଛି ଗତିଶୀଳ । ଆଗକୁ ବଢିଚାଲିବା ହିଁ ନିୟତି । ସୁଖ ଦୁଃଖ କେବଳ ଅଗ୍ରଗତିର ବାହକ ମାତ୍ର । ଏହାହିଁ ତାଙ୍କର ଉପଲବ୍ଧି :

"କୂଳର ଜନପ୍ରାଣୀ କେତେ ମିଳାଅ ଆଣି,
ନୟନ ପଲକରେ ଲୁଚାଅ ଜାଣି ଜାଣି
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି,
ମରତ ପ୍ରବାସୀ ମୁଁ ନଜାଣି ଆଣେ ।"

ଭାଗବତରେ ଆତ୍ମାକୁ ପକ୍ଷୀ ସହିତ ତୁଳନା କରାଯାଇଛି । ଅନୁରୂପ ଭାବରେ 'ପକ୍ଷୀ' ବା 'ହଂସ' ହେଉଛି ଜୀବନର ପ୍ରତୀକ । ତଥା ତା'ର ମଧ ନିର୍ଦ୍ଦିଷ୍ଟ ଏକ ଆଗମନ ଓ ପ୍ରସ୍ଥାନ ରହିଛି । କବି ଏଠାରେ ନିଜକୁ ମାନସ ହଂସଟିଏ ବୋଲି ଅନୁଭବ କରି ମୁକ୍ତିର ପଥରେ ଉଡ଼ିଯିବାକୁ ଚାହିଁଛନ୍ତି । ଅଜ୍ଞାନ ଓ ଅନ୍ଧକାର ମଧରେ କାମନା ଓ ବାସନାର ମୋହରେ ବେଶୀଦିନ ଛନ୍ଦି ହେବାକୁ ସେ ଜନ୍ମି ନାହାନ୍ତି । ମନପକ୍ଷୀ ତାଙ୍କ ପଥହରା ନହୋଇ ନିଜ ଲକ୍ଷ୍ୟମାର୍ଗରେ ଉଡ଼ିଯିବ ଦିନେ ଏ ସମ୍ପର୍କରେ ସେ ଆଶାବାଦୀ ଏବଂ ଦିବ୍ୟକୃପା ପ୍ରାର୍ଥୀ । ନିଜ ରଚିତ ମୋହ-ଜାଲରେ ପଡ଼ିରହିବାକୁ ସେ ଚାହିଁ ନାହାନ୍ତି । ନିଜ କ୍ଷୁଦ୍ର କଳେବର, ତଥା କିଂତ କ୍ଷୁଧା-ତୃଷ୍ଣା ପାଇଁ ଅଜ୍ଞାନ ବଶତଃ ସେ ଆସକ୍ତ ହୋଇଛନ୍ତି ସତ, ମାତ୍ର ଈଶ୍ୱରୀୟ ପ୍ରେମସୁଧା ଲାଭ କଲାପରେ ସବୁ କିଛି ତାଙ୍କୁ ମନେହୋଇଛି ତୁଚ୍ଛ । ମନ-ଆତ୍ମା-ପକ୍ଷୀ ତାଙ୍କ ଲଙ୍ଘି ଯିବାକୁ ଚାହେଁ ଏ ମର୍ତ୍ତ୍ୟ ରୂପକ ପାରାବାର ଏବଂ ଉତ୍ତୁଙ୍ଗ ହିମଗିରି । ନିଜ ରଚିତ ମାୟାଜାଲରେ ଛନ୍ଦି ହେଲେ ସେ ଏହି ଅଜ୍ଞାନତା ଭରା ସଂସାରରେ ଯେ ତାଙ୍କୁ ମୁକ୍ତି ମିଳିପାରିବ ନାହିଁ ତାହା ସେ ଅନୁଭବିଛନ୍ତି । 'ଯାତ୍ରାସଙ୍ଗୀତ' କବିତାର ସବୁଜ ପ୍ରାଣ କବି ଈଶ୍ୱରୋନ୍ମୁଖୀ ହୋଇଉଠିଥିବା ଲକ୍ଷ୍ୟ କରାଯାଏ । ଦିବ୍ୟକୃପା ବଳରେ ଅନ୍ତରାତ୍ମା ତାଙ୍କର ପୂର୍ଣ୍ଣ ହୋଇଉଠିଥିବା ଅନୁଭବ କରି ବାରମ୍ବାର ସେ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ସ୍ୱୀକାର କରିଛନ୍ତି:

"ମାନସ ହଂସ ମୁଁ ମାନସେ ଯିବି ଉଡ଼ି,
ମୋ ଦୋଷେ ପଥହୁଡ଼ି ଭରମେ ଅବିରତ,
ଅଳପ ତୃଷ୍ଣା କ୍ଷୁଧା ଲଭି ତୁମରି ସୁଧା,
ତୃପତ ହେଲା, କେବେ ଲୋଡଇଁ ଏ ମରତ !
ନିଜ ବାସନା ଜାଲେ ବିକଳ ବିଧୃତ
ତିମିର ଅଜ୍ଞାନେ ମିଳେ କି ଅମୃତ ?

ଅମୃତର ସନ୍ତାନ ମାନବ; ଅଦିବ୍ୟ ଧାମରେ ଅମୃତର ସନ୍ଧାନ କଲେ ତାହା ପ୍ରାପ୍ତ ହୋଇ ନଥାଏ; କେବଳ ଭ୍ରମରେ ପଡ଼ିବା ହିଁ ସାର ହୋଇଥାଏ । ଜଗତର ସକଳ ସୁଖ, ସୌନ୍ଦର୍ଯ୍ୟ, ପ୍ରେମ ଓ ପ୍ରଣୟ ମଧରେ ପ୍ରଚ୍ଛନ୍ନରେ ଲୁଚି ରହିଛି ମୋହମୁକ୍ତି ନିମନ୍ତେ ପ୍ରେରିତ କରେଇ ନେଉଥିବା ବେଦନାଟିଏ । ଯାହା ଜ୍ଞାନର ସ୍ପର୍ଶ ପାଇଲା ମାତ୍ରେ ଉପଲବ୍ଧି ହୁଏ । କବି ଯଦିଓ ସେହି ମାୟାଜାଲରେ ଘାରି ହୋଇଛନ୍ତି, ତଥାପି ଖୁବ୍ ଶୀଘ୍ର ମୋହମୁକ୍ତ ମଧ ହୋଇଛନ୍ତି । ସଂସାର ବିପଣୀରେ ମୋହମାୟା ରୂପେ ଲୁଚି ରହିଥିବା ମହାକାଳ ବା ମୃତ୍ୟୁକୁ ଚିହ୍ନି ନପାରି; ସେଥିରେ ଲିପ୍ତ ରହି ନିଜର ବୃଥା ଅହଂକାର ଓ ଆତ୍ମବଡ଼ିମା ପିଷ୍ଟ ହୋଇଥିବାରୁ ଅନୁତପ୍ତ ହୋଇଛନ୍ତି । ପାର୍ଥିବ ଜଗତର କ୍ଷଣଭଙ୍ଗୁରତା ତାଙ୍କୁ ବିଷାଦବାଦୀ କରିଦେଇଛି:

"ପଉଷ ତରୁ ମୁଁ ଗୋ ପଳିତ ମୋ ପତର
ନିରାଶା ପରଷରେ ଝରିଛି ଅକାଳରେ,
ନାହିଁ ତ ତେବେ ତିଳେ ଶୋଚନା ଖେଦ ମୋର
ହୃଦୟମଣି ମୋର ସାଗର ଅତଳରେ
ପରାଣ କୁଞ୍ଜେ ତାର ମୁରଲୀ ଧ୍ୱନି ।
ପରାଣ ପବନ ଗୋ ତା ଶୁଭ ଆଗମନୀ ।"

କବି ନିଜକୁ ପଉଷ ମାସର ତରୁ ପରି ଧୀରେ ଧୀରେ କ୍ଷୟଶୀଳ ହେଉଥିବା ଅନୁଭବ କରି ଶୁଖିଲା ପତ୍ର ସମ ନିରାଶାରେ ଝଡ଼ିଯିବା ପରି ଅନୁଭବ କରିଛନ୍ତି ଅକାଳରେ । ଭଗବତ୍‌ଗୀତାର ଦ୍ୱିତୀୟ ଅଧ୍ୟାୟର ଦ୍ୱାବିଂଶ ଶ୍ଳୋକ : " ବାସାଂସୀ ଜୀର୍ଣ୍ଣାନି ଯଥା

ବିହାୟ/ନବାନି ଗୃହ୍ଣାତି ନରୋପରାଣି ।/ତଥା ଶରୀରାର୍ଣ ବିହାୟ ଜୀର୍ଣ୍ଣା/ ନ୍ୟନ୍ୟାନି ସଂୟାତି ନବାନି ଦେହୀ" ଅର୍ଥାତ୍ ଯେପରି ମନୁଷ୍ୟ ଜଗତରେ ପୁରାତନ ଜୀର୍ଣ୍ଣ ବସ୍ତ୍ରକୁ ତ୍ୟାଗ କରି ଅନ୍ୟ ନବୀନ ବସ୍ତ୍ର ଗ୍ରହଣ କରିଥାଏ; ଠିକ୍ ସେହିଭଳି ଜୀବାତ୍ମା ପୁରାତନ ଶରୀରକୁ ତ୍ୟାଗ କରି ନୂତନ ଶରୀର ଧାରଣ କରିଥାଏ । ଏହି ଆଧ୍ୟାତ୍ମିକ ଜୀବନଚକ୍ରର ପ୍ରସଙ୍ଗଟିକୁ କବି ଆପଣାର କାବ୍ୟିକ ଅଭିବ୍ୟକ୍ତିରେ ଦେଇଛନ୍ତି ନୂତନ ରୂପ । ତେଣୁ ଅପସରି ଆସୁଥିବା ଜୀବନର ଅଭିବ୍ୟକ୍ତି ଭାବେ 'ପଉଷର ତରୁ' ଏବଂ 'ପଳିତ ପତର' ଭଳି ସାଂକେତିକ ଶାବ୍ଦିକ ରୂପକଳ୍ପ ମାଧ୍ୟମରେ କବି ଜୀବନର ଉତ୍ତରାୟଣ, ଅତିକ୍ରମଣ ଏବଂ ନୂତନତାର ସମ୍ଭାବନାର ଦିଗନ୍ତକୁ ଉପଲବ୍ଧି କରିଛନ୍ତି । ସେହିଭଳି ମଧ୍ୟ ସେହି ନିରାଶା ମଧ୍ୟରେ ଆଲୋକ ବର୍ତ୍ତିକାଟିଏ ଜାଳି ଦେଇଛି ନିଜେ ନିଜ ଅନ୍ତର ମଧ୍ୟରେ ବାସ କରୁଥିବା ହୃଦୟମଣି ସମ୍ପର୍କରେ ସଚେତନ ହୋଇ ଥିବାରୁ ବୋଲି କବି ଉପଲକ୍ଷ୍ୟ କରିଛନ୍ତି । ବାହ୍ୟ ଚାକଚକ୍ୟଭରା ସଂସାରରେ ଯେଉଁ ମଣିର ବା ସୁଖର ସନ୍ଧାନ ସେ ପାଇପାରି ନାହାନ୍ତି । ତାହା ସେ ହୃଦୟର ଅତଳ ସାଗରରେ ଠାବ କରିଛନ୍ତି । ନିଜ ପରାଣ କୁଂଜରେ ପରମସତ୍ତାଙ୍କ ମୂରଲୀ ଧ୍ୱନିକୁ ସେ ଶୁଣି ପାରିଛନ୍ତି । କବିତାର ଉତ୍ତରଣ ମଧ୍ୟରେ କବି ନୈରାଶ୍ୟବାଦୀରୁ କ୍ରମଶଃ ଆଶାବାଦୀ ହୋଇଉଠିଛନ୍ତି । ଯାହାକି ତାଙ୍କର ଆଧିଭୌତିକ ଉତ୍ତରଣର ଉପଲବ୍ଧି ବୋଲି ଅଭିହିତ କରାଯାଇଥିଲା । ମୁକ୍ତିର ଶେଷ ସନ୍ଧାନଟିଏ ପାଇ ଆଶ୍ୱସ୍ତ ଅନୁଭବ କରିପାରିଛନ୍ତି କବି । କସ୍ତୁରୀ ମୃଗସମ ନିଜ ମଧ୍ୟରେ ଥିବା ସୁଗନ୍ଧକୁ ଜାଣି ନପାରି ଅକାରଣେ ଅନେକ ଘାରିହେବା ପରେ ଅମୃତମୟଙ୍କ ସନ୍ଧାନ କରିଛନ୍ତି ନିଜ ମଧ୍ୟରେ । ଯାହା ତାଙ୍କୁ ତୀବ୍ର ଆଶାବାଦୀ କରିତୋଳିଛି । ସେ ବୁଝିପାରିଛନ୍ତି ଯେ ଜୀବନର ଯେତେ ସବୁ ଦେଣାପାଉଣା ସେହି ଲୀଳାମୟଙ୍କର ହିଁ ଭିଆଣ । ସେହି ସବୁ କରି କରାଇ ଅଛନ୍ତି । ସେହି ପରମ ପ୍ରଭୁ ହିଁ ପରମ ଦୟାଳୁ । ସେହି ସମସ୍ତ କାର୍ଯ୍ୟ-କାରଣ, ଅସ୍ତି-ନାସ୍ତି ଆଉ ଜୀବନ-ମରଣର ଅସଲ ରହସ୍ୟ । ତେଣୁ ତାଙ୍କରି ପାଖରେ ଆତ୍ମସମର୍ପଣ ହିଁ କବିଙ୍କର କାମ୍ୟ । କବି ଉପଲବ୍ଧି କରିଛନ୍ତି ବିଭୂସ୍ପର୍ଶ ପାଇ ତାଙ୍କର ଜୀବନରୂପି ଜୀର୍ଣ୍ଣ ପଉଷ ତରୁ ପୁନଶ୍ଚପଲ୍ଲବିତ ହୋଇଉଠିବ । ଆଉ ତେବେ କି ଶୋଚନା!:

"ଜୀବନେ ଦେବା ନେବା ଭିଆଣ ସବୁ ତା'ର
ସେ ମହାଦାନୀ ହସେ ପରାଣେ ଦେଖୁ ନାହୁ ?
ତା' ପରଷେ ପଉଷ ଜୀର୍ଣ୍ଣ ଜୀବ ତରୁ
ପଲ୍ଲବିତ ଆହା ଶୋଚନା କିବା ଆଉ ?"

କବିତାଟିର ଏହି ପ୍ରସଙ୍ଗରେ କବିଚେତନାର ରୂପାନ୍ତରଣକୁ ସ୍ପଷ୍ଟ ଲକ୍ଷ୍ୟ କରିହୁଏ । ମନୁଷ୍ୟ ଅଜ୍ଞାନ ସତ ହେଲେ ଚିରକାଳ ଅଜ୍ଞାନତାରେ ଘୂରିବୁଲିବା ତା'ର ଭବିତବ୍ୟ ନୁହେଁ; କବି ଏହି ପଂକ୍ତିରେ ସେକଥାଟିକୁ ସ୍ପଷ୍ଟ କରିଦେଇଛନ୍ତି । ତେଣୁ କବି ଅନ୍ତର ପୁଲକିତ ହୋଇଉଠିଛି । ମୁକ୍ତିର ଦ୍ୱାର କ୍ରମେ ନିକଟରେ ବୋଲି ଆଶ୍ୱସ୍ତ ହୋଇଛନ୍ତି ସେ । ପାପପଙ୍କିଳ ଭରା ମର୍ତ୍ତ୍ୟଧାମରୁ ସେହି ପରମ ପ୍ରଭୁ ହିଁ ତାଙ୍କୁ ଉଦ୍ଧାର କରିବେ ତାହା ତାଙ୍କୁ ଆଶ୍ୱସ୍ତ ତଥା ଆନନ୍ଦିତ କରିଛି । କବି ପୁଲକିତ ହୋଇ ଗାଇଉଠିଛନ୍ତି:

"ଚାଲରେ ଚାଲ ମନ ନିତ୍ୟ ମଧୁବନ
ଦେଖିବୁ ପ୍ରିୟ ରାସ, ଅଦୂରେ ଗୋଲକରେ,
ଅଦୂର ପଥେ ଆଜି ମିଳନ ତା'ର ସାଥେ
ବିଜୟ ରଥେ ତୋର ଜୀବନ ଆଲୋକରେ ।"

ଥରେ ଜୀବର ଅନ୍ତଃସ୍ଥଳରେ ବିରାଜିତ ଥିବା ଚୈତ୍ୟସତ୍ତା ବା ଅନନ୍ତ ସତ୍ତା ସମ୍ପର୍କରେ ଜାଗିଉଠିଲେ, ସବୁ ବାଧା, ବିଘ୍ନ,ଦ୍ୱନ୍ଦ୍ୱ ଆପେ ମିଳେଇ ଯାଏ । ଘନ କୁହେଳି ଘେରା ପଥ ଆଲୋକସ୍ପର୍ଶରେ ସ୍ପଷ୍ଟ ଦେଖାଗଲା ପରି ଜୀବର ଗନ୍ତବ୍ୟ ପଥ ପରିଷ୍କାର ହୋଇଉଠେ; ସିଧା ସଳଖ ଅନ୍ତରାତ୍ମାର ଜାଗ୍ରତ ହେଲା ପରେ । ଶ୍ରୀଅରବିନ୍ଦଙ୍କ ଦର୍ଶନ ଅନୁରୂପ ଏଠାରେ କବିଙ୍କ ଚେତନାରେ ସ୍ପଷ୍ଟ ଅନୁଭବ ବାରି ହୋଇପଡ଼େ । ଦିବ୍ୟକୃପା ବଳରେ ଏବଂ ବ୍ୟକ୍ତିର ସଚେତନ ଆସ୍ପୃହା ଫଳରେ ସେ ଦିନେ ତା'ର କ୍ଷୁଦ୍ର ସତ୍ତାରୁ ମୁକ୍ତହୋଇ ବୃହତ୍ତର ଏବଂ ଅନନ୍ତସତ୍ତାଙ୍କ ସହ ଲୀନ ହୋଇ ପାରିବ ତା'ର ସମ୍ଭାବନା ସମୂହ ନିଜ ମଧ୍ୟରେ ହିଁ ରହିଛି । କେବଳ ସଚେତନତା ଏବଂ ଆସ୍ପୃହା ଆବଶ୍ୟକ । ବ୍ୟାକୁଳତା ବି ଲୋଡ଼ା, ଯାହା କବି ବୈକୁଣ୍ଠନାଥଙ୍କ ଅନ୍ତରରେ ଜାଗ୍ରତ ହୋଇଛି । ସେ ଶାନ୍ତିର ସନ୍ଧାନ ପାଇଛନ୍ତି ବିଭୁଙ୍କ ଚରଣ ତଳେ । ତେଣୁ ବ୍ୟାକୁଳିତ ସେ ପରମଙ୍କ ସ୍ପର୍ଶ ପାଇଁ:

"ଧନ୍ୟ ହେବୁ ଆଜି ପୁଣ୍ୟ ଦରଶନେ,
କ୍ଷୁର୍ଣ୍ଣ ସବୁ ପାପ ଦୁଷ୍କୃତିର ରାହୁ ।
ଜୀବନ ଦେବତା ମୋ ଜୀବନ ପଥେ ବିଜେ,
ତରଣୀ ମୋର ତା'ର ସାଗରେ ବହିଯାଉ ।"

କବି ପରମ ଆନନ୍ଦରେ ଗାଇ ଉଠିଛନ୍ତି ପରମ ପୁରୁଷଙ୍କ କରୁଣା ଏବଂ ଲୀଳାମୟତାକୁ । ତାଙ୍କର ପୁଣ୍ୟ ଦର୍ଶନରେ ଧନ୍ୟ

ହୋଇଯାଇଥିବା କହିଛନ୍ତି କବିତାରେ । ଗୁଣିଆର ସ୍ପର୍ଶରେ ବିଷ ଝଡିଗଲା ପରି ସତେକି ଈଶ୍ୱରଙ୍କ ସ୍ପର୍ଶରେ ସବୁ ପାପ-କଳୁଷତା ତାଙ୍କର ଧୋଇ ହୋଇଯାଇଛି । ଦୃଷ୍ଟିତିର ରାହୁ ତାଙ୍କୁ ମୁକ୍ତ କରିଦେଇଛି, ଏହି ସକଳ ଆଶା ତାଙ୍କୁ ପୁଲକିତ କରିଛି । ଜୀବନ ଦେବତା କବିଙ୍କ ଜୀବନପଥରେ ବିଜେ କରିଛନ୍ତି, ଆଉ କି ଦୁଃଖ, କି ଶୋଚନା ଜୀବନ ତରଣୀ ତାଙ୍କ ଭବସାଗର ପାରି ହୋଇଯିବ ପରମେଶ୍ୱରଙ୍କ କୃପାରୁ । ଶ୍ରୀ ଅରବିନ୍ଦଙ୍କ 'ସାବିତ୍ରୀ'ର ଉକ୍ତି "All can be done if god touch is there" ଏଠାରେ ଅତ୍ୟନ୍ତ ପ୍ରଯୁଜ୍ୟ ମନେହୁଏ । ସବୁକିଛି ସମ୍ଭବ ଯଦି ଈଶ୍ୱରଙ୍କ ସ୍ପର୍ଶ ରହିଛି ଭଳି ଅଭିବ୍ୟକ୍ତି ବି ବେଶ୍ ଆସ୍ତିକତାରେ ପରିପୁଷ୍ଟ ଯଥୋଚିତ ।

କବି ବୈକୁଣ୍ଠନାଥଙ୍କର କବିତାର ଏହି ଶେଷ ପଂକ୍ତି ଭିତରେ ପୁନଶ୍ଚ ସେଇ ଆକୁତି ଯେ: ତାଙ୍କର ଜୀବନ ରୂପକ ନୈକାଟି ତା'ର ଉତ୍ତରିତ ପରିଣତି ଆଡ଼କୁ ସ୍ୱଚ୍ଛନ୍ଦରେ ପ୍ରବାହିତ ହୋଇ ଅନନ୍ତଗମ୍ୟକୁ ଯାତ୍ରା କରୁ । ବୈକୁଣ୍ଠଙ୍କର ଏ ଅଭିବ୍ୟକ୍ତିରେ ଭରି ରହିଛି ଅନ୍ତହୀନ ଆତ୍ମ ସମର୍ପଣ ଅନନ୍ତ ପ୍ରମାଣବୋଧ; ଯାହା ଭାରତୀୟ ଦାର୍ଶନିକ ଓ ଆଧ୍ୟାତ୍ମିକ ପରମ୍ପରାରବାହକ ଅଟେ ।

ଅତୀତରେ ବୈକୁଣ୍ଠନାଥଙ୍କର ଏ କବିତାଟି ଅନେକ ପ୍ରେକ୍ଷାରେ ଆଲୋଚିତ ହୋଇଛି । ଆଉ ଯେତେ ଆଲୋଚିତ ହୋଇଛି; ସେତେବେଶୀ ଭାବଗମ୍ଭୀର ହୋଇଉଠିଛି ତାଙ୍କର କାବ୍ୟାଭିବ୍ୟକ୍ତି । ସପ୍ରସଙ୍ଗ ରବୀନ୍ଦ୍ରନାଥ ଠାକୁରଙ୍କର ରାଗ-ରାମକେଲୀ, ତାଳ-ଦାଦରାରେ ୧୯୩୯ ମସିହାରେ ଲିଖିତ "ଆମାର ଜୀବନପାତ୍ର ଉଚ୍ଛୁଲିଗୟା" ଗୀତଟିକୁ ଉଦ୍ଧାର କରାଯାଇପାରେ । ଯାହାର ଆରମ୍ଭ ଓ ଶେଷର ଦୁଇଟି ପଂକ୍ତି ବେଶ୍ ସମତା ରଖେ ଯାତ୍ରାସଂଗୀତର ଅଭିବ୍ୟକ୍ତିରେ : "ଆମାର ଜୀବନପାତ୍ର ଉଚ୍ଛୁଲିୟା ମାଧୁରୀ କରେଚୁ ଦାନ.../ତୁମି ଦାନ ନାଇ, ତୁମି ଜନ ନାଇ,/ ତୁମି ଜାବନାଇ ତାର ମୂଲ୍ୟେର ପରିମାଣ/ଘଙ୍ଘ ବିଦାୟ ନେବାର ସମୟ ଏ ବାର ହଲ.../ ମଧୁର ମରନେ ପୂର୍ଣ୍ଣ କରିୟା ସାଂପିଆ ଯାବ ପ୍ରାନ ଚରନେ ।/ ଘଙ୍ଘ ତାର ଗୋପନେ ବ୍ୟଥାର ନୀରବ ରାତ୍ରି ହୋକ ଆଜ ଅବସାନ ।"

ରବୀନ୍ଦ୍ରଙ୍କର ଏହି କବିତାରେ 'ଜୀବନ ପାତ୍ରକୁ ଉଚ୍ଛୁଳାଇ ଯେଉଁ ଜୀବନ ମାଧୁରୀ ପାନ କରିବାର କଥା ସହ ବିଭୁପ୍ରତି ଯେଉଁ କୃତଜ୍ଞତା ରହିଛି; ତାର ପରୀପୂର୍ଣ୍ଣତା ଓ ଆତ୍ମ ସମର୍ପଣବୋଧରୁ କବି ଜୀବନର ସମଗ୍ର ଗୋପନ ବ୍ୟଥାକୁ ନୀରବ ରାତ୍ରି ମଧ୍ୟରେ ପ୍ରସନ୍ନ ଚିତ୍ତରେ ମୁଦ୍ରିତ ଚକ୍ଷୁ ବିହୁନେ ଅବସାନ ହେଉ ବୋଲି ଅଭିବ୍ୟକ୍ତିର ସମଗ୍ରତାର ରହସ୍ୟମୟ ଜୀବନ ସଂଗୀତର ଉନ୍ମୀଳନ ବୈକୁଣ୍ଠର ଭାକ୍ତିକ ପରମ ଆକୁତି ଭିତରେ ପ୍ରାୟତଃ ଏକୀଭୂତ ଏବଂ ସମାନ୍ତରିତ । ଦୁଇ ବଳିଷ୍ଠ ଆଧ୍ୟାତ୍ମବାଦୀଙ୍କର ଦାର୍ଶନିକ, ଆଧ୍ୟାତ୍ମିକ, ଭାକ୍ତିକ ବିଭୁବୋଧର ଜିଜ୍ଞାସା ଓ ପ୍ରତ୍ୟାଶା ବେଶ୍ ଏକାତ୍ମ !

ବୈକୁଣ୍ଠନାଥ ପଟ୍ଟନାୟକଙ୍କର କାବ୍ୟଚିନ୍ତନ ଏବଂ ଉତ୍ତରାୟଣର ଏକ ସମଷ୍ଟିଭୂତ ଏକକ ଭାବେ 'ଯାତ୍ରାସଙ୍ଗୀତ' କବିତାଟିକୁ ଗ୍ରହଣ କରାଯାଇପାରେ । ଏପରିକି 'ଯାତ୍ରାସଙ୍ଗୀତ'ର ଚିରକାଳିକ ଆସ୍ପୃହାର ପ୍ରଚ୍ଛନ୍ନରେ ସଂଯୁକ୍ତ ପାଂଚଟି ସ୍ୱତନ୍ତ୍ର ଅଭିବ୍ୟକ୍ତି ଅର୍ଥାତ୍ ବିବାଦବୋଧ, ରହସ୍ୟମୟତା, ଦାର୍ଶନିକତା, ଆଧ୍ୟାତ୍ମିକତା ସହିତ ଚିରନ୍ତନ ଆଶାବାଦ ବା ଆନନ୍ଦବୋଧକୁ ଏକତ୍ର ମିଶାଇ ଅନୁଧ୍ୟାନ କଲେ ହିଁ ଉପଲବ୍ଧି କରାଯାଇପାରିବ ବୈକୁଣ୍ଠନାଥଙ୍କର କାବ୍ୟାଭିବ୍ୟକ୍ତିକୁ ବୋଲି ଅକାତରେ ସ୍ୱୀକାର କରାଯାଇପାରେ ।

ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଳିଗୁଡ଼ା ମହାବିଦ୍ୟାଳୟ,
କୋରାପୁଟ

ISSN -2583-147X(P), **Vol.- 8, Issue No. VIII, November 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# କ୍ରୋଧ ରୂପକ ରୋଗର ନିବାରଣ

**ରୂପାଲିନ୍ ସାହୁ**

ଆମ୍ଭେମାନେ ଜାଣିରଖିବା ଉଚିତ୍ ଯେ ଆମେ ନିଜେ ହେଉଛେ ନିଜର ଅତିପ୍ରିୟ ବନ୍ଧୁ ଓ ସବୁଠାରୁ ବଡ଼ ଶତ୍ରୁ ମଧ୍ୟ । ଏପରି କହିବାର ତାତ୍ପର୍ଯ୍ୟ ହେଉଛି ଭଗବାନଙ୍କର ଏହି ସୃଷ୍ଟିରେ ମଣିଷ ହେଉଛି ଶ୍ରେଷ୍ଠଜୀବ । ନିଜେ ମନୁଷ୍ୟ ଚାହିଁଲେ ନିଜକୁ ଉନ୍ନତି କିମ୍ବା ଅବନ୍ନତି ଦିଗରେ ଆଗେଇ ନେଇପାରେ । କାରଣ ମଣିଷଠାରେ ନିଜ ମନ, ବିବେକ, ଚିନ୍ତାଧାରା ଓ ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ କରି ପାରିବାର ସାମର୍ଥ୍ୟ ରହିଛି । କିନ୍ତୁ ବେଳେ ବେଳେ ଏହି ସବୁ ଉପରେ ନିଜର ନିୟନ୍ତ୍ରଣ ନ ରଖି ପାରିବାରୁ ମଣିଷ ସାଜେ ନିଜେ ନିଜର ପରମ ଶତ୍ରୁ । ଏହି ସଂପର୍କରେ ଗୀତାର ଏକ ଶ୍ଳୋକରେ କୁହାଯାଇଛି :-

'ମହାଭୂତାନ୍ୟହଂକାରୋ ବୁଦ୍ଧିରବ୍ୟକ୍ତମେବ ଚ ।
ଇନ୍ଦ୍ରିୟାଣି ଦଶୈକଂ ଚ ପଂଚେନ୍ଦ୍ରିୟଗୋଚରାଃ ॥'

ଜ୍ଞାନେନ୍ଦ୍ରିୟ, ପଞ୍ଚମହାଭୂତ, ଅହଂକାର, ବୁଦ୍ଧି, ଅବ୍ୟକ୍ତ ମୂଳ ପ୍ରକୃତି, ଏଗାରଟି ଇନ୍ଦ୍ରିୟ ତଥା ପାଞ୍ଚ ଜ୍ଞାନେନ୍ଦ୍ରିୟ, ମନ ଏବଂ ପଞ୍ଚେନ୍ଦ୍ରିୟର ବିଷୟ ଦ୍ୱାରା କର୍ମର କ୍ଷେତ୍ର ଗଠିତ । କର୍ମ ଅନୁସାରେ ଫଳରେ ପ୍ରାପ୍ତି ସୁନିଶ୍ଚିତ ହୁଏ । ତେଣୁ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ କରିଲେ ଉନ୍ନତିର ମାର୍ଗ ପରିଷ୍କାର ହୋଇଯାଏ, କିନ୍ତୁ ଅନ୍ୟ ପକ୍ଷେ ଇନ୍ଦ୍ରିୟ ନିୟନ୍ତ୍ରଣାଧିନ ନ ହେଲେ ଜୀବନ ଦୁର୍ବିସହ ହୋଇପଡ଼େ । ପ୍ରତ୍ୟେକ ମଣିଷଙ୍କ ଠାରେ ସବୁ ଗୁଣ ଭିନ୍ନ ଭିନ୍ନ ପରିମାଣରେ ରହିଛି । ମନ୍ଦ ଗୁଣ ଗୁଡ଼ିକ କିପରି ଭଲ ଗୁଣ ଉପରେ ନିଜର ପ୍ରଭାବ ବିସ୍ତାର ନ କରି ପାରିବେ ସେଥିପ୍ରତି ସଜାଗ ରହିବା ଉଚିତ୍ । ସେହି ମନ୍ଦ ଗୁଣଗୁଡ଼ିକ ମଧ୍ୟରୁ କ୍ରୋଧ ହେଉଛି ସବୁଠାରୁ ଅଧିକ ଶକ୍ତିଶାଳୀ ଏବଂ ଅନ୍ୟ ସବୁ ଭଲଗୁଣ ଗୁଡ଼ିକୁ ନଷ୍ଟ କରିବାପାଇଁ ଯଥେଷ୍ଟ ମଧ୍ୟ ।

କ୍ରୋଧ ହେଉଛି ମଣିଷ ଭିତରେ ଥିବା ମଣିଷର ସବୁଠାରୁ ବଡ଼ ଶତ୍ରୁ ଯିଏକି ସବୁଠାରୁ ଅଧିକ ସେହି ମଣିଷର କ୍ଷତି କରେ ଯିଏ କ୍ରୋଧକୁ ହିଁ ନିଜର ପରମ ଅସ୍ତ୍ର ବୋଲି ମାନିନିଏ । ସେହି ବ୍ୟକ୍ତି ଅଜାଣତରେ ନିଜେ ନିଜର ବହୁତ କ୍ଷତି କରିଥାଏ । କାରଣ କ୍ରୋଧ ମଣିଷର ହିତାହିତ ଜ୍ଞାନକୁ ନଷ୍ଟ କରିଦିଏ, ବୁଝି ବିଚାରି କାର୍ଯ୍ୟ କରିବାର ଦକ୍ଷତାକୁ ଶେଷ କରିଦିଏ । ମଣିଷଟି କ୍ରୋଧ ରୂପକ ବିଷକୁ ପାନ କରି କରି ପାଲଟି ଯାଏ ବିଷଧର ସର୍ପ । ଏହି ବିଷ ଦ୍ୱାରା ସେହି ମଣିଷଟି ନିଜର ଓ ନିଜ ପାଖରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କର ମଧ୍ୟ କ୍ଷତି ଘଟାଇଥାଏ । କ୍ରୋଧ ରୂପ ଅଗ୍ନି ପାଖକୁ ଯିଏ ବି ଆସେ ସେ ତାକୁ ଜାଳିପୋଡ଼ି ଶେଷ କରି ପକାଏ । ଏହି କ୍ରୋଧ ରୂପକ ଅଗ୍ନି ବେଳେ ବେଳେ ଏତେ ଉଗ୍ର ରୂପ ନିଏ ଯେ ତାହା ପରବର୍ତ୍ତୀ ସମୟରେ ପଶ୍ଚାତାପର କୌଣସି ସୁଯୋଗ ମଧ୍ୟ ଦିଏ ନାହିଁ । ଏହି କ୍ରୋଧ ରୂପକ ମନ୍ଦ ଗୁଣକୁ ଯଦି ଆମ୍ଭେମାନେ କିଛି ପରିମାଣରେ ନିୟନ୍ତ୍ରଣ କରି ପାରିଲେ ତେବେ ଜୀବନରେ ସ୍ଥିରତା ଆଣିପାରିବା । ଏଥିପାଇଁ ପ୍ରଥମେ ନ ରାଗିବାକୁ ଇଚ୍ଛାଶକ୍ତି ଜାଗ୍ରତ କରିବା ଆବଶ୍ୟକ ତା' ପରେ ଯାଇ ଆମେ ଆମ ଭିତରେ ଥିବା କ୍ରୋଧରୂପକ କୁପ୍ରବୃତ୍ତିକୁ ନିୟନ୍ତ୍ରଣ କରିପାରିବା । ଏଥିପାଇଁ ମନସ୍ତତ୍ତ୍ୱବିତ୍‌ମାନେ ଅନେକ ଗୁଡ଼ିଏ ଉପାୟ ଖୋଜି ବାହାର କରିଛନ୍ତି । ଯଦି ଏକ ସାଧାରଣ ଲୋକ ଏହି ଉପାୟ ଗୁଡ଼ିକୁ ମାନେ ତେବେ ସେ ତା' ଜୀବନରେ ଅନେକ କିଛି ଭୁଲ୍ କରିବାକୁ ନିଜକୁ ରୋକି ଦେଇପାରିବ ।

ସର୍ବପ୍ରଥମେ ଆମେ ଜାଣିରଖିବା ଦରକାର ଯେ ଦୁନିଆରେ ଆମେ ଆମ ନିଜକୁ ସବୁଠାରୁ ଅଧିକ ଭଲ ପାଇଥାଉ । ତେଣୁ ରାଗିବା ସମୟରେ ଯଦି ଆମେ ଆମ ନିଜର ହେଉଥିବା

କ୍ଷତି ବିଷୟରେ ଭାବିବା ତେବେ ନିଜର କ୍ଷତି କରିବାକୁ ନିଜକୁ ଅଟକାଇ ପାରିବା । ପ୍ରକୃତରେ ଦେଖିବାକୁ ଗଲେ ଅନେକ ରୋଗର ମୁଖ୍ୟ କାରଣ କ୍ରୋଧ ଆସିବାକୁ ହିଁ କୁହାଯାଇଛି । ଏପରି କହିବାର ଯଥାର୍ଥତା ଏହି ଯେ ଯେଉଁ ସମୟରେ ଜଣେ ବ୍ୟକ୍ତିକୁ କ୍ରୋଧ ଆସେ ସେ ସମୟରେ ସେହି ବ୍ୟକ୍ତି ଶରୀରରେ ରକ୍ତ ସଂଚାଳନର ବେଗ ବହୁତ ପରିମାଣରେ ବଢ଼ି ଯିବା ଯୋଗୁଁ ହୃଦସ୍ପନ୍ଦନ ମଧ୍ୟ ବଢ଼ି ଯାଇଥାଏ । ଯାହାଦ୍ୱାରା ସେହି ବ୍ୟକ୍ତି ଉଚ୍ଚ ରକ୍ତଚାପ ତଥା ହୃଦଘାତର ମଧ୍ୟ ଶିକାର ହେବାର ସମ୍ଭାବନା ଅଛି । ମଣିଷ ଭିତରେ ଅନେକ ଭଲଗୁଣ ରହିଛି ସେ ଭିତରୁ କ୍ଷମା କରିବା ଏକ ମହତ୍ ଗୁଣ । ତେଣୁ ଅନ୍ୟର ଦୋଷର ଦୁର୍ବଳତାକୁ କ୍ଷମା କରିବା ଉଚିତ୍ । ଅନ୍ୟଜଣେ କିଛି ଭୁଲ୍ କରୁଥିବାର ଦେଖିଲେ ଆମକୁ କ୍ରୋଧ ଆସବା ସ୍ୱାଭାବିକ କିନ୍ତୁ ସେହି ସମୟରେ ନିଜକୁ କିଛି ସମୟ ପାଇଁ ନିୟନ୍ତ୍ରଣ କରିପାରିଲେ ଆମେ ଅଯଥା ରାଗିବାକୁ ନିଜକୁ ରୋକି ଦେଇପାରିବା । ଦୋଷ କରିଥିବା ବ୍ୟକ୍ତିଟିକୁ କ୍ରୋଧ ଆସିବା ସମୟରେ କିଛି ନ କହି କ୍ରୋଧ ଶାନ୍ତ ହେବାପରେ ସେହି କଥା ବୁଝାଇ କହିଲେ ଏହାର ଅନେକ ସୁଫଳ ଦେଖିବାକୁ ମିଳେ । କ୍ରୋଧକୁ ନିୟନ୍ତ୍ରଣାଧିନ କରିବାର ଆଉ ଏକ ଉପାୟ ହେଉଛି ସ୍ଥାନ ପରିତ୍ୟାଗ କରିବା । ବେଳେ ବେଳେ ଆମେ ଥିବା ସ୍ଥାନର ଲୋକମାନଙ୍କ ଦ୍ୱାରା କିଛି ଭୁଲ୍ ହୋଇ ଯାଇଥାଏ ଏବଂ ଆମକୁ ସେହି ସବୁ କାମଗୁଡ଼ିକୁ ଦେଖି ଅତ୍ୟଧିକ କ୍ରୋଧ ଆସିଥାଏ, ନିଜ କ୍ରୋଧକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ କିଛି ସମୟ ପାଇଁ ସେହି ସ୍ଥାନଟିକୁ ପରିତ୍ୟାଗ କରିବାକୁ ପଡ଼ିବ ଓ ନିଜ ମନରେ ଅନ୍ୟ କିଛି କଥା ଭାବି ମନକୁ ଶାନ୍ତ କରିବା ଦ୍ୱାରା କ୍ରୋଧ ଆସିବା ବନ୍ଦ ହୋଇ ଯାଇଥାଏ । ତା'କିଛି ସମୟ ପରେ ଆମେ ପୁନର୍ବାର ସେହି ସ୍ଥାନକୁ ଫେରି ଆସିବା, ଯାହାଦ୍ୱାରା କ୍ରୋଧକୁ ଆମେ ସଂପୂର୍ଣ୍ଣ ନିୟନ୍ତ୍ରଣ କରିବା ସହ କଳହରୁ ନିଜକୁ ଦୂରେଇ ରଖିପାରିବା । ଅତ୍ୟଧିକ କ୍ରୋଧ ଆସିବା ସମୟରେ ନିଜ କ୍ରୋଧକୁ ଆୟତ କରିବାପାଇଁ ନିଜ ଅତି ପ୍ରିୟ ମଣିଷ ସହିତ କିଛି ସମୟ କଥା ହେବା ଦ୍ୱାରା ସମାଧାନର ବାଟ ମିଳି ଯାଇଥାଏ । ତେଣୁ ଆମେ ଆମ ଜୀବନରେ ସବୁଠାରୁ ଅଧିକ ଯାହାକୁ ନିଜର ବୋଲି ଭାବୁଛେ ସେମାନଙ୍କ ସହ କିଛି ସମୟ ବିତାଇବା ଉଚିତ୍ ।

କ୍ରୋଧ ଆସିବା ସମୟରେ ମନକୁ ଶାନ୍ତ କରିବା ପାଇଁ ସୁମଧୁର ଗୀତ ଶୁଣିବା ଉଚିତ୍ ଏହା ଦ୍ୱାରା ମନରେ ଆନନ୍ଦର ଏକ ଲହରୀ ଖେଳି ଉଠେ ଯାହା କ୍ରୋଧର ପରିମାଣକୁ ଧୀରେ ଧୀରେ ହ୍ରାସ କରେ । ଏହାଛଡ଼ା କ୍ରୋଧ ଆସିବା ସମୟରେ କିଛି ସମୟ ବିଶ୍ରାମ ନେବା ଉଚିତ୍ । କାରଣ ନିଜର କର୍ମକ୍ଳାନ୍ତି ଜୀବନରେ ସଠିକ୍ ଭାବେ ବିଶ୍ରାମ ନକରି ପାରିବାରୁ ଅନେକ ବ୍ୟକ୍ତିଙ୍କ ସ୍ୱଭାବ ବିରକ୍ତିକର ହେବାକୁ ଲାଗିଛି । ଅନ୍ୟ ଉପରେ ବିରକ୍ତି ଭାବ ପ୍ରଦର୍ଶନ ତଥା ଅଧିକ ରାଗିବାରୁ ଅନେକ ସମସ୍ୟାମାନ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ଜଣେ ବ୍ୟକ୍ତି ଯେତେ ନିଜକୁ ବ୍ୟସ୍ତ ରଖିଲେ ମଧ୍ୟ ଅନ୍ୟ ସମସ୍ତ କାର୍ଯ୍ୟରୁ ବିରତି ନେଇ କିଛି ସମୟ ବିଶ୍ରାମ କରିବା ଉଚିତ୍ । ସାମ୍ନାରୁ କେହି ଆମ ସହ କଳହ କରିବାକୁ ଚାହୁଁଛି ବା ଆମର କିଛି କ୍ଷତି କରିବାକୁ ଚାହୁଁଛି ସେହି ସମୟରେ ଉକ୍ତ ଲୋକଟିର କୌଣସି କଥାର ପ୍ରତି ଉତର ଦେଲେ କିମ୍ବା ସେହି କଥାକୁ ବାରମ୍ବାର କହିବା ଦ୍ୱାରା ଅନେକ କଳହ ପୂର୍ଣ୍ଣ ବାତାବରଣ ସୃଷ୍ଟି ହୁଏ, ଯାହା ଆମ ମନରେ କ୍ରୋଧକୁ ଜାଗ୍ରତ କରିଥାଏ । ଏହି ସବୁ ଭିତରେ ଆମ ଅଜାଣତରେ ଆମ ନିଜର ଅନେକ କ୍ଷତି କରି ଦେଇ ଥାଉ । ତେଣୁ ସେହି ସମୟରେ ନୀରବ ରହିବା ଦ୍ୱାରା ଆମେ ଆମ ନିଜର କ୍ଷତି କରିବାରୁ ନିଜକୁ ଅଟକାଇ ଦେଇପାରିବା । ଆମମାନଙ୍କ ମନରେ ଅନେକ ଦୁଃଶ୍ଚିନ୍ତା ବହୁତ ବହୁତ ଦିନ ଧରି ରହିବା କାରଣରୁ ମନରେ କ୍ରୋଧର ପରିମାଣ ମଧ୍ୟ ସେହି ଅନୁସାରେ ଅଧିକରୁ ଅଧିକ ବଢ଼ିବାକୁ ଲାଗିଥାଏ । ତେଣୁ ମନରୁ ଅନେକ ଦୁଃଶ୍ଚିନ୍ତାକୁ ଦୂର କରିବା ପାଇଁ ପ୍ରକୃତିକୁ ଉପଭୋଗ କରିବା ଉଚିତ୍, ସେଥିପାଇଁ ପ୍ରକୃତି ଆମକୁ ଦେଇଥିବା ଉପହାର ଯଥା:- ପାହାଡ଼, ପର୍ବତ, ଝରଣା, ସମୁଦ୍ର, ଫୁଲ ଇତ୍ୟାଦିକୁ ଉପଭୋଗ କରିବା ଦ୍ୱାରା ମନରେ ଆନନ୍ଦ ଓ ଉଲ୍ଲାସ ଜାଗ୍ରତ ହୋଇଥାଏ । ମନରୁ ଅନେକ ଦୁଃଶ୍ଚିନ୍ତା ମଧ୍ୟ ଦୂର ହୋଇଯାଇଥାଏ । ଯାହା ଫଳରେ ଆମେ ଆମ କ୍ରୋଧକୁ ମଧ୍ୟ ନିୟନ୍ତ୍ରଣ କରିପାରିଥାଉ ।

କ୍ରୋଧକୁ ନିୟନ୍ତ୍ରଣ କରିବାର ଅନ୍ୟ ଏକ ଅମୋଘ ଅସ୍ତ୍ର ହେଉଛି ବ୍ରାହ୍ମ ମୁହୂର୍ତ୍ତରେ ଉଠି ସକାଳର ଶୀତଳ ବାୟୁରେ ସ୍ନାନ ମୁଦ୍ରାରେ ଓଁ ଉଚ୍ଚାରଣ କରିବା ଦ୍ୱାରା ସେହି ଶୀତଳ ବାୟୁ ଆମ ମନ ଓ ଦେହକୁ ଶାନ୍ତ କରିବା ସହ ଏକ ସକାରାତ୍ମକ ଉର୍ଜା ଆମ ଶରୀରକୁ ପ୍ରଦାନ କରିଥାଏ, ଯାହା ଆମ ଭିତରେ ଥିବା କ୍ରୋଧ ରୂପକ ମନ୍ଦ ଗୁଣକୁ ଅନେକ ପରିମାଣରେ କମ୍ କରି ଦେଇପାରେ । ଅନେକ ମୁନିଋଷିମାନେ କ୍ରୋଧକୁ ନିୟନ୍ତ୍ରଣ କରିବାପାଇଁ ଅନେକ ଉପାୟମାନ ବାହାର କରିଛନ୍ତି । ସେମାନଙ୍କ କହିବା ମୁତାବକ

ଯେଉଁ ବ୍ୟକ୍ତି ନିଶାଦ୍ରବ୍ୟ ଓ ଆମିଷ ଅଧିକ ପରିମାଣରେ ଭକ୍ଷଣ କରିଥାନ୍ତି ସେମାନେ ନିଜ କ୍ରୋଧ ଗୁଣକୁ ଠିକ୍ ପରିମାଣରେ ନିୟନ୍ତ୍ରଣ କରିପାରନ୍ତି ନାହିଁ । ସେଭଳି ବ୍ୟକ୍ତି ଅତ୍ୟନ୍ତ କ୍ରୋଧୀ ତଥା ଉଗ୍ର ସ୍ୱଭାବ ବିଶିଷ୍ଟ ମଧ୍ୟ ହୋଇଥାନ୍ତି । ଏପରି କହିବାର କାରଣ ହେଉଛି ନିଶା ଦ୍ରବ୍ୟ ଏକ ସୁସ୍ଥ ମନୁଷ୍ୟର ମସ୍ତିଷ୍କକୁ ସୁପ୍ତ କରି ଦେଇଥାଏ, ଯାହା ତାକୁ ବୁଝି ବିଚାରି କାର୍ଯ୍ୟ କରିବାକୁ ଦେଇ ନଥାଏ ଏବଂ ଆମିଷ ଯାହା ପଶୁ ହତ୍ୟାକୁ ବି ବୁଝାଏ, ତେଣୁ ଯେଉଁ ସମୟରେ ପଶୁକୁ ହତ୍ୟା କରାଯାଏ ସେହି ସମୟରେ ପଶୁଟିର ଚିନ୍ତାଧାରା ଯେପରି ହୋଇଥିବ ଆମିଷ ଭକ୍ଷଣ କରିବା ଦ୍ୱାରା ଖାଉଥିବା ମନୁଷ୍ୟର ମନରେ ମଧ୍ୟ ତା'ର କୁପ୍ରଭାବ ପଡ଼ିଥାଏ । ଯାହାର ପରିଣାମ ସ୍ୱରୂପ ଦେଖା ଦେଇଛି ଅଧିକ ଆମିଷ ଓ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ନିରାମିଷ ବ୍ୟକ୍ତିଙ୍କ ତୁଳନାରେ ଅଧିକ କ୍ରୋଧୀ ଓ ଉଗ୍ର ସ୍ୱଭାବର ହୋଇଥାନ୍ତି । ତେଣୁ ନିଜ କ୍ରୋଧ ଗୁଣକୁ ନିୟନ୍ତ୍ରଣ କରିବାକୁ ହେଲେ ନିଶାଦ୍ରବ୍ୟ ଓ ଆମିଷକୁ ଯଥା ସମ୍ଭବ ବାରଣ କରିବା ଉଚିତ୍ ।

କ୍ରୋଧ ଆସିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ଏହା କୌଣସି ବୟସର ମଣିଷକୁ କୌଣସି ବି ପରିମାଣର ଆସିପାରେ । ଏହାକୁ ନିୟନ୍ତ୍ରଣ କରିବା ଆମ ନିଜ ହାତରେ ହିଁ ଅଛି । କ୍ରୋଧକୁ ନିୟନ୍ତ୍ରଣ କରି ପାରିଲେ ଆମେ ଆମ ନିଜ ଉପରେ ବିଜୟ  ଲାଭ କରିପାରିବା ଓ ହଜାରେ ଦିନର ଦୁଃଖରୁ ମୁକ୍ତି ପାଇପାରିବା । କାରଣ ଥରେ କ୍ରୋଧ ଆସିଲେ ତାହା ଆମକୁ ହଜାରେ ଦିନର ଦୁଃଖ ଦେଇଥାଏ । ତେଣୁ କ୍ରୋଧ ଆସିବା ସମୟରେ କିଛି ସମୟ ପାଇଁ ନିଜର କ୍ଷତି ସଂପର୍କରେ ଭାବି କାର୍ଯ୍ୟ କରିବା ଉଚିତ୍ ତେବେ ଯାଇ ଆମେ ଏହି ହଜାରେ ଦିନର ଦୁଃଖ ଦେଇଥାଏ । ତେଣୁ କ୍ରୋଧ ଆସିବା ସମୟରେ କିଛି ସମୟ ପାଇଁ ନିଜର କ୍ଷତି ସଂପର୍କରେ ଭାବି କାର୍ଯ୍ୟ କରିବା ଉଚିତ୍ ତେବେ ଯାଇ ଆମେ ଏହି ହଜାରେ ଦିନର ଦୁଃଖରୁ ନିଜକୁ ବଚଂାଇପାରିବା । ଆମ ଚତୁଃପାର୍ଶ୍ୱରେ ହେଉଥିବା ପ୍ରତ୍ୟେକ ଘଟଣାର କାରଣ ଖୋଜି ଦେଖିବାକୁ ଗଲେ ତାହା ସବୁ ପ୍ରକୃତି ଦ୍ୱାରା ସାଧିତ ହୋଇଥାଏ, ତେଣୁ ଏକ ଭୁଲ୍ କାର୍ଯ୍ୟର ଦୋଷ ଅନ୍ୟଜଣକୁ ଦେବା ଅପେକ୍ଷା ଆମେ ଯଦି ଏହା ବିଚାର କରିବା ଯେ ଏହା ପ୍ରକୃତି ଯେ ଏହା ପ୍ରକୃତି ଦ୍ୱାରା ସାଧିତ ହୋଇଛି ତେବେ ଯାଇ ଆମେ କ୍ରୋଧକୁ ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରି ନିଜ ଇନ୍ଦ୍ରିୟ ଉପରେ ଜୟ ଲାଭ କରି ପାରିବା ।

ଗବେଷିକା, ଭୁବନେଶ୍ୱର
ଦୂରଭାଷ : ୭୦୭୭୯୬୦୩୩୪

ISSN -2583-147X(P), **Vol.- 8, Issue No. VIII, November 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# କୋରାପୁଟର ଲୋକବାଦ୍ୟ ପରମ୍ପରାରେ ପରଜା ବାଦ୍ୟଯନ୍ତ୍ର

**ଡ. ଲୋପାମୁଦ୍ରା ସ୍ୱାଇଁ**

ନାଚ ଓ ଗୀତ ଆଦିବାସୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ପ୍ରକୃତିର ମୌଳିକତା ଓ ନିର୍ମଳତା ଘେନି ସେମାନଙ୍କର ନାଚ ଓ ଗୀତ । କୌଣସି ବାହ୍ୟ ଆଡ଼ମ୍ବର ବା କୃତ୍ରିମତା ଏଥିରେ ଦେଖାଯାଏ ନାହିଁ । ସେଥିପାଇଁ ଏଥିରେ କୌଣସି ଧରାବନ୍ଧା ନୀତି ନିୟମ ନ ଥାଏ; କିମ୍ବା ଏ ଗୀତ ଓ ନାଚକୁ କେହି କେବେ ଶିଖାଇ ନଥାଏ । ପୂଜାପାର୍ବଣ ହେଲେ, ଭୋଜିଭାତ ହେଲେ ଆଦିବାସୀ ମଣିଷର ପାଦ ଆପେ ଆପେ ଉଠେ ଓ ବାହୁରେ ବାହୁଛନ୍ତି ଏକ ତାଳରେ ସେମାନେ ବିଭୋର ହୋଇଯାଆନ୍ତି । ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପ୍ରକୃତିର ବିଭିନ୍ନ ଉତ୍ପାଦକୁ ବ୍ୟବହାର କଲା ଭଳି ଫୁଲପତ୍ରରେ ସଜେଇ ହୋଇ ସେମାନେ ନାଚଗୀତରେ ମୁହୂର୍ତ୍ତର ଆନନ୍ଦକୁ ବହୁଗୁଣିତ କରିବାର କ୍ଷମତା ରଖନ୍ତି । ନାଚ ଓ ଗୀତ ଆଦିବାସୀ ଜୀବନଧାରାକୁ ପରିପୂର୍ଣ୍ଣ କରୁଥିବା ବେଳେ ବାଦ୍ୟ ଏଥିରେ ଦେଇଥାଏ 'ନାଦ'ର ଚମକ । ସୁତରାଂ ଗୀତ ଓ ନୃତ୍ୟ ପରି ବାଦ୍ୟ ମଧ୍ୟ ଆଦିବାସୀ ଜୀବନଧାରା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିଭିନ୍ନ ପର୍ବପର୍ବାଣୀରେ ଆନନ୍ଦମୁଖର ଜନଜାତିଗୋଷ୍ଠୀ ବାଦ୍ୟର ତାଳେ ତାଳେ ମନମତାଣିଆ ଗୀତ ଗାଇ ନାଚି ଉଠେ । ପୁଣି ଜଙ୍ଗଲର ଫସଲକୁ ପଶୁ ଦାଉରୁ ରକ୍ଷା କରିବା ପାଇଁ ମଧ୍ୟ ବିଭିନ୍ନ ବାଦ୍ୟର ଆଶ୍ରୟ ନିଏ, ଶିକାର କରି ଫେରିବା ବେଳେ ଆହାର ପ୍ରାପ୍ତିର ଆନନ୍ଦରେ ମଧ୍ୟ ବିଭିନ୍ନ ରକମର ବାଦ୍ୟ ବଜାଏ ।

ସାଧାରଣତଃ ଗୀତରେ ଲୟ ବା Rythm ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ବାଦ୍ୟର ଉପଯୋଗ ହୋଇଥାଏ । ବାଦ୍ୟ ମାଧ୍ୟମରେ ନିର୍ଦ୍ଦିଷ୍ଟ ଗୀତ ପାଇଁ ନିର୍ଦ୍ଦିଷ୍ଟ ତାଳର ପ୍ରଚଳନ ହୁଏ । ଫଳରେ ଗୀତ - ସଂଗୀତର ଛନ୍ଦ ମାଧୁରୀରେ ରୂପାନ୍ତରିତ ହୋଇଥାଏ । ଏହା ଦ୍ୱାରା ଗୀତର ଉତ୍କର୍ଷ ବୃଦ୍ଧି ପାଏ । ସୁତରାଂ ଗୀତରେ ବାଦ୍ୟ ହେଉଛି ଏକ ମାପକ ଯାହା ଗୀତ ଓ ବାଦ୍ୟର ବାଣୀ ମାଧ୍ୟମରେ ଏକ ସମନ୍ୱୟ ରକ୍ଷା କରେ । ସଂଗୀତ ଶାସ୍ତ୍ରରେ ଏହାକୁ ଲୟ କୁହାଯାଇଥାଏ । ସୁତରାଂ ବାଦ୍ୟ ଯେ ସଂଗୀତର ମାଧୁର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଭବ, ଏକଥା ଅନସ୍ୱୀକାର୍ଯ୍ୟ ।

ଆଚାର୍ଯ୍ୟ ଭରତମୁନି 'ନାଟ୍ୟଶାସ୍ତ୍ର' ଗ୍ରନ୍ଥରେ ବାଦ୍ୟର ଚାରି ବର୍ଗ ସଂପର୍କରେ ଉଲ୍ଲେଖ କରିଛନ୍ତି -

"ତତଂ ଚୈବାବନଦ୍ଧଂ ଚ ଘନଂ ସୁଷିରମେବ ଚ ।
ଚତୁର୍ବିଧଂ ତୁ ବିଜ୍ଞେୟ ମାତୋଦ୍ୟଂ ଲକ୍ଷଣାନ୍ୱିତମ୍ ।୧।
ତତଂ ତନ୍ତ୍ରୀଗତଂ ଜ୍ଞେୟ ମବନଦ୍ଧଂ ତୁ ପୌଷ୍କରମ୍ ।
ଘନଂ ତାଳସ୍ତୁ ବିଜ୍ଞେୟଃ ସୁଶିରୋ ବଂଶ ଉଚ୍ୟତେ ।୨।" [୧]

ଅର୍ଥାତ ତତ ବାଦ, ଅବନଦ୍ଧ ବାଦ୍ୟ, ଘନ ବାଦ୍ୟ ଏବଂ ଶୁଷିର ବାଦ୍ୟ ଭେଦରେ ବାଦ୍ୟ ଚାରି ଭାଗରେ ବିଭକ୍ତ । ଏହି ଚାରିଟି ଲକ୍ଷଣ ଯୁକ୍ତ ବାଦ୍ୟକୁ ଅତୋଦ୍ୟ କୁହାଯାଏ । ବୀଣା ପ୍ରଭୃତି ତାର ଦ୍ୱାରା ଘର୍ଷଣ ହୋଇ ବାଜୁଥିବା ବାଦ୍ୟକୁ 'ତତବାଦ୍ୟ', ତବଲା, ପଖାଉଜ, ମୃଦଙ୍ଗ, ଡକ୍କା (ଢୋଲ) ପ୍ରଭୃତି ଆଘାତ କରି ବଜାଯାଉଥିବା ବାଦ୍ୟକୁ ଆନଦ୍ଧ ବା 'ଅବନଦ୍ଧ ବାଦ୍ୟ', ଗିନି, ଝାଞ୍ଜ ପ୍ରଭୃତି କାଂସ୍ୟରେ ନିର୍ମିତ ତାଳରେ ସାହାଯ୍ୟ କରୁଥିବା ବାଦ୍ୟର ନାମ 'ଘନବାଦ୍ୟ' ଏବଂ ବଂଶୀ, କାହାଳି ପ୍ରଭୃତି ଫୁଙ୍କି କରି ବଜାଯାଉଥିବା ବାଦ୍ୟ 'ସୁଷିର ବାଦ୍ୟ' ନାମରେ ଅଭିହିତ ।

Francis W. Galpin ବାଦ୍ୟଯନ୍ତ୍ରର ବର୍ଗୀକରଣ ପ୍ରସଙ୍ଗରେ ତତ, ଅବନଦ୍ଧ, ଘନ ଏବଂ ସୁଷିର ବାଦ୍ୟର ପରିଭାଷା ନିମ୍ନ ପ୍ରକାରେ ଦେଇଛନ୍ତି -

**(କ) ତତବାଦ୍ୟ (Chordophonic Instruments) :** Chordophonic Instruments or string vibrators, i.e. instruments in which the sound waves are dependent upon the vibrations of a stretched string and induced by plucking, striking or by friction or air.[୨]

ଅର୍ଥାତ ସମସ୍ତ ପ୍ରକାର ବାଦ୍ୟ ଯାହା ତାର ବା ତନ୍ତୁ ବ୍ୟବହୃତ ତାହାକୁ ତତବାଦ୍ୟ କୁହାଯାଏ । ଶାସ୍ତ୍ରୀୟ ବାଦ୍ୟ ମଧ୍ୟରେ ସୀତାର, ବୀଣା, ସରୋଜ, ସନ୍ତୁର, ତାନପୁରା ଆଦି ଏହାର ଅନ୍ତର୍ଭୁକ୍ତ ।

**(ଖ) ଅବନଦ୍ଧ ବାଦ୍ୟ (Membranophonic Instruments) :** Membranophonic Instruments or skin vibrators, i.e. instruments in which the sound waves are due to the vibrations of a stretched skin or membrane when struck, plucked or stroked.[୩]

ସମସ୍ତ ଚର୍ମ ନିର୍ମିତ ବାଦ୍ୟ ଏହି ଶ୍ରେଣୀ ଅନ୍ତର୍ଗତ । ଅନ୍ୟ ଅର୍ଥରେ କହିଲେ ତାଳ ବା ବୋଲ ସୃଷ୍ଟି କରିପାରୁଥିବା ବାଦ୍ୟଗୁଡ଼ିକ ଅବନଦ୍ଧ ବାଦ୍ୟ ଅନ୍ତର୍ଭୁକ୍ତ । ଏହି ଶ୍ରେଣୀର ବାଦ୍ୟରେ ଗୋଟିଏ ମୁଖ କିମ୍ବା ଦୁଇଟିଯାକ ମୁଖ ଚମଡ଼ା ଦ୍ୱାରା ଆବଦ୍ଧ ହୋଇଥାଏ । ଶାସ୍ତ୍ରୀୟ ବାଦ୍ୟ ମଧ୍ୟରେ ତବଲା, ପଖଓ୍ୱାଜ, ଢୋଲକି, ମୃଦଙ୍ଗ ତଥା ଅନ୍ୟାନ୍ୟ ଚର୍ମ ନିର୍ମିତ ବାଦ୍ୟଗୁଡ଼ିକ ଏହାର ଅନ୍ତର୍ଭୁକ୍ତ ।

**(ଗ) ଘନବାଦ୍ୟ (Idiophonic Instruments) :** Idiophonic Instruments or self-vibrators i.e. instruments of solid substance which owing to their elastic nature have a sonority of their own, which is emitted in waves, when they are struck, plucked or stimulated by friction or air.[୪]

କଂସା, ପିତ୍ତଳ ଆଦି ସମସ୍ତ ଧାତୁ ନିର୍ମିତ ବାଦ୍ୟ ଏହି ଶ୍ରେଣୀୟ, ଗିନି, ଝାଞ୍ଜ ଆଦି ଏହି ଶ୍ରେଣୀୟ ବାଦ୍ୟ ।

**(ଙ) ସୁଶିର ବାଦ୍ୟ (Aerophonic Instruments ) :** Aerophonic Instruments or win-vibrators, i.e. instruments in which the sound-waves are produced by the vibrations of a column of air, the pulsations being set in motion by some special device flute (Whistle), reed or the lips.[୫]

ଅର୍ଥାତ୍ ପବନ ଦ୍ୱାରା ସ୍ୱର ନିର୍ଗତ ହେଉଥିବା ବାଦ୍ୟଗୁଡ଼ିକୁ ସୁଶିର ବାଦ୍ୟ କୁହାଯାଏ । ଶାସ୍ତ୍ରୀୟ ବାଦ୍ୟ ଭାବରେ ସାହାନାଇ, ବଂଶୀ ଆଦି ସୁଶିର ବାଦ୍ୟ ଅନ୍ତର୍ଭୁକ୍ତ ।

ବାଦ୍ୟଯନ୍ତ୍ର ସଂପର୍କିତ ପରିଭାଷାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏଗୁଡ଼ିକ ମୋଟାମୋଟି ଭାବେ ଦୁଇ ଭାଗରେ ବିଭକ୍ତ । ପ୍ରଥମ ବର୍ଗର ବାଦ୍ୟଗୁଡ଼ିକ ସ୍ୱର (Note) ଏବଂ ଦ୍ୱିତୀୟ ବର୍ଗର ବାଦ୍ୟଯନ୍ତ୍ରଗୁଡ଼ିକ ତାଳ (Rythm) ବାଦ୍ୟ ଭାବେର ପରିଚିତ । ପୁନଶ୍ଚ ସ୍ୱର ବାଦ୍ୟଗୁଡ଼ିକୁ ସେମାନଙ୍କ ଗୁଣ ଓ ଧର୍ମର ଆଧାରେ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା :

(୧) ବାୟୁ ସାହାଯ୍ୟରେ ବାଦନ ହେଉଥବା ସ୍ୱରବାଦ୍ୟ ଯନ୍ତ୍ର । ଯେପରି ବଂଶୀ, ଆଡବଂଶୀ, ମଧବଂଶୀ, ମହୁରୀ ଆଦି । ଏସବୁକୁ ପାଟିରେ ପବନ ଦ୍ୱାରା ବାଦନ କରାଯାଇଥାଏ ।

(୨) ଆଘାତ ସାହାଯ୍ୟରେ ବାଦନ କରାଯାଉଥିବା ସ୍ୱରବାଦ୍ୟ ଯନ୍ତ୍ର । ଏହି ବାଦ୍ୟରେ ଥିବା ତାରକୁ ହାତ ଆଙ୍ଗୁଳି ସାହାଯ୍ୟରେ ଆଘାତ କରାଯାଇ କମ୍ପନ ଦ୍ୱାରା ସ୍ୱର ସୃଷ୍ଟି କରାଯାଏ ।

(୩) ଘର୍ଷଣ ସାହାଯ୍ୟରେ ବାଦନ କରାଯାଉଥିବା ସ୍ୱର ବାଦ୍ୟ ।

ଅନୁରୂପ ଭାବରେ ତାଳବାଦ୍ୟ (Rythm) ଗୁଡ଼ିକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ବର୍ଗରେ, ଯେଉଁ ବାଦ୍ୟର ସମ୍ମୁଖ ଭାଗ ଉଭୟ ପାର୍ଶ୍ୱରେ ଚମଡ଼ାର ବନ୍ଧେଇ ହୋଇଥାଏ । ସାଧାରଣତଃ ଏଗୁଡ଼ିକ ଅବନଦ୍ଧ ବାଦ୍ୟ ଅନ୍ତର୍ଭୁକ୍ତ । ଏହି ପ୍ରକାର ବାଦ୍ୟଗୁଡ଼ିକୁ ହାତରେ ବା କାଠି ସାହାଯ୍ୟରେ ବାଦନ କରାଯାଇ ସଂପୃକ୍ତ ସଂଗୀତର ତାଳ ବା ଲୟର ସୁରକ୍ଷା କରାଯାଇଥାଏ । ଢୋଲ, ଟାମକ, ଡାପୁ ଆଦି ଏହି ଶ୍ରେଣୀୟ । ଦ୍ୱିତୀୟ ବର୍ଗର ତାଳବାଦ୍ୟଗୁଡ଼ିକ ମାଧ୍ୟମରେ ସଂପୃକ୍ତ ସଂଗୀତର ମୁଖ୍ୟତଃ ଲୟର ସୁରକ୍ଷା କରାଯାଇଥାଏ । ଉକ୍ତ ବାଦ୍ୟଗୁଡ଼ିକ ଆମୂଳାନ୍ତ ସଂଗୀତର ପ୍ରତ୍ୟେକ ମାତ୍ରାକୁ ଅବଗତ କରାଇବା ସଙ୍ଗେ ସଙ୍ଗେ ଲୟକୁ ସୁନିୟନ୍ତ୍ରିତ କରିଥାନ୍ତି । ସଂପୃକ୍ତ ସଂଗୀତର ପ୍ରତ୍ୟେକ ମାତ୍ରାରେ ଏହି ଯନ୍ତ୍ର ମାଧ୍ୟମରେ ଆଘାତ ଦେବା ଦ୍ୱାରା ତାହା ସଂପୃକ୍ତ ସଂଗୀତର ଲୟ ସୁରକ୍ଷା କରାଇବା ସହ ତାଳ ବାଦ୍ୟର ଭୂମିକା ଗ୍ରହଣ କରେ ।[୬]

ପୁନଶ୍ଚ ବାଦ୍ୟଯନ୍ତ୍ରରେ ନିମିତ ଧାତୁ ବା ପଦାର୍ଥକୁ ଭିତ୍ତି କରି ମଧ୍ୟ ଲୋକବାଦ୍ୟର ବିଭାଗୀକରଣ କରାଯାଇପାରେ । ଯଥା : (୧) 'ଚମଡ଼ା ଆଚ୍ଛାଦିତ ଲୋକବାଦ୍ୟ (ଢୋଲ୍‌କି, ଘୁଡୁକି, ଖଞ୍ଜଣି, ଚାଙ୍ଗୁ, ଖୋଳ, ଢୋଲ, ଶିଙ୍ଗବାଦ୍ୟ ଆଦି) (୨) ତାର, ବାଳ ଓ ସୁତା ନିର୍ମିତ ଲୋକବାଦ୍ୟ (କେନ୍ଦରା, ନିଆଁପୋଡ଼ି ବାଦ୍ୟ, ଘୁଡୁକି ଇତ୍ୟାଦି (୩) ଧାତୁ ନିର୍ମିତ ବାଦ୍ୟ (ମହୁରୀ, ତୁରୀ, କାହାଳୀ, ଘଣ୍ଟି, ଗିନି, ଝାଞ୍ଜ, ରାମତାଳି, ବୀଣା, ଡୁଂଡୁଙ୍ଗା ଇତ୍ୟାଦି) (୪) କାଠ ଓ ବାଉଁଶ ନିର୍ମିତ ବାଦ୍ୟ (ଦାସକାଠି, ଢଣକୁଲା, ଢୁମ୍ପା, କାଠିବାଦ୍ୟ, ବଂଶୀ) (୫) ଶସ ନିର୍ମିତ ବାଦ୍ୟ (କୋଇଲି ବାଦ୍ୟ)

(୬) ଫଳ ନିର୍ମିତ ବାଦ୍ୟ (ନଡ଼ିଆ ଘୁମୁରା) (୭) ପତ୍ର ନିର୍ମିତ ବାଦ୍ୟ (ତାଳ ଓ ନଡ଼ିଆ ପତ୍ର ମହୁରୀ, ଟଭା ପତ୍ର ପିଇଁକା, ସାରୁପିକ ବାଦ୍ୟ, ନଳାବାଦ୍ୟ, ଝୁମୁକା ବାଦ୍ୟ) ଫିରିଙ୍ଗି ବାଦ୍ୟ, ଫୁଟ୍‌ଫୁଟା ନଡ଼ା ବାଦ୍ୟ) (୮) ଫୁଲ ନିର୍ମିତ ବାଦ୍ୟ (ମହୁନାଡ଼ ଫୁଲ ପିଇଁକା) (୯) ଶାମୁକା ନିର୍ମିତ ବାଦ୍ୟ (ଶଙ୍ଖ), (୧୦) ଶିଙ୍ଗ ନିର୍ମିତ ବାଦ୍ୟ (ଶିଙ୍ଗା), (୧୧) ମାଟି ନିର୍ମିତ ବାଦ୍ୟ (ହାଣ୍ଡି ବାଦ୍ୟ, ଢୋଲ)। [୭]

ଏ ସମସ୍ତ ପ୍ରକାର ବାଦ୍ୟ ବ୍ରତୀତ ମଣିଷ ଦ୍ୱାରା ମୁଖରୁ ହୁଳହୁଳି, ସିସିରି, ତାଳି, ଟାକରା ଆଦି ଧ୍ୱନି ସୃଷ୍ଟି କରାଯାଇ ସହାୟକ ବାଦ୍ୟ ଭାବରେ ବ୍ୟବହାର କରାଯାଉଥିବାର ମଧ ଆଲୋଚକମାନେ ମତ ଦିଅନ୍ତି ।

ବାଦ୍ୟର ବିଭିନ୍ନ ପ୍ରକାର ଓ ପ୍ରକ୍ରିୟା ଅନୁଶୀଳନ କଲେ ଜଣାଯାଏ ଯେ, ଆଦିବାସୀ ସମାଜରେ ପ୍ରଚଳିତ ବାଦ୍ୟଗୁଡ଼ିକ ମଧ ବେଶ ଉନ୍ନତ ଏବଂ ବହୁଧା ବିଭକ୍ତ । ଆଦିବାସୀ ସଂସ୍କୃତିର ପ୍ରତ୍ୟେକଟି ବିଭାଗ ସହିତ ବାଦ୍ୟଯନ୍ତ୍ରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଚି । କାରଣ ଆଦିବାସୀ ସଂସ୍କୃତିର ଏକ ବଳିଷ୍ଠ ବିଭାଗ ହେଉଛି ନୃତ୍ୟ । ନୃତ୍ୟ ଓ ଗୀତ ସହିତ ବାଦ୍ୟଯନ୍ତ୍ର ମଧ ଓତଃପ୍ରୋତ ଭାବେ ଜଡ଼ିତ । ଓଡ଼ିଶାରେ ବସବାସ କରୁଥବା ଜନଜାତିଙ୍କ ମଧରୁ ଅବିଭକ୍ତ କୋରାପୁଟ ଅଞ୍ଚଳରେ ବାଉନ ପ୍ରକାରର ଆଦିମ ଜନଗୋଷ୍ଠୀ ବସବାସ କରନ୍ତି । କନ୍ଧ, କୋୟା, ଗାଦବା, ଭୂମିଆ, ଗଣ୍ଡ, ପରଜା, ଭତରା, ସଉରା, ଡିଡାୟୀ, ବଣ୍ଡା, ପେଣ୍ଠିଆ, ଓମାନତ୍ୟ ଆଦି ଆଦିବାସୀ ସଂପ୍ରଦାୟଙ୍କ ବ୍ୟତୀତ ଆହୁରି ଅନେକ । ପ୍ରତ୍ୟେକ ଆଦିବାସୀଙ୍କ ସାମାଜିକ ରୀତିନୀତି, ଧର୍ମୀୟ ବିଶ୍ୱାସ, ନୃତ୍ୟଗୀତ ଓ ମୌଖିକ ଲୋକସାହିତ୍ୟ ପରମ୍ପରା କ୍ରମେ ଲୋକମୁଖରେ ଉଜ୍ଜୀବିତ ହୋଇ ରହିଆସିଛି । ଶିକାର, କୃଷିକାର୍ଯ୍ୟ, ସନ୍ତାନ ଜନମ, ନାମକରଣ, ନିର୍ବନ୍ଧ, ବିବାହ, ଦଶାହ, ପିତୃପୁରୁଷଙ୍କ ପୂଜା ଓ ବର୍ଷସାରା ପାଳିତ ବିଭିନ୍ନ ପର୍ବପର୍ବାଣୀ ଯଥା ଚଇତି ପର୍ବ, ପୁଷ୍ ପରବ୍, ଦିଆଲି ପର୍ବ, ଦଶରା, ହଲ୍‌ପୋଡ଼ି, ମଣ୍ଡେଇ, ବେଣ୍ଟ ଯାତ୍ରା, ବାଲିଯାତ୍ରା ପ୍ରଭୃତି ଉତ୍ସବ ନୃତ୍ୟଗୀତ ବିନା ସଂପନ୍ନ ହେବା ଅସମ୍ଭବ । ଏପରି କୁହାଯାଇପାରେ ଯେ ନୃତ୍ୟ ଆଦିବାସୀ ଜୀବନର ଛନ୍ଦ ଓ ଗୀତ ଆଦିବାସୀ ଜୀବନର ସ୍ୱର । କିନ୍ତୁ ତନ୍ମଧରେ ବାଦ୍ୟ ଏହି ଛନ୍ଦ ଓ ସ୍ୱରର ଜୀବନୀ ଶକ୍ତି ।

କୋରାପୁଟିଆ ଆଦିବାସୀ ସମାଜରେ ପ୍ରଚଳିତ କେତେକ ନୃତ୍ୟର ନାମକରଣ ଆଦିବାସୀ ଗୋଷ୍ଠୀଙ୍କ ନାମାନୁଯାୟୀ ହୋଇଥିଲା ବେଳେ, କେତକ ନୃତ୍ୟର ନାମକରଣ ବାଦ୍ୟଭିତ୍ତିକ, ଯଥା - ଘୁମୁରା ନାଚ, ଘୁଡୁକି ନାଚ, ଢେମ୍‌ସା ନଚ ଓ ଢାପ ନାଚ, ତୁଡ଼୍‌ରା ନାଚ, ଡୁଙ୍ଗଡୁଙ୍ଗା ନାଚ, ଶିଙ୍ଗବାଦ୍ୟ ନାଚ ଇତ୍ୟାଦି ।[୮] ଢେମ୍‌ସା ନାଚର ନାମକରଣ ସଂପର୍କରେ ଅନୁମାନ କରାଯାଏ ଯେ, ଏଥିରେ 'ଧୁମ୍‌ସା' ବା ଟାମକ ନାମକ ବାଦ୍ୟଯନ୍ତ୍ର ମୁଖ୍ୟ ବାଦ୍ୟ ରୂପେ ବାଦନ କରାଯାଉଥିବାରୁ ଏହି ନୃତ୍ୟର ନାମକରଣ 'ଢେମ୍‌ସା' ହୋଇଛି । 'ତୁଡ଼୍‌ରା ନାଚ'ରେ ତୁଡ଼୍‌ରା (ଏକ ଆୟତାକାର କାଠପେଟିକା ଭଳି ବାଦ୍ୟ) ମୁଖ୍ୟ ବାଦ୍ୟ ରୂପେ ବ୍ୟବହୃତ ହେଉଥବାରୁ ଏହାକୁ 'ତୁଡ଼୍‌ରା ନାଚ' କୁହାଯାଏ । ପରଜା ଯୁବକ ଯୁବତୀମାନେ ଶୃଙ୍ଗାରଧର୍ମୀ ଗୀତ ଗାଇ ଡୁଂଡୁଙ୍ଗା ବଜାଇ ନୃତ୍ୟ କରୁଥିବାରୁ ବାଦ୍ୟର ନାମାନୁସାରେ ଏହି ନାଚର ନାମ 'ଡୁଂଡୁଙ୍ଗା ନାଚ' ।

କୋରାପୁଟ ଜିଲ୍ଲାର ବିଭିନ୍ନ ଆଦିବାସୀ ସମାଜରେ ପ୍ରଚଳିତ ବାଦ୍ୟଯନ୍ତ୍ରଗୁଡ଼ିକ ଉଭୟ ଆକୃତି ଓ ବାଦ୍ୟଯନ୍ତ୍ରରେ ବ୍ୟବହୃତ ଉପାଦାନ ଦୃଷ୍ଟିରୁ ଭିନ୍ନ । ଉପାଦାନ ଦୃଷ୍ଟିରୁ ଏଗୁଡ଼ିକ ବାଉଁଶବାଡ଼ି, ସଲପଗଛର ବାହୁଙ୍ଗା, ବେଲ, ଝାଡୁ, ବିଭିନ୍ନ ଧାତୁନିର୍ମିତ ବାସନକୁସନ, ଲାଉତୁମ୍ବା, କାଠଗଣ୍ଡି ତଥା ମାଟିରୁ ନିର୍ମିତ ହୋଇଥାଏ । ସେଥିପାଇଁ ଏସବୁକୁ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରର ବର୍ଗୀକରଣ ବ୍ୟତୀତ ଅନ୍ୟ ଏକ ପ୍ରକାରର 'ଦେଶୀୟ ବାଦ୍ୟ' ଭାବରେ ମଧ ବିଭକ୍ତ କରାଯାଏ ।[୯] ସୁତରାଂ କୋରାପୁଟର ଆଦିବାସୀ ବାଦ୍ୟଯନ୍ତ୍ରଗୁଡ଼ିକୁ ନିମ୍ନଲିଖିତ ପାଞ୍ଚଭାଗରେ ବିଭକ୍ତ କରାଯାଇପାରେ । ଯଥା :

୧. ତତବାଦ୍ୟ - ଡୁଂଡୁଙ୍ଗା, ରାମଗୁଟା, ବେଏଲା, ସାରଙ୍ଗୀ, ଧୁଡୁକି, ଟଇଲା, ମୁଜୁରା, ଟୁନୁଂକୁ ।

୨. ଅବନଦ୍ଧ ବାଦ୍ୟ - ମଦଳ, ମୃଦଙ୍ଗ, ଖଂଜଣୀ, ଟମକ, ତିଡ଼ିବିଡ଼ି, ଡାପୁ, ଘୁମୁରା, ବାଲିଘୁମୁରା, ବାଲିଟମକ, ମାଦଲ, ଦାଦୁର, ଢୋଲ, ବଡ଼ନାଗରା, ଶିଙ୍ଗବାଦ୍ୟ

୩. ଘନବାଦ୍ୟ - ନେନେଂ, ଗିନି, ଝାଞ୍ଜ, କିର୍‌କସା, ରେଡ଼ା

୪. ସୁଶିର ବାଦ୍ୟ - ବଂଶୀ, ଟୋଲି, ଶିଙ୍ଗା, ଶଙ୍ଖ, ସୁରାକମ୍ପା, ମହୁରୀ

୫. ଦେଶୀୟ ବାଦ୍ୟ - ଦଣ୍ଡାହୁଲିଆ ବାଡ଼ି, ଲାସମାଟା,

ରେଗ୍‌ରେଗା, ତୁଡ୍‌ରା, ଧଡ଼ଧଡ଼ି, ଗଅଣ୍ଡ, ରାମକାଠି, ବୁରୁଙ୍ଗା, ଟେଙ୍ଗ୍ ଟେଙ୍ଗ୍‌ଡ଼ା, ପେଁକାଳି ।[୧୦]

ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ମଧ୍ୟରେ 'ପରଜା' ଜନଜାତି ଏହାର ଭାଷା, ସଂସ୍କୃତି ତଥା ସାମାଜିକ ଚଳଣୀ ଦୃଷ୍ଟିରୁ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପରଜା ଜନଗୋଷ୍ଠୀଙ୍କ ନୃତ୍ୟଗୀତ ମୁଖ୍ୟତଃ ଦୁଇ ପ୍ରକାରର । ଯଥା: ରିଂଜୋଡ଼ି ନୃତ୍ୟ ଓ ଢୁଂଢୁଙ୍ଗା ନୃତ୍ୟ । ଅନ୍ୟ ସମସ୍ତ ଜନଜାତିଙ୍କ ଭଳି ଏମାନଙ୍କର ମଧ୍ୟ ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବାନୁଷ୍ଠାନରେ ମୁଖ୍ୟ ଅବଲମ୍ବନ ହେଉଛି ନୃତ୍ୟ ଗୀତ । ବିବାହ, ଦଶାହ ଓ ଅନ୍ୟାନ୍ୟ ସାମାଜିକ ଉତ୍ସବ ଏବଂ ଚଇତି ପରବ, ପାଣ୍ଡୁ ପରବ, ଦିଆଲି ପରବ, ନୂଆଖାଇ ପରବରେ 'ରିଂଜୋଡ଼ି' ନୃତ୍ୟର ଆୟୋଜନ କରାଯାଇଥାଏ । ଉଭୟ ନାରୀ ପୁରୁଷ ଏଥିରେ ଅଂଶ ଗ୍ରହଣ କରିଥାନ୍ତି । ନାରୀମାନେ ନାଲି, ସବୁଜ ଓ ନୀଳରଙ୍ଗର ଲୁଗା ପିନ୍ଧି ଜଡ଼ା ତେଲରେ ମୁଣ୍ଡର ଖୋସାକୁ ବାଳଛପା ଓ ବିଭିନ୍ନ ଫୁଲରେ ସ୍ୱତନ୍ତ୍ର ଭାବରେ ସଜାଇଥାନ୍ତି । ପୁରୁଷମାନେ ଢୁଂଢୁଙ୍ଗା, ମଦଳ, ଗିନି, ଢୋଲ, ସୁର୍‌ଲୀ(ବଂଶୀ), ଟାମକ, ମଇରୀ(ମହୁରୀ) ତିଡ଼ିବିଡ଼ି ଓ ଡାପ ବଜାନ୍ତି । ଏହି ସବୁ ବାଦ୍ୟର ତାଳେ ତାଳେ ପରଜା ରମଣୀମାନେ ପାଦରେ ପାଦ ମିଶାଇ ବାହୁରେ ବାହୁ ଛନ୍ଦି, ଅଣ୍ଟାକୁ ଅଣ୍ଟା ଧରି ଝୁଲି ଝୁଲି ନୃତ୍ୟ କରନ୍ତି । ନୃତ୍ୟ ବେଳେ ଗୋଲାକାର, ଧାଡ଼ି ଏବଂ ସର୍ପିଳ ଗତି କରି ଏକ ମନୋରମ ପରିବେଶ ସୃଷ୍ଟି କରନ୍ତି । ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟଙ୍କ ପରି ଆଗରେ ଜଣେ ଅଭିଜ୍ଞ କଳାକାର (ଧାଙ୍ଗଡ଼ା ମାଝୀ) ମୟୂର ପୁଚ୍ଛ ଧରି ପାଦ ପକାଇଥାଏ । ତା'ର ପଦପାତ ଓ ଅଙ୍ଗଭଙ୍ଗୀକୁ ଅନୁସରଣ କରି ଅନ୍ୟମାନେ ନୃତ୍ୟ କରିଥାନ୍ତି ।

'ରିଂଜୋଡ଼ି' ନାଚ ପରି ପରଜା ଯୁବକଯୁବତୀମାନେ ଏକ ପ୍ରକାର ଶୃଙ୍ଗାରଧର୍ମୀ ଗୀତ ଗାଇ ଢୁଂଢୁଙ୍ଗା ବଜାଇ 'ଢୁଂଢୁଙ୍ଗା ନାଚ' କରିଥାନ୍ତି । ଏଥିରେ ଢୁଂଢୁଙ୍ଗା ମୁଖ୍ୟ ବାଦ୍ୟ ରୂପେ ବ୍ୟବହାର ହୁଏ ଏବଂ ସହବାଦ୍ୟ ଭାବରେ ଗିନି, ମଦଳ ଓ ବଂଶୀ ଆଦି ମଧ୍ୟ ବାଦନ କରାଯାଇଥାଏ । ଢୁଂଢୁଙ୍ଗା ନାଚରେ ଟଇଲା(ଢୁଂଢୁଙ୍ଗାର ଅନ୍ୟ ଏକ ନାମ) ବଜାଇ ଧାଙ୍ଗଡ଼ାମାନେ ଗାଉଥିବା ଏକ ଗୀତର ଦୃଷ୍ଟାନ୍ତ ଦେଖନ୍ତୁ –

"ଟଇଲା ମାରୁ ଭାଇ ଗୋ, ଡାପୁ ମାରୁ ଗୁମୁ,
କିନ୍ଦ୍ରି ମାରୁ ଭାଇ ଗୋ ଗାଦି ମାରୁ ଗୁମୁ ।
ଆମ୍‌କେ କଇଲା ଟୋକି ମାନ୍‌କେ,
ଗାଲେ ଗାଲେ ଚୁମୁ ଗୋ ଗାଲେ ଗାଲେ ଚୁମୁ ।" (ସୌଜନ୍ୟ: ଈଶ୍ୱର ମୁଦୁଲି, ରଙ୍ଗବାଲି କୁମ୍ଭା ଗାଁ, କୋରାପୁଟ)

ପରଜା ସଂପ୍ରଦାୟରେ ବ୍ୟବହୃତ ହେଉଥିବା ବାଦ୍ୟଗୁଡ଼ିକ ଆକୃତି, ଉପାଦାନ ଓ ଧ୍ୱନି ଦୃଷ୍ଟିରୁ ବିଭିନ୍ନ ପ୍ରକାରର । ଢୁଂଢୁଙ୍ଗା, ମଦଳ, ଟାମକ୍, ଢୋଲ, ତିଡ଼ିବିଡ଼ି, ନାଗରାବାଜା, ମହୁରୀ, ସୁର୍‌ଲୀ, ଡାପୁ, ଓ ଗୁଜ୍‌ରୀ ଆଦି ମୁଖ୍ୟତଃ ପରଜା ସଂପ୍ରଦାୟରେ ବ୍ୟବହୃତ ହୋଇଥାଏ ।

କୋରାପୁଟ ଜିଲ୍ଲାର ଆଦିବାସୀମାନଙ୍କର ରୁଚି, ଅଞ୍ଚଳ ଓ ସମ୍ପ୍ରଦାୟ ବିଶେଷରେ ଭିନ୍ନ ଭିନ୍ନ ହୋଇଥିବାରୁ ଏବଂ ଏମାନଙ୍କ କଥିତ ଭାଷାରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥିବାରୁ, ନିର୍ଦ୍ଦିଷ୍ଟ କେତୋଟି ବାଦ୍ୟଯନ୍ତ୍ରର ନାମକରଣରେ ଭିନ୍ନତା ଦେଖାଯାଏ । ନିମ୍ନରେ ପରଜା ବ୍ୟତୀତ ଓମାନତ୍ୟ, କନ୍ଧ, ଗାଦବା, ଭୂମିଆ ଓ ଭତଡ଼ା ସଂପ୍ରଦାୟରେ ବାଦ୍ୟର ନାମକରଣରେ ଦେଖାଯାଉଥିବା ଏହି ଭିନ୍ନତା ସଂପର୍କରେ ବାଦ୍ୟଯନ୍ତ୍ରଗୁଡ଼ିକର ଏକ ସାରଣୀ ନିମ୍ନରେ ଦିଆଗଲା ।

| **ପରଜା** | **ଓମାନତ୍ୟ** | **କନ୍ଧ** | **ଗାଦବା** | **ଭୂମିଆ** | **ଭତଡ଼ା** |
|---|---|---|---|---|---|
| ମଦଳ | ମୃଦଙ୍ଗ ବାଜା | ମର୍ଦ୍ଦୋଳି | ମର୍ଦ୍ଦୋଳ | ମୁଦାଡ୍ | ମୁଦାଦ୍ |
| ଟାମକ | ଟାମକ୍ | ଟାମକ୍ | ଟାମକ୍ | ଟାମକ୍ | ଟାମକ୍ |
| ଢୋଲ | ଢୋଲ୍‌କି | ଲିସେନି | କିଦଙ୍ଗ୍ | ଢୋଲ | ବଡ଼ିଡଙ୍ଗ |
| ତିଡ଼ିବିଡ଼ି/ କିର୍‌ଲୀ | ତୁଡୁବୁଡ଼ି | ଟିମ୍‌କି | କିର୍‌ଡି | ଟୁଡୁବୁଡ଼ି | ଟିଡ଼ିବିଡ଼ି |
| ଡାପୁ | ଡାପୁ | ଡାଙ୍ଗରା | ଡାପୁ | ଡାପୁ | ଡାପୁ |
| ଗୁଜ୍‌ରୀ | ଝୁମୁକା | ଝୁମୁକା | ଝୁମୁକା | ଝୁମୁକା | ଝୁମୁକା |
| ଢୁଂଢୁଙ୍ଗା | ଢୁଙ୍ଗୁରି ବାଜା | ଢୁଂଢୁଣୀ | ଢୁଢୁଂଗା | ଢୁଢୁଙ୍ଗା | ଢୁଢୁଙ୍ଗା |
| ମଇରି | ମୋହୁରି | ତିଡିରି | ମହିରି | ମୟିରି | ମୋହୁରି |
| ସୁର୍‌ଲୀ | ବଂସୀ | ବାଁସୀ | ବଂସୀ | ବଂସୀ | ବଂସୀ |

(ସୌଜନ୍ୟ : ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟ୍‌ସ୍), କୋରାପୁଟ)

**ମଦଳ :**

ପରଜା ଜନଜାତି ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର 'ମଦଳ' ଶାସ୍ତ୍ରୀୟ ଅବନଦ୍ଧ ଶ୍ରେଣୀୟ ଏକ ବାଦ୍ୟଯନ୍ତ୍ର । ଏହା ଉଭୟ

ଲୋକବାଦ୍ୟ ଓ ଶାସ୍ତ୍ରୀୟ ବାଦ୍ୟର ଅନ୍ତର୍ଭୁକ୍ତ । 'ପରଜା' ଜନଜାତି ବ୍ୟତୀତ କୋରାପୁଟ ଜିଲ୍ଲାର ଭୂମିଆ, ଭତରା, କନ୍ଧ, ଓମାନତ୍ୟ, ଜାତପୁ, ଗାଦବା, ପେଣ୍ଠିଆ ପ୍ରଭୃତି ସଂପ୍ରଦାୟରେ ନାଚଗୀତରେ ମଦଳର ବିଶେଷ ଭୂମିକା ରହିଛି । ଏହାର ଖୋଳ ପାଇଁ ସାଧାରଣତଃ ଗମ୍ଭାରୀ, ଶାଳ, ପଣସ, ନିମ କିମ୍ବା ଖଇର କାଠ ବ୍ୟବହାର କରାଯାଏ ।ମଦଳ ସହିତ ତିଡ଼ିବିଡ଼ି ବିଶେଷତଃ ପରଜାମାନଙ୍କର ଡଙ୍ଗର ଯାତ୍ରା, ରାହୁ ପୂଜା, ବାଟ ବିବାହ ପୂଜା, ତଥା ଚଇତ ପରବରେ ମୁଖ୍ୟ ବାଦ୍ୟ ଭାବରେ ବାଦନ କରାଯାଏ । ଏହି ବାଦ୍ୟ ଯନ୍ତ୍ର ଦ୍ୱାରା ଉପରୋକ୍ତ ପୂଜାର ପୂର୍ବଦିନ ରାତିରେ ଗୁରୁମାଇମାନେ 'ନିୟୁତା' କରି ନାଚି ଥାନ୍ତି । ଏଥି ସହିତ ଚଇତ ପରବରେ ଗ୍ରାମର ସମସ୍ତ ବୁଢ଼ାବୁଢ଼ୀ ଓ ଧାଙ୍ଗଡ଼ା-ଧାଙ୍ଗଡ଼ୀ ମିଶି 'ଚଇତ ପରବ' ନାଚ ନାଚିଥାନ୍ତି । ପୌଷ ମାସର ଘୋଡ଼ାନଚ ଏବଂ 'ଯାକେର କଡ଼ୀ' ପୂଜାରେ ମଧ୍ୟ ଏହି ବାଦ୍ୟ ବାଦନ କରାଯାଏ । 'ମଦଳ'ର ବୀର ଧ୍ୱନି ଦ୍ୱାରା ଗୁରୁମାଇ, ଦେବାଦେବୀଙ୍କୁ ନାଚି ନାଚି ଆବାହନ କରିଥାନ୍ତି ।

ମଦଳକୁ ବାଦକ ବେକରେ ଲମ୍ବାଇ ଏହାର ଓସାରିଆ ମୁଖଟିକୁ ବାମ ଓ ଅନ୍ୟମୁଖଟିକୁ ଡାହାଣ ପାପୁଲିରେ ଆଘାତ କରି ବାଦନ କରାଯାଏ । ଏହି ବାଦ୍ୟର ବିଶେଷତ୍ୱ ହେଉଛି ଏହା ଏକ ପ୍ରକାର ତାଥା-ତାଡ଼ା-ଡମ୍-ଡମ୍ ନାଦ ସୃଷ୍ଟି କରି ବୀରରସର ସଂଚାର କରିଥାଏ ।

**ଟାମକ୍ :**

ମଦଳ ପରି ଟାମକ୍ ମଧ୍ୟ ପରଜା ଜନଜାତିଙ୍କର ଏକ ମୁଖ୍ୟବାଦ୍ୟ ଭାବରେ ବ୍ୟବହୃତ । ଟମ୍‌ଟମ୍ ଧ୍ୱନି ସୃଷ୍ଟି ହେଉଥବାରୁ ଏହାର ନାମ ଟାମକ ହୋଇଥିବାର ଅନୁମାନ କରାଯାଏ । ଓଡ଼ିଶାରେ ପ୍ରଚଳିତ 'ଧୁମ୍‌ସା' ବାଦ୍ୟର ଆଦିରୂପ ଭାବରେ 'ଟାମକ'କୁ ଗ୍ରହଣ କରାଯାଏ । ପାର୍ଥକ୍ୟ ହେଉଛି ଧୁମ୍‌ସା ଲୁହାରେ ତିଆରି ହୋଇଥିଲା ବେଳେ 'ଟାମକ' ମାଟିରେ ତିଆରି ।

ଟାମକ ଦେଖିବାକୁ ବଡ଼ ନାଗରା ସଦୃଶ ଏକ ଅନବଦ୍ଧ ଶ୍ରେଣୀୟ ବାଦ୍ୟ । ଏହାର ଖୋଳଟି ଏକ ଓସାରିଆ ମାଟିପାତ୍ର । ଏହାର ଖୋଳିଟିକୁ କୁମ୍ଭାରମାନେ ନିର୍ମାଣ କରିଥାନ୍ତି । ଏଥି ନିମନ୍ତେ ବିଶ୍ୱାସ ରହିଛି ଯେ, ମନ୍ଦିର, ସର୍ବସାଧାରଣ ସ୍ଥାନ, ହାଟ ପ୍ରଭୃତିରୁ କିଛି କିଛି ମାଟି ନେଇ ହାଣ୍ଡି ଗଢ଼ା ମାଟିରେ ମିଶାଇ ଏହାର ଖୋଳ ତିଆରି କରାଯାଏ । ଏହାକୁ କାନ୍ଧରେ ଝୁଲାଇ କିମ୍ବା ଭୂମିରେ ରଖି ଦୁଇଖଣ୍ଡ ରବର ନିର୍ମିତ ଦଣ୍ଡ ଦ୍ୱାରା ଜୋର୍‌ରେ ଆଘାତ କରି ବାଦନ କରାଯାଏ । ଏହାର ଧ୍ୱନି ଅତ୍ୟନ୍ତ ଗୁରୁଗମ୍ଭୀର ହୋଇଥିବାରୁ ମଦଳ ପରି ବୀରରସାତ୍ମକ ହୋଇଥାଏ ।

'ପରଜା' ମାନଙ୍କର ପୌଷ ପରବ, ଚଇତ ପରବ, ପିଠାଲାନ୍ଦି, ନିଶାଣୀ ମୁଣ୍ଡା ପୂଜା, କାନ୍ଦୁଲ ବାଜା, ଫଳପୂଜା, ଘୋଡ଼ାନାଚ, ବାଲିଯାତ୍ରା, ଡଙ୍ଗର ଯାତ୍ରା, ନିଶାଣୀ ମୁଣ୍ଡା, ଦିଆଲି ପରବ, ଲାଠି ପୂଜା, ଯାକେର କଡ଼ି, ରାହୁ ପୂଜା, ବାଟ ବିବାହ ପୂଜା କିମ୍ବା ମୃତବ୍ୟକ୍ତିଙ୍କୁ ଶ୍ମଶାନକୁ ନେଲା ବେଳେ ମଧ୍ୟ ଏହି ବାଦ୍ୟଯନ୍ତ୍ରର ବ୍ୟବହାର ହୋଇଥାଏ । ଏହା ବ୍ୟତୀତ ବେଣ୍ଟ(ଶିକାର)କୁ ଗଲାବେଳେ, ଛେର୍‌ଛେରା (ପୂଜା ନିମନ୍ତେ ଚାନ୍ଦା) ମାଗିବା ସମୟରେ ଏବଂ ସମୁଦି ମିଶାରେ ଏହାକୁ ମୁଖ୍ୟ ବାଦ୍ୟ ଭାବରେ ବାଦନ କରାଯାଏ ।

**ଗାଦିବାଜା :**

ଗାଦିବାଜା ପାଖାପାଖି ଟାମକ୍ ସହିତ ସମାନ । ପାର୍ଥକ୍ୟ ହେଉଛି ଟାମକ୍‌ର ତଳଭାଗରେ ମାଟି ତିଆରି ମାଠିଆ(ଗାଦି) ରହୁଥିଲା ବେଳେ ଟାମକ୍ ତଳେ ଗାଦି ନଥାଇ କେବଳ ଥାଳି ସଦୃଶ ହୋଇଥାଏ । ମାଟିରେ ତିଆରି ମାଠିଆ ସହିତ ଗାଈ ବା ମଇଁଷିର ଚମଡ଼ା ଏଥିରେ ବ୍ୟବହୃତ ହୋଇଥାଏ । ପରଜାଙ୍କ ବିଶ୍ୱାସ ଅନୁଯାୟୀ ଯଦି ଗାଈକୁ ବାଘ କାମୁଡ଼ିବା ଦ୍ୱାରା ତା'ର ମୃତ୍ୟୁ ହୋଇଥାଏ, ତେବେ ସେହି ଚମଡ଼ା ଦୀର୍ଘସ୍ଥାୟୀ ହୋଇଥାଏ । ସେଥିପାଇଁ ଉକ୍ତ ଚମଡ଼ାରେ ଗାଦିବାଜା ତିଆରି କରିବାର ବିଧି ରହିଛି । ଏହାର ଧ୍ୱନି ମଧ୍ୟ ଯୁଦ୍ଧ ବାଦ୍ୟ ପରି ବୀରରସରେ ପରିପୂର୍ଣ୍ଣ ।

**ଢୋଲ :**

'ପରଜା' ଜନଜାତି ବ୍ୟତୀତ କୋରାପୁଟର କୋୟା, ଗଣ୍ଡ, ବଣ୍ଡା, ଭତରା, ମାଡ଼ିଆ, ସାନ୍ତାଳ, ଗାଦବା, କନ୍ଧ ତଥା ଭୂମିଆ ପ୍ରଭୃତି ପ୍ରାୟ ସମସ୍ତ ସଂପ୍ରଦାୟଙ୍କ ନୃତ୍ୟଗୀତରେ ଢୋଲ ଏକ ବିଶେଷ ବାଦ୍ୟ ଯନ୍ତ୍ର । ଶାସ୍ତ୍ରୀୟ ବର୍ଗୀକରଣ ଅନୁସାରେ ଏହା ଅବନଦ୍ଧ ଶ୍ରେଣୀର । ଏହାର ଗୁରୁଗମ୍ଭୀର ନାଦ ନୃତ୍ୟ ଓ ସଙ୍ଗୀତକୁ ଅଧିକ ରସାଣିତ କରିଥାଏ ।

'ଢୋଲ'ର ଖୋଳ ନିର୍ମାଣ ପାଇଁ ମୁଖ୍ୟତଃ ଗମ୍ଭାରୀ, ଶାଳ, ପିଆଶାଳ ଓ ରକ୍ତଚନ୍ଦନ କାଠକୁ ବ୍ୟବହାର କରାଯାଇଥାଏ । ଏହାର ବାମପୁଡ଼ାକୁ ଗୋରୁ ଚମଡ଼ା ଏବଂ ଡାହାରପୁଡ଼ାକୁ ଛାଗ ଚମଡ଼ା ଦ୍ୱାରା ବେତ କିମ୍ବା ବାଉଁଶପାତିଆ ଓ ଅଂଶ ଦେଇ ଛାଉଣି

କରାଯାଏ । ଉଭୟ ପାର୍ଶ୍ୱକୁ ସରୁ ଚମଡ଼ା ଦଡ଼ଉଡ଼ି ଦ୍ୱାରା ଶକ୍ତ ଭାବରେ ବନ୍ଧାଯାଏ । ବାଦକ ଏହାକୁ କାନ୍ଧରେ ଝୁଲାଇ କିମ୍ବା ଭୂମିରେ ରଖି ବାମପୁଡ଼ାକୁ ଏକ ମୋଟା କାଠି ଦ୍ୱାରା ଓ ଡାହାର ପୁଡ଼ାକୁ ହାତରେ ଆଘାତ କରି ବାଦନ କରିଥାଏ । କେତେକ କାଠିର ଶେଷ ମୁଣ୍ଡରେ କନାଗୁଡ଼ାଇ ମଧ୍ୟ ବାଦନ କରୁଥିବା ଲକ୍ଷ୍ୟ କରାଯାଏ । ଏଥିରୁ ଧମ୍ ଧମ୍ ଧମ୍ ଗୁରୁଗମ୍ଭୀର ନାଦ ସୃଷ୍ଟି ହୋଇଥାଏ । ଅନ୍ୟାନ୍ୟ ବାଦ୍ୟର ନାଦ ଅପେକ୍ଷା ଏହାର ନାଦ ବହୁ ଦୂରକୁ ଶୁଣାଯାଏ । ମଦଳ, ଟାମକ୍ ଆଦି ବାଦ୍ୟ ପରି ଏହା ପରଜାମାନଙ୍କର ପ୍ରାୟ ସମସ୍ତ ପର୍ବପର୍ବାଣୀରେ ବ୍ୟବହୃତ ହୁଏ ।

**ଟିଡ଼ିବିଡ଼ି / କିର୍ଲୀ :**

ଶାସ୍ତ୍ରୀୟ ବର୍ଗୀକରଣ ଅନୁଯାୟୀ ଏହା ମଧ୍ୟ ଏକ ଆନଦ୍ଧ ଶ୍ରେଣୀୟ ବାଦ୍ୟ । ଏହି ବାଦ୍ୟ ବିଭିନ୍ନ ସ୍ଥାନରେ ଡୁଡୁବୁଡ଼ି, ଟିଡିବିଡ଼ି, ଡୁବ୍‌ଡୁବ୍ ଆଦି ନାମରେ ପରିଚିତ । ତିଡ଼ିବିଡ଼ିର ଖୋଳଟି ଏକ କ୍ଷୁଦ୍ର ମାଟିପାତ୍ର ଓ ଏହାର ମୁଖଟି ଓସାରିଆ । ଟାମକ୍‌ର ତିଆରି ପ୍ରଣାଳୀ ଭଳି କୁମ୍ଭାର ଦେବାଦେବୀଙ୍କ ଆସ୍ଥାନ, ହାଟ ଆଦି ସର୍ବସାଧାରଣଙ୍କ ମିଳନସ୍ଥଳରୁ ମାଟିଆଣି ଏହାର ଖୋଳ ନିର୍ମାଣ କରିବା ବିଧି ପରଜା ସଂପ୍ରଦାୟରେ ପ୍ରଚଳିତ । ଏହା ଦେଖିବାକୁ ଗାଦିବାଜା ଭଳି, କେବଳ ଗାଦିବାଜାର ଆକାର ଅପେକ୍ଷାକୃତ ବଡ଼ ହୋଇଥିଲା ବେଳେ, ଏହାର ଆକାର ଛୋଟ ।

**ଡାପୁ :**

'ପରଜା' ସମ୍ପ୍ରଦାୟରେ 'ଡାପୁ' ନାମରେ ପରିଚିତ ଏହି ବାଦ୍ୟ ଯନ୍ତ୍ରଟି ଅନ୍ୟାନ୍ୟ ଅଞ୍ଚଳ ତଥା ସଂପ୍ରଦାୟରେ ଭିନ୍ନ ଭିନ୍ନ ନାମରେ ପରିଚିତ । ମୟୂରଭଂଜ ଜିଲ୍ଲାର ଆଦିବାସୀ ସଂପ୍ରଦାୟରେ ତଥା ଅନ୍ୟ କେତେକ ଅଞ୍ଚଳରେ ଏହା ଚାଙ୍ଗୁ ନାମରେ ପରିଚିତ । ଏହି ବାଦ୍ୟର ନାମକରଣ ଅନୁଯାୟୀ 'ଚାଙ୍ଗୁ ନୃତ୍ୟ' ନାମରେ ଏକ ବିଶେଷ ନୃତ୍ୟ ମଧ୍ୟ ପ୍ରଚଳିତ । କଳାହାଣ୍ଡିର ଆଦିବାସୀ ସଂପ୍ରଦାୟରେ 'ଡାପୁ' ଭାବରେ, ଗଞ୍ଜାମ ଜିଲ୍ଲାରେ 'ତାମ୍ପ' ଭାବରେ ମଧ୍ୟ ପରିଚିତ ।

ଏହି ବାଦ୍ୟଯନ୍ତ୍ରଟି ପ୍ରସ୍ତୁତ କରିବା ପାଇଁ ଗମ୍ଭାରୀ, ପିଆଶାଳ ପ୍ରଭୃତି ହାଲୁକା କାଠ ବ୍ୟବହାର କରାଯାଇଥାଏ । ସଂଗୀତର ତାଳ ସୃଷ୍ଟିକାରୀ ଏହି ବାଦ୍ୟଯନ୍ତ୍ରଟି ପରଜା ସଂପ୍ରଦାୟର ଏକ ମୁଖ୍ୟ ବାଦ୍ୟ ଯନ୍ତ୍ର ଭାବରେ ବ୍ୟବହୃତ ହୋଇ ପ୍ରାୟ ସମସ୍ତ ପର୍ବପର୍ବାଣୀରେ ବାଦନ କରାଯାଏ ।

**ଝମକା :**

ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରର ପ୍ରକାର ଅନୁସାରେ ଏହା ଘନବାଦ୍ୟ ଅନ୍ତର୍ଭୁକ୍ତ । ଝୁମୁକାକୁ ଗାଦି ବାଜା ଓ ଡାପୁ ସହିତ ବାଦନ କରାଯାଇଥାଏ । ଏହା ଟିଣରେ ପ୍ରସ୍ତୁତ । ଟିଣରେ ତିଆରି ଦୁଇଟି ଗୋଲାକୃତି କୁମ୍ଭି ଭିତରେ କିଛି ଛୋଟ ଛୋଟ ଲୁହା ଗୁଲି ଭର୍ତ୍ତି କରାଯାଇଥାଏ । ଧରିବା ପାଇଁ ଏଥିର ଦୁଇଟି ବେଣ୍ଟ ଲାଗିଥାଏ । ଏହାର ଝଣଝଣ ଶବ୍ଦ ଅନ୍ୟ ବାଦ୍ୟଯନ୍ତ୍ରର ଶବଦ ସହିତ ମିଶି ଧ୍ୱନି ମାଧୁର୍ଯ୍ୟ ସୃଷ୍ଟି କରିଥାଏ । ସାଧାରଣତଃ ଏହି ବାଦ୍ୟଯନ୍ତ୍ରକୁ 'ପରଜା' ସମ୍ପ୍ରଦାୟ ପୁଷ ପରବରେ ଅନୁଷ୍ଠିତ ହୋଇଥିବା ବାଳିଯାତ୍ରାରେ ମୁଖ୍ୟ ବାଦ୍ୟ ଭାବରେ ବ୍ୟବହାର କରାଯାଇଥାଏ । ଏଥି ସହିତ ରାହୁପୂଜା ଓ ବାଟ ବିବାହ ପୂଜା ଏବଂ ପିଠାଲାନ୍ଦିରେ ମଧ୍ୟ ବାଦନ କରାଯାଏ ।

**ଡୁଂଡୁଙ୍ଗା :**

ବାଦ୍ୟଯନ୍ତ୍ରର ପ୍ରକାର ଅନୁସାରେ ଏହି ବାଦ୍ୟଟି ତତବାଦ୍ୟ ଶ୍ରେଣୀୟ । ଶାସ୍ତ୍ରୀୟ ସଂଗୀତରେ ଏକତାର ପରି ଏକ ତନ୍ତ୍ରୀ ବିଶିଷ୍ଟ ବାଦ୍ୟଯନ୍ତ୍ର । ଏହି ବାଦ୍ୟର ନାମ ଧ୍ୱନିଭିତ୍ତିକ । ଏଥିରେ ଡୁଙ୍ଗ୍‌ଡୁଙ୍ଗ୍ ଧ୍ୱନି ସୃଷ୍ଟି ହେଉଥିବାରୁ ଏହାର ନାମକରଣ ଡୁଂଡୁଙ୍ଗା ହୋଇଥିବା ଅନୁମେୟ । କେତେକ ପରଜା ସଂପ୍ରଦାୟରେ ଏହା 'ଟଇଁଲା' ନାମରେ ପରିଚିତ । କିନ୍ତୁ କେତେକ ଗବେଷକ 'ଟଇଁଲା'କୁ ଡୁଂଡୁଙ୍ଗାର ଆଦିମ ରୂପ ବୋଲି ମତ ଦିଅନ୍ତି । ବିଶିଷ୍ଟ ଲୋକସଂସ୍କୃତି ଗବେଷକ ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କ ମତରେ – "ଏହା ଏକ ପୁରାତନ ବାଦ୍ୟଯନ୍ତ୍ର । ଡୁଂଡୁଙ୍ଗା, ରାମଗୁଟା ପ୍ରଭୃତି ତତ୍ ଶ୍ରେଣୀୟ ବାଦ୍ୟଯନ୍ତ୍ରର ସୃଷ୍ଟି ପୂର୍ବରୁ ଏହି ବାଦ୍ୟଯନ୍ତ୍ରର ସୃଷ୍ଟି । ଏଥିରେ କୌଣସି ଧାତବ ତାର ବ୍ୟବହୃତ ହୋଇନଥାଏ । ଲୁହାର ବ୍ୟବହାର ପୂର୍ବରୁ ଆଦିମ ମଣିଷ ବୃକ୍ଷର ତନ୍ତୁ ଦଉଡ଼ିକୁ ଟାଣି ଧ୍ୱନି ସୃଷ୍ଟି କରି ଉଲ୍ଲସିତ ହେଉଥିଲା । ଗଠନ ଓ ଆକୃତିରୁ ଏହାର ପ୍ରାଚୀନତା ସ୍ପଷ୍ଟ ।" (୧୧) 'କନ୍ଧ' ସଂପ୍ରଦାୟରେ ଡୁଂଡୁଙ୍ଗାକୁ 'ଡୁଂଡୁଣୀ' ବୋଲି କୁହାଯାଏ । ପୁଣି ଏହାର ଆକାର ଓ ନିର୍ମାଣଶୈଳୀ ଦୃଷ୍ଟିରୁ ଦେଶୀୟ କନ୍ଧ ଏବଂ ଡଙ୍ଗରିଆ କନ୍ଧ ସଂପ୍ରଦାୟରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ।

ଡୁଂଡୁଙ୍ଗା ବାଦ୍ୟଯନ୍ତ୍ର ତିଆରି ପାଇଁ ଏକ ପରିପକ୍ୱ ଗୋଲାକାର ପିତା ଲାଉ, ଦୁଇହାତ ଲମ୍ବର ଖଣ୍ଡେ ବାଉଁଶଦଣ୍ଡ, ଗାଈ ବା ଛାଗ ଚମଡ଼ା, ଖଣ୍ଡେ ଲୁହା ତାର, ଏବଂ ଦୁଇଖଣ୍ଡ କାଠି ଆବଶ୍ୟକ ହୋଇଥାଏ । ଡୁଂଡୁଙ୍ଗାର ଲାଉତୁମ୍ବା ପାର୍ଶ୍ୱଟିକୁ ବାମ କାନ୍ଧରେ

ରଖି ଏକ ସମୟରେ ବାମହାତ ପାପୁଲିରେ ଲାଉତୁମ୍ବାକୁ ଓ ଡାହାଣ ହାତ ଅଙ୍ଗୁଳିରେ ତାରକୁ ଆଘାତ କରି ବାଦନ କରାଯାଏ । ଲାଉତୁମ୍ବାର 'ଡୁମ୍‌ଡୁମ୍' ଧ୍ୱନି ଓ ତାରର 'ଟୁଙ୍ଗ୍‌ଟୁଙ୍ଗ୍' ଧ୍ୱନିର ମିଳନରେ ଏକ ମଧୁର ଧ୍ୱନି ସୃଷ୍ଟି ହୋଇଥାଏ । ଏଥିରୁ ଏକ ସମୟରେ ଦୁଇ ଭିନ୍ନ ଧ୍ୱନି ମଧ୍ୟ ସୃଷ୍ଟି କରାଯାଇପାରେ ।

ପରଜା ନାରୀ-ପୁରୁଷଙ୍କ ମଧ୍ୟରେ 'ଗୀତ୍ ମାରାନି' ସମୟରେ ଏହି ବାଦ୍ୟଯନ୍ତ୍ର ବିଶେଷ ରୂପେ ବ୍ୟବହାର କରାଯାଇଥାଏ । ଡୁଂଡୁଙ୍ଗା ସହିତ ଗୀତ ଗାଇବାକୁ 'କିନ୍ଦ୍ରି ଗୀତ' କୁହାଯାଏ । ଏହି ଗୀତ ଗାଇବା ସମୟରେ ଡୁଂଡୁଙ୍ଗା ସହିତ ତାଳ ଦେବା ପାଇଁ ମଦଳ ଓ ଗିନି ମଧ୍ୟ ବ୍ୟବହାର କରାଯାଏ । ଯେପରି 'କେନ୍ଦରା' ସହିତ କରୁଣ ରସାତ୍ମକ ଯୋଗୀ ଗୀତ ଗାନ କରାଯାଏ, ସେହିପରି କରୁଣ ରସଯୁକ୍ତ 'କିନ୍ଦ୍ରିଗୀତ' ମଧ୍ୟ ଡୁଂଡୁଙ୍ଗା ବଜାଇ ଗାଁ ଗାଁ ବୁଲି ଗାନ କରାଯାଏ । ଡୁଂଡୁଙ୍ଗା ସହିତ ଉଭୟ କରୁଣ ଓ ଶୃଙ୍ଗାର ରସମୂଳକ ଗୀତ ଗାନ କରାଯାଏ । ପରଜା ସଂପ୍ରଦାୟରେ ପ୍ରଚଳିତ 'ରିଂଜୋଡ଼ି' ଓ 'ଢେମ୍‌ସା'ରେ ଗିନି ମଦଳ ଓ ତିଡ଼ିବିଡ଼ି ସହ ଡୁଂଡୁଙ୍ଗା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

**ରାମଗୁଟା :**

'ପରଜା' ଜନଜାତିରେ ବ୍ୟବହୃତ 'ତତବାଦ୍ୟ' ଶ୍ରେଣୀୟ ବାଦ୍ୟଯନ୍ତ୍ର ମଧ୍ୟରେ 'ରାମଗୁଟା' ଅନ୍ୟତମ । ଲୋକବିଶ୍ୱାସ ରହିଛି ଯେ, ଏହା ରାମାୟଣ ଯୁଗରେ ପ୍ରଚଳିତ ଥିଲା ଓ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ନାମାନୁସାରେ ଏହାର ନାମକରଣ ଏପରି ହୋଇଛି । ଗଠନ ଦୃଷ୍ଟିରୁ ଏହା 'ଡୁଂଡୁଙ୍ଗା' ସଦୃଶ । ପାର୍ଥକ୍ୟ ହେଉଛି 'ଡୁଂଡୁଙ୍ଗା'ରେ ଏକମାତ୍ର ତାର ବ୍ୟବହୃତ ହେଉଥିଲା ବେଳେ ଏଥିରେ ଦୁଇଟ ତାର ଲାଗିଥାଏ ଏବଂ ଡୁଙ୍ଗଡୁଙ୍ଗାରେ ସଂଯୁକ୍ତ ଲାଉତୁମ୍ବାର ଯନ୍ତ୍ରକୋଷଠାରୁ ଏହା ଅପେକ୍ଷାକୃତ ବଡ଼ ।

ଉଭୟ ବାଦ୍ୟଯନ୍ତ୍ରର ବାଦନ ରୀତି ସମାନ । ବାଦକ ଏହାକୁ ବାମକାନ୍ଧରେ ଲାଉତୁମ୍ବାପଟକୁ ଧାରଣ କରି ବାମହାତରେ ଲାଉତୁମ୍ବାକୁ ଓ ଡାହାଣ ହାତରେ ତାରକୁ ଆଘାତ କରିବା ଦ୍ୱାରା ଡିଡିଙ୍ଗ-ଡିଡିଙ୍ଗ ଧ୍ୱନି ଜାତ ହୁଏ । 'ଡୁଂଡୁଙ୍ଗା'ର ଧ୍ୱନି ଅପେକ୍ଷା ରାମଗୁଟାର ଧ୍ୱନି ଅତ୍ୟନ୍ତ ଗମ୍ଭୀର ଓ ଶ୍ରୁତିମଧୁର । ମୁଖ୍ୟତଃ ଏକକ (Salo) ଗୀତ ଗାନ ସମୟରେ ଏହାର ବ୍ୟବହାର ଅଧିକ ମାତ୍ରାରେ କରାଯାଇଥାଏ ।

**ମଇରି (ମହୁରୀ) :**

'ମଇରି' ପରଜା ସଂପ୍ରଦାୟର ବିଭିନ୍ନ ପୂଜା, ପର୍ବପର୍ବାଣୀ, ଯାତ୍ରା ଏବଂ ମୃତକର୍ମ ସମୟରେ ବ୍ୟବହାର କରାଯାଇଥାଏ । ଏହା ଏକ ସୁଶିର ବାଦ୍ୟ । କୋରାପୁଟ ଅଞ୍ଚଳରେ ଆଦିବାସୀ ସଂପ୍ରଦାୟରେ ଦେଖାଯାଉଥିବା ଦୁଇ ପ୍ରକାରର ମହୁରୀ (କାଠ ଓ ପିତ୍ତଳ) 'ପରଜା' ଜନଜାତି ଦ୍ୱାରା ବାଦନ କରାଯାଉଥିବାର ଦେଖିବାକୁ ମିଳେ । ମହୁରୀର ଧ୍ୱନି ବିଶେଷତଃ କରୁଣ ରସ ବ୍ୟଞ୍ଜିତ ହୋଇଥିବାରୁ ମୃତବ୍ୟକ୍ତିଙ୍କ ସଂସ୍କାର ସମୟରେ ଏହା ମଧ୍ୟ ବାଦନ କରାଯାଏ । ଏହାଛଡ଼ା ରାହୁ ପୂଜା, ବାଟ ବିବାହ, ଡଙ୍ଗର ଯାତ୍ରା, କିଡ଼ା ଯାତ୍ରା, ବଢ଼ାଭଣୀ ଯାତ୍ରା ବା ଠାକୁରାଣୀ ଯାତ୍ରା ତଥା ଦିଆଲୀ ପରବରେ ମହୁରୀ ବାଦନ କରାଯାଏ ।

**ସୁର୍‌ଲୀ (ବଂଶୀ) :**

ଶୁଷିର ବାଦ୍ୟ ଅନ୍ତର୍ଭୁକ୍ତ ବଂଶୀ ଉଭୟ ଶାସ୍ତ୍ରୀୟ ତଥା ଲୋକସଂଗୀତ ପରମ୍ପରାରେ ଏକ ବହୁ ପରିଚିତ ବାଦ୍ୟଯନ୍ତ୍ର । କେରାପୁଟ ଜିଲ୍ଲାରେ ପ୍ରଚଳିତ ବଂଶୀଗୁଡ଼ିକ ମୁଖ୍ୟତଃ ତିନି ପ୍ରକାରର । ଯଥା : ଆଡ଼ବଂଶୀ, ସିଧାବଂଶୀ, ଏବଂ ମଧ୍ୟ ବଂଶୀ । ତନ୍ମଧ୍ୟରୁ ପରଜା ସଂପ୍ରଦାୟରେ ମୁଖ୍ୟତଃ 'ଆଡ଼ବଂଶୀ'ର ପ୍ରଚଳନ ସର୍ବାଧିକ ।

ଆଡ଼ବଂଶୀଗୁଡ଼ିକ ବାଉଁଶରେ ତିଆରି ହୋଇଥାଏ । ଉକ୍ତ ବଂଶୀର ପୃଷ୍ଠଭାଗରେ ଫୁଙ୍କିବା ନିମନ୍ତେ ଛିଦ୍ର ରହିଥାଏ ଓ ଆଡ଼ ଭାବେ ଓଠ ସହ ସମାନ୍ତରାଳ ଭାବରେ ରଖି ବାଦନ କରାଯାଏ । ଏହାର ଲମ୍ବ ସାଧାରଣତଃ ୧୦ରୁ ୨୧ ଇଞ୍ଚ ମଧ୍ୟରେ ଓ ଏଥିରେ ଥିବା ଛିଦ୍ର ସଂଖ୍ୟା ଫୁଙ୍କିବା ଛିଦ୍ରକୁ ବାଦ ଦେଇ ୩ ରୁ ୬ଟି ମଧ୍ୟରେ ସୀମାବଦ୍ଧ । ବିଭିନ୍ନ ଲମ୍ବ ବିଶିଷ୍ଟ ଆଡ଼ବଂଶୀର ଛିଦ୍ର ଏହାର ଅଗ୍ରଭାଗରୁ ୩ ସେ.ମି.ରୁ ୧୧ ସେ.ମି. ଦୂରରେ ଅବସ୍ଥିତ । ଡୁଂଡୁଙ୍ଗା, ମର୍ଦ୍ଦଳ, ଗିନି ଆଦି ସହିତ ଏହି ବଂଶୀ ବିଭିନ୍ନ ପର୍ବପର୍ବାଣୀରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଗାଈ ଚରାଇଲା ବେଳେ ଗାଈଆଳ ଏକକ ଭାବରେ ମଧ୍ୟ ବାଦନ କରିଥାଏ ।

'ପରଜା' ଜନଜାତିର ସାଂସ୍କୃତିକ ପରିସର ଯେତିକି ବିସ୍ତୃତ ସେତିକି ବୈଚିତ୍ର୍ୟମୟ । ଆଦିବାସୀ ସଂସ୍କୃତିର ମୁଖ୍ୟ ଉପାଦାନ ହେଉଛି ଗୀତ ଓ ନାଚ । ତେଣୁ ପରଜା ସଂପ୍ରଦାୟର ନାଚ ଓ ଗୀତ ପରମ୍ପରା ଅନ୍ୟ ଆଦିବାସୀ ନାଚ ଗୀତଠାରୁ କେତେକାଂଶରେ ଭିନ୍ନ ତଥା ସମୃଦ୍ଧ ମଧ୍ୟ । ପରଜା ଜନଜାତିର ନାଚଗୀତ ସାଙ୍ଗକୁ

ବାଦ୍ୟଯନ୍ତ୍ରର ଏକ ବଳିଷ୍ଠ ବିଭବ ରହିଛି । ଶୃଙ୍ଗାର, କରୁଣ, ବୀର ରସାତ୍ମକ ଧ୍ୱନି ସୃଷ୍ଟି କରି ଗୀତ ଓ ନାଚ ମଧ୍ୟରେ ପ୍ରାଣ ପ୍ରାଚୁର୍ଯ୍ୟ ଭରି ଦେଇଥାନ୍ତି ଏହି ବାଦ୍ୟଯନ୍ତ୍ର ସବୁ । ଧୀରେ ଧୀରେ ଲୁପ୍ତପ୍ରାୟ ଏହି ବାଦ୍ୟଯନ୍ତ୍ର ସବୁକୁ ସଂଗ୍ରହ ଓ ଉଦ୍ଧାର କରିବାର ଆବଶ୍ୟକତା ରହିଛି । ପ୍ରବନ୍ଧ ପ୍ରସ୍ତୁତି ସମୟରେ କୋରାପୁଟର ବିଭିନ୍ନ ପରଜା ଗାଁ ବୁଲି ବାଦ୍ୟଯନ୍ତ୍ର ସଂପର୍କରେ ତଥ୍ୟ ସଂଗ୍ରହ କଲାବେଳେ ଏହି ସମୃଦ୍ଧ ବାଦ୍ୟ ପରମ୍ପରାର ଶୋଚନୀୟ ସ୍ଥିତି ହୃଦୟଙ୍ଗମ କରିହୁଏ ।

ଆଧୁନିକ ଯୁଗ ସହ ତାଳ ଦେଇ ପରଜା ସଂପ୍ରଦାୟକୁ ସଭ୍ୟ ଶିକ୍ଷିତ କରାଇବାର ପ୍ରୟାସରେ ବାସ୍ତବରେ ଏହାର ଉଚାଙ୍ଗ ସଂସ୍କୃତି ଅବକ୍ଷୟ ଆଡ଼କୁ ହିଁ ଗତି କରୁଛି । ତଥାକଥିତ ଆଧୁନିକତାର ଦାୟରେ ବର୍ତ୍ତମାନ ଡି.ଜେ., ମାଇକ ମୋବାଇଲ ଫୋନ୍ ଆଦି ନେଇଛି ଆଲୋଚ୍ୟ ବାଦ୍ୟଯନ୍ତ୍ରର ସ୍ଥାନ । ସୁତରାଂ ଅବକ୍ଷୟମାଣ ଏହି ଆଦିବାସୀ ସଂସ୍କୃତିର ଏକ ଅଙ୍ଗ ପରଜା ବାଦ୍ୟଯନ୍ତ୍ରଗୁଡ଼ିକର ତଥା ଏହାର ବାଦନ ପ୍ରଣାଳୀର ସଂରକ୍ଷଣ, ପ୍ରଚାର ଓ ପ୍ରସାର କରିବାର ସମୟ ଆସିଛି ।

**ସହାୟିକା ଗ୍ରନ୍ଥସୂଚୀ :**


୧. (ମୂ.ର.) ଭରତ ମୁନି (ଅ) ମିଶ୍ର, ଗୋବିନ୍ଦ ଚନ୍ଦ୍ର; ନାଟ୍ୟଶାସ୍ତ୍ର, ଚତୁର୍ଥ ଖଣ୍ଡ, ଅଷ୍ଟାବିଂଶ ଅଧ୍ୟାୟ, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ୨୦୦୮, ପୃ. ୦୫ ।

୨. Kothari, K.S.; Indian Folk Musical Instruments, New Delhi, Sangeet Natak Akademi, 1968, P- 12.

୩. ସେହିଠାରେ, ପୃ. ୧୨

୪. ସେହିଠାରେ, ପୃ. ୧୩

୫. ସେହିଠାରେ, ପୃ. ୧୩

୬. ପଣ୍ଡା, ପ୍ରତାପ କୁମାର; ଓଡ଼ିଶାର କନ୍ଧ ଆଦିବାସୀ ସଙ୍ଗୀତ ଓ ବାଦ୍ୟଯନ୍ତ୍ର, ଭୁବନେଶ୍ୱର, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ୧୯୯୭, ପୃ. ୭୩ ।

୭. (ସଂ) ନନ୍ଦ, ଦୁର୍ଗାମାଧବ; ଆମ ଲୋକଗୀତ ଓ ଲୋକବାଦ୍ୟ (ଅନ୍ତର୍ଭୁକ୍ତ) ଗଞ୍ଜାମର ଲୋକବାଦ୍ୟ: ଏକ ସାଂସ୍କୃତିକ ଅନୁଶୀଳନ, ପ୍ରଦୀପ କୁମାର ପଟ୍ଟନାୟକ, ବ୍ରହ୍ମପୁର, ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୧, ପୃ. ୧୪୦ ।

୮. (ସଂ) ନନ୍ଦ, ଦୁର୍ଗାମାଧବ; ଆମ ଲୋକନୃତ୍ୟ (ଅନ୍ତର୍ଭୁକ୍ତ) କୋରାପୁଟର ନୃତ୍ୟ ପରମ୍ପରା; ଏକ ଦୃଷ୍ଟିପାତ, ରାଜେନ୍ଦ୍ର ପାଢ଼ୀ, ବ୍ରହ୍ମପୁର, ଲୋକସଂସ୍କୃତି ଗବେଷଣା ପରିଷଦ, ୨୦୦୦, ପୃ. ୯ ।

୯. ପାଢ଼ୀ, ରାଜେନ୍ଦ୍ର; କୋରାପୁଟର ଆଦିବାସୀ ଲୋକ ସଂସ୍କୃତି, ବାଲେଶ୍ୱର, ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ୨୦୦୯, ପୃ. ୧୯୬ ।

୧୦. ସେହିଠାରେ ପୃ. ୧୯୭

୧୧. ସେହିଠାରେ ପୃ. ୨୦୬



**ସୌଜନ୍ୟ :**

(କ) ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ, କୋରାପୁଟ (COATS, Koraput) ।

(ଖ) ରଙ୍ଗବାଲି କୁମ୍ଭା, ବଡ଼ ଚିନ୍ଦ୍ରି, ରେଲି କୁମ୍ଭା ଓ ମାନବର ଗାଁ (କୋରାପୁଟ)ର ଗ୍ରାମବାସୀ ।

(ଗ) ଛାତ୍ର-ଛାତ୍ରୀ : ଈଶ୍ୱର ମୁଦୁଲି, ସୁମିତ୍ରା ଗୋଲେରୀ, ଶଶି ଗୁଡ଼ିଆ ଓ ମନିକା ଖରା ।



ସହକାରୀ ପ୍ରଫେସର

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ସରକାରୀ ମହାବିଦ୍ୟାଳୟ, କୋରାପୁଟ

ISSN -2583-147X(P), Vol.- 8, Issue No. VIII, November 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଆଲୋଚନାର ଅନ୍ତରାଳେ ଅଥଚ ଚାଣକ୍ୟ

**ରଞ୍ଜନ କୁମାର ଖଣ୍ଡା**

॥ ଏକ ॥

ପ୍ରସଙ୍ଗ ଉଠୁଛି ଚାଣକ୍ୟ ତ ଚାଣକ୍ୟ ପୁଣି ଅଥଚ ଚାଣକ୍ୟ କ'ଣ ? ଏହିପରି ଏକ ପ୍ରଶ୍ନ ହୁଏତ ସମସ୍ତଙ୍କ ମନରେ କୌଣସି ନା କୌଣସି ଭାବରେ ଉଙ୍କି ମାରୁଥିବ । ତେଣୁ ଏହି ପ୍ରଶ୍ନର ଉତ୍ତର ଆଗ କହିବା ଉଚିତ୍ ମନେ କରୁଛି । ସେ ଚାଣକ୍ୟ ଅଥବା ବିଷ୍ଣୁଗୁପ୍ତ ବା କୌଟିଲ୍ୟ । ମଗଧର ବିଶିଷ୍ଟ ପଣ୍ଡିତ ତଥା ଚଣକଙ୍କର ପୁତ୍ର ଚାଣକ୍ୟ । ପୁଣି ସେ ତକ୍ଷଶିଳାର କୃତବିଦ୍ୟ ଅର୍ଥନୀତିର ଅଧ୍ୟାପକ । ଏଥିସହିତ ଜଣେ ବିଚକ୍ଷଣ କୂଟନିତୀଜ୍ଞ ମଧ୍ୟ । ତାଙ୍କର କୂଟନୀତି ଯୁଗୁଁ ନନ୍ଦବଂଶର ପତନ ଓ ମୌର୍ଯ୍ୟ ବଂଶର ପ୍ରତିଷ୍ଠା ସମ୍ଭବ ହୋଇଛି । ଏହି ନାୟକ ଇତିହାସର ଦ୍ୱାର ଦେଶରେ ଦଣ୍ଡାୟମାନ, ଭବିଷ୍ୟତରେ ପ୍ରଯୋଜକ ଓ ଭବିଷ୍ୟତର ଦୂରଦ୍ରଷ୍ଟା । ମାତ୍ର ଯୁଗ ଓ ରୁଚି ଏହି ଶବ୍ଦ ମଧ୍ୟରେ ଯେତିକି ପାର୍ଥକ୍ୟ ରହିଛି, ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସେତିକି ପାର୍ଥକ୍ୟ ରହିଛି । ଚାଣକ୍ୟ ରହିଛି, ରହିବ ଏବଂ ନୂତନ ପ୍ରଭାକୁ ଉନ୍ମୋଚନ କରିବା ପାଇଁ ସେ ସଦା ନୂତନ ପ୍ରାର୍ଥିର ଅନ୍ୱେଷକ । ତେଣୁ ଖୋଜିବା ଏକ ପ୍ରବାହ । ଯାହାଦ୍ୱାରା ଚାଣକ୍ୟ ରାଜଗାଦୀର ମୋହକୁ ଭାଙ୍ଗିପାରି ନାହାଁନ୍ତି କି ଭାଙ୍ଗି ପାରିବେ ନାହିଁ ମଧ୍ୟ । ତେଣୁ ପ୍ରତି ମୁହୂର୍ତ୍ତରେ ଖୋଜିବା କାର୍ଯ୍ୟ ଚାଲିଛି । ସେହି ସମୟରେ ଚାଣକ୍ୟ ଏକା ଥିଲେ ଏବଂ ରାଜଗାଦୀ ଥିଲା ଅନେକ, ମାତ୍ର ବର୍ତ୍ତମାନ ରାଜଗାଦୀ ଗୋଟିଏ ଚାଣକ୍ୟ ମାନଙ୍କର ସଂଖ୍ୟା ଅନେକ । ତେଣୁ 'ଚାଣକ୍ୟ' ଓ 'ଅଥଚ ଚାଣକ୍ୟ' ଜଣେ ନୁହେଁ ବରଂ ଅନେକ ଭିତରେ ସମାହିତ ହୋଇଛି ।

କଥାଟିକୁ ଆହୁରି ସ୍ପଷ୍ଟ କରି ଦେଉଛି । ବର୍ତ୍ତମାନ ସମାଜ ଗଣତନ୍ତ୍ରର ସମାଜ । ରାଜା ଜଣେ ପ୍ରଜା ଅନେକ । ରାଜ୍ୟର ଭଲମନ୍ଦ ବିଚାର କରିବାର ଭାର ରାଜାଙ୍କ ଉପରେ ନ୍ୟସ୍ତ କରାଯାଇଛି । ପୁଣି ଏହି ରାଜାଙ୍କୁ କୌଣସି ଚାଣକ୍ୟ ରୂପି ପଣ୍ଡିତ ସିଂହାସନରେ ବସାଇ ନାହାଁନ୍ତି । ବରଂ ଜନତା ନିଜ ଇଚ୍ଛାରେ ପ୍ରତିନିଧି ଚୟନ କରି ତାକୁ ରାଜଗାଦୀରେ ବସାଇଛନ୍ତି । ତାକୁ ରାଜା କରାଇଛନ୍ତି । ଏଥିସହିତ ଜନତା ରାମ ରାଜ୍ୟର ସ୍ୱପ୍ନ ଦେଖିଛନ୍ତି । ସତ୍ୟ-ନିଷ୍ଠା ଓ ସଦ୍‌ଭାବନା ରଖି ପ୍ରଜା ପାଳିବାର ଶପଥ ପାଠ କରାଇଛନ୍ତି । ମାତ୍ର, ଏହି ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ସମାହିତ ରହିଛି । ସଂସାରରେ ରାମ କେବଳ ଥରେ ମାତ୍ର ଜନ୍ମ ଗ୍ରହଣ କରନ୍ତି । ଥରେ ମାତ୍ର ରାମରଜ୍ୟ ପ୍ରତିଷ୍ଠା ହୁଏ । ତେଣୁ ମାନି ନେବାକୁ ହେବ ରାମ ରୂପି ଶାନ୍ତ-ଶୌର୍ଯ୍ୟ-ବୀର୍ଯ୍ୟ ଓ ପ୍ରଜ୍ଞାବାନ୍ ରାଜା ଥରେ ମାତ୍ର ଧରାପୃଷ୍ଠରେ ଅବତରଣ କରନ୍ତି, ଦ୍ୱିତୀୟ ଥର ନୁହେଁ । ଯଦିବା ଜନ୍ମ ନିଅନ୍ତି ତେବେ ରାମ ହୋଇ ନୁହେଁ ବରଂ କୃଷ୍ଣ ହୋଇ । ଯିଏ ଗୋପାଙ୍ଗନାମାନଙ୍କ ସହ କ୍ରୀଡ଼ା କରନ୍ତି । ପରଘରୁ ଲବଣୀ ଚୋରାଇ ଖାଆନ୍ତି ଏବଂ ପର ଝିଅ ବୋହୂଙ୍କ ଅଙ୍ଗସଙ୍ଗ ଲାଭ କରନ୍ତି । ପୁନଃ ପ୍ରେମିକାକୁ ଦୂରଦିଗନ୍ତରେ ଛାଡ଼ି ଚାଲିଆସି ଅନ୍ୟ ଏକ ଭବ୍ୟ ସଂସାର ମେଲାନ୍ତି । ଧର୍ମର ସ୍ଥାପନା ପାଇଁ ମହାଭାରତ ପରି ବିଶାଳ ଯୁଦ୍ଧର ଆମନ୍ତ୍ରଣ କରାନ୍ତି ଏବଂ ଧର୍ମର ପ୍ରତିଷ୍ଠା କରନ୍ତି । ପୁଣି ଧରାଭୂମିରୁ ନିଜର ଜାଜ୍ୱଲ୍ୟମାନ ରୂପକୁ ସବୁଦିନ ପାଇଁ ପୋଡ଼ି କଳା କରିଦିଅନ୍ତି ।

ତେଣୁ ଯୁଗ ବଦଳେ, ନାମ ବି ବଦଳେ । ସତ୍ୟ-ତ୍ରେତା-ଦ୍ୱାପର-କଳି ଆଦି ଭେଦରେ ଯୁଗର ବିଭାଜନ ଘଟେ । ଏତେ ସବୁ ପରିବର୍ତ୍ତନ ସଙ୍ଗେ ସଙ୍ଗେ ମଣିଷର ରୁଚି ବା କାହିଁକି ନ ବଦଳିବ । କାହିଁକି ମଣିଷ ଗୋଟିଏ ନିୟମରେ ବାନ୍ଧି ହୋଇ ରହିବ ? ସେ ସ୍ୱତନ୍ତ୍ର ଜୀବନର ଅନୁରାଗୀ । ତାକୁ ବନ୍ଧନର ଜୀବନ ତେଣୁ ଭଲ ଲାଗିବ ବା କିପରି ? ଇତିହାସର ଚାଣକ୍ୟ ନନ୍ଦର ଶାସନରେ ଅସହିଷ୍ଣୁ ହୋଇ ରାଜପଦରୁ ବିତାଡ଼ିତ କରିବାକୁ ବହୁ ଚେଷ୍ଟା କରିଛନ୍ତି, ଖୋଜିଛନ୍ତି ଏମିତି ଜଣେ ରାଜାଙ୍କୁ ଯିଏ ଏହି ଅତ୍ୟଚାରୀର ଅତ୍ୟାଚାରକୁ ଧ୍ୱଂସ କରିପାରିବ । ଶୋଷଣ-ଅତ୍ୟାଚାରର କଷାଘାତରେ ସଢୁଥିବା ଜନତାଙ୍କୁ ମୁକ୍ତି ଦେଇପାରିବ । ତେଣୁ ଏହି ଲକ୍ଷ୍ୟରେ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ଶ୍ରେୟ

ମଣିଥିଲେ । କ୍ରୁର ଅତ୍ୟାଚାରୀ ନନ୍ଦକୁ ପରାସ୍ତ କରି ନନ୍ଦବଂଶର ପତନ ଘଟାଇ ମୌର୍ଯ୍ୟ ବଂଶର ପ୍ରତିଷ୍ଠା କରିଥିଲେ । ନିରୀହ ଜନତାଙ୍କର ଭୋକକୁ ମେଣ୍ଟାଇବାର ପ୍ରତିଶ୍ରୁତି ମଧ ଦେଇଥିଲେ । କିନ୍ତୁ ସିଂହାସନର ମୋହ ପାଖରୁ ଚନ୍ଦ୍ରଗୁପ୍ତକୁ ପରାସ୍ତ କରିପାରିନାହାନ୍ତି କି ରାଜଗାଦୀର ସମ୍ମୋହନ ଶକ୍ତିର ପତନ କରିପାରି ନାହାନ୍ତି ।

ଯେଉଁ ସିଂହାସନରେ ଚନ୍ଦ୍ରଗୁପ୍ତ ବସି ରାଜ୍ୟ ଶାସନର ଭାର ହାତକୁ ନେଲା, ମାତ୍ର କଥାଟି ସ୍ପଷ୍ଟ ହେଲା । ରାଜା ବଦଳିଲା । କ୍ରୁର ଶାସନ ଓ ବଂଶର ମଧ ପତନ ହେଲା କିନ୍ତୁ ସିଂହାସନ ବଦଳିଲା ନାହିଁ । ସିଂହାସନର ମିଆଦା ଯେମିତି ଥିଲା, ସେମିତି ରହିଲା । ଯେମିତି ପ୍ରଜା ଶୋଷଣ ହେଉଥିଲେ ସେମିତି ଶୋଷଣର ଭାର ଦିନକୁ ଦିନ ବଢ଼ିଲା । ଏହି ଦୃଶ୍ୟ ସତେ କେତେ ପୀଡ଼ା ଦେଇନାହିଁ ଚାଣକ୍ୟକୁ । ତେଣୁ କୂଟନିତୀର କୌଶଳ ପୁନଃପ୍ରୟୋଗ କରିଛନ୍ତି । ପୁନଃ ରାଜ୍ୟ ଶାସନର ସୁବିଚାର ପାଇଁ ରାଜାର ଖୋଜା ଚାଲିଛି । ବର୍ଷ ବର୍ଷ ଯୁଗ ଯୁଗ ଧରି । କିନ୍ତୁ ଏହି ଖୋଜିବାର ଅନ୍ତଃ ଘଟି ନାହିଁ । ସେତେବେଳେ ଚାଣକ୍ୟ ଖୋଜିଥିଲେ, ଏବେ ମଧ ଖୋଜୁଛନ୍ତି । ବ୍ୟକ୍ତି ବ୍ୟକ୍ତି ମଧରେ ଗୋଷ୍ଠୀ ଗୋଷ୍ଠୀ ମଧରେ । ଏହି ଖୋଜିବା ପ୍ରକ୍ରିୟା ହିଁ ଅବିନାଶୀ ହୋଇ ରହିଛି । ରାଜ୍ୟର ଶାନ୍ତି ପାଇଁ, ଜନତାର ଅଧିକାର ପାଇଁ, ଯାହା ସମସାମୟିକ ସମୟରେ ଅତ୍ୟବଶ୍ୟକ ହୋଇପଡିଛି । ତେଣୁ ଦୁହିଁଙ୍କ ମଧରେ ଏହି ଖୋଜିବା କିୟାଟି ହିଁ ଏହାର ଅର୍ଥ ବହନ କରେ ।

## ॥ ଦୁଇ ॥

ଇତିହାସର ଚାଣକ୍ୟ ସମସାମୟିକ ସମୟରେ ମିଥ୍ ପାଲଟି ଯାଇଛି । ତାଙ୍କର ଜନହିତକାରୀ ଚିନ୍ତାଧାରା, କୂଟନୈତିକ ଦର୍ଶନ ମୂଲ୍ୟବୋଧର ମାର୍ଗ ପ୍ରସ୍ତୁତ କରିଛି । ଏହି ମୂଲ୍ୟବୋଧକୁ ହୃଦୟଙ୍ଗମ କରି ଇତିହାସର କାହାଣୀକୁ ନାଟ୍ୟକାର ରତ୍ନାକର ଚଇନି ଦର୍ଶକ ସମ୍ମୁଖରେ ଉପସ୍ଥାପନା କରିଛନ୍ତି । ବର୍ତ୍ତମାନ ଶାସକ ଓ ଶାସନ ଗାଦୀରେ ଉପବିଷ୍ଟ ଥିବା ବ୍ୟକ୍ତିର ଚିନ୍ତାଧାରା କିପରି ରାଜ୍ୟ ପ୍ରତି ସୃଷ୍ଟି ହୋଇଛି, ତାହାର ବ୍ୟଙ୍ଗ କରିଛନ୍ତି 'ଅଥଚ ଚାଣକ୍ୟ' ନାଟକରେ । "ଚାଣକ୍ୟଙ୍କ ମନ୍ତ୍ରଣା ଓ ଚନ୍ଦ୍ରଗୁପ୍ତଙ୍କର ବୀରତ୍ୱ ସହ ଜନସାଧାରଣଙ୍କ ବିଦ୍ରୋହୀ ମନୋଭାବ ରାଜଶକ୍ତିର ପରିବର୍ତ୍ତନ ଆଣିଥିଲା । ରାଷ୍ଟ୍ର ପାଇଁ, ଜାତି ପାଇଁ ସର୍ବସ୍ୱ ହରାଇ ଚାଣକ୍ୟ ଦେଖିଲେ ସେ ଏକ ପରାଜିତ ନାୟକ । ରାଜା ବଦଳିଲେ ବି ଶାସନ ବଦଳୁନାହିଁ, ଶୋଷଣ ବଦଳୁ ନାହିଁ । ଚନ୍ଦ୍ରଗୁପ୍ତଙ୍କ ରାଣୀଙ୍କ ଦ୍ୱାରା ଅପମାନିତ ହୋଇ ଚାଣକ୍ୟ ପୁଣି ଖୋଜି ବୋଲିଛନ୍ତି ଜଣେ ଆଦର୍ଶ ଶାସକକୁ, ଯାହାକୁ ପାଇଲେ ସାଧାରଣ ଲୋକେ ସୁଖରେ ଜୀବନଯାପାନ କରିପାରିବେ, ମାତ୍ର ସେ ପାଇନାହାଁନ୍ତି ।"[୧] ଯୁଗଯନ୍ତ୍ରଣାର ତୀବ୍ର ସ୍ୱର ଚାଣକ୍ୟ ଚରିତ୍ର ମାଧ୍ୟମରେ ପ୍ରତୀୟମାନ ହୁଏ । ଯେଉଁ ଯନ୍ତ୍ରଣାର ଅନ୍ତଃ ନାହିଁ , ଯାହାର କାରୁଣ୍ୟତା କାହାରିକୁ ଦୃଷ୍ଟିଗୋଚର ହୁଏ ନାହିଁ । ସେହିସବୁ କଥାକୁ ଅଧାର କରାଯାଇଛି ଚାଣକ୍ୟ ଚରିତ୍ର ମାଧ୍ୟମରେ ।

'ଅଥଚ ଚାଣକ୍ୟ' ନାଟ୍ୟକାରଙ୍କର ନାଟକ ରଚନାର ମଧ୍ୟକାଳୀନ ସମୟରେ ରଚିତ । ସମସାମୟିକ ସମୟରେ ପ୍ରଚଳିତ ନାଟକର ଫର୍ମ ବଦଳିବା ସହିତ ଦର୍ଶକର ରୁଚିକୁ ଆଖି ଆଗରେ ରଖି ନାଟକର ଯେଉଁ ନବମୂଲ୍ୟାୟନ କରାଗଲା, ତାହାର ଫଳ ସ୍ୱରୂପ 'ଅଥଚ ଚାଣକ୍ୟ' । ୧୯୬୦ ମସିହା ପରବର୍ତ୍ତୀ ସମୟରେ ନାଟକ ରଚନାରେ ମନୋନିବେଶ ତଙ୍କର ସୁପ୍ତ ପ୍ରଭିାକୁ ଉନ୍ମୁକ୍ତ କରିଥିଲା । ପ୍ରାଥମିକ ପର୍ଯ୍ୟାୟରେ ସେ କବିତା, ଗଳ୍ପ, ଉପନ୍ୟାସ ଆଦି ରଚନା କରି ଯେଉଁ ସଫଳତା ପ୍ରାପ୍ତ କରିନଥିଲେ, ତା'ଠାରୁ ଅଧିକ ସଫଳତା ମିଳିଛି ନାଟକ ରଚନାରେ । କେବଳ ଏତିକିରେ ତାଙ୍କୁ ସିମୀତ କରିଦେଲେ କମ୍ ହେବ । ତାଙ୍କର ମନନଧର୍ମୀ ଚିନ୍ତାଧାରା, ଦର୍ଶନର ଦୃଷ୍ଟି ସମିକ୍ଷାତ୍ମକ ସ୍ପୃହାକୁ ଉଜ୍ଜୀବିତ କରିଛି । ତେଣୁ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ଲକ୍ଷ୍ୟ କରିହୁଏ । ଉଭୟ ପାରମ୍ପରିକ ଓ ବୌଦ୍ଧିକ ନାଟକ ରଚନା ତାଙ୍କ ନାଟକର ମାନ ନିର୍ଦ୍ଧାରଣ କରିଛି । ତାଙ୍କର ପ୍ରାରମ୍ଭିକ ରଚନା ଅସ୍ତରାଗର ଚନ୍ଦ୍ର (୧୯୬୦) ଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ଗୋଟିକ ପରେ ଗୋଟିଏ ସଫଳ ନାଟକ ଛାଡ଼ି ଦେଇଛନ୍ତି ଦର୍ଶକଙ୍କ ପାଖରେ । ଏଥିରେ ସମାଜ ଓ ଲୋକ ମଧ୍ୟରେ ଥିବା ତାରତମ୍ୟର ସ୍ପଷ୍ଟ ସୂଚନା ମିଳେ । ଦେଶରେ ଲାଗି ରହିଥିବା ଶ୍ରମିକ ମାନଙ୍କର କରୁଣ ସ୍ଥିତି ହିଁ ଅସ୍ତରାଗ ଚନ୍ଦ୍ର ନାଟକର ମୂଳ କଙ୍କାଳ । ଏହାପରେ ସେ 'ଶେଷ ଅଶ୍ରୁ', 'ଲଜ୍ଞାତାରା ବା ଅପଦେବତା', 'ମଂଚ ନାୟିକା', 'ରାଜହଂସ', 'ରଙ୍ଗତରଙ୍ଗ', 'କଳଙ୍କିତ ସୂର୍ଯ୍ୟ', 'ଅନେକ କ୍ୟାକଟସ୍', 'ଅନ୍ଧାରର ସୂର୍ଯ୍ୟମୁଖୀ', 'ପୁନଶ୍ଚ ପୃଥିବୀ', 'ନଚିକେତା ଉବାଚ', 'ମୁଖା', 'ଅସ୍ଥିର ଉପତ୍ୟାକା', 'ଅନେକ ନିଃଶ୍ୱାସର ଅକାଶ', 'ଆଶା ବୃନ୍ଦାବନ', 'ଯକ୍ଷ ଚରିତ', 'ନିଜ ନିଜ କୁରୁକ୍ଷେତ୍ର', 'ଆହେ ଆପଣେ', 'ସୁନା କଳସ', 'କେତେ ପ୍ରତିଶ୍ରୁତି', 'ନାଗଫେଣୀ ରତୁ' ଆଦି ଅନେକ ନାଟକର ସ୍ରଷ୍ଟା ।

'ଅଥଚ ଚାଣକ୍ୟ' ନାଟକଟି ବୌଦ୍ଧିକ ଚେତନାରେ ପରିପୃଷ୍ଟ ହେଲେ ହେଁ ଏହା ପାରମ୍ପରିକ ଶୈଳୀରେ ରଚିତ । ଏହା

ମିଥ୍ ଅଧାରିତ । ଏଥିରେ ଇତିହାସର କଥାବସ୍ତୁ ସହିତ ଆଧୁନିକ ଯୁଗ ସହିତ ସମନ୍ୱୟ ସ୍ଥାପିତ ହୋଇଛି । ଏହାକୁ ଇତିହାସ ଭିତ୍ତିକ ନୂଆ ନାଟକ ଭାବରେ ମଧ୍ୟ କେତେକ ସମାଲୋଚକ ଗ୍ରହଣ କରିଛନ୍ତି ।[୨] ଚାଣକ୍ୟର ଇତିହାସ ଅତୀତର ଇତିହାସ; ମାତ୍ର 'ଅଥଚ ଚାଣକ୍ୟ'ର ଇତିହାସ ସାମ୍ପ୍ରତିକ ସମୟର ଇତିହାସ । ଚାଣକ୍ୟ ଇତିହାସର ଚରିତ୍ର, ମାତ୍ର ଅଥଚ ଚାଣକ୍ୟ ସମସାମୟିକ ଜୀବନଧାରାର ବାହାକ । ନା ସେ ଇତିହାସର ପୃଷ୍ଠା ଲେଉଟାଏ ନା ସେ ଇତିହାସ ଜାଣିବାକୁ ଚେଷ୍ଟାକରେ । ସେ ହୋଇଛି ସାର୍ବକାଳୀକ । ଯାହାର ଉପସ୍ଥିତି ସବୁ ସମୟର । ସମୟର ବ୍ୟବଧାନରେ ବ୍ୟକ୍ତିର ଚିନ୍ତାଧାରା ହୋଇଛି ପରିବର୍ତ୍ତିତ । ଯାହାଦ୍ୱାରା ବ୍ୟକ୍ତି ସ୍ୱାର୍ଥ ସର୍ବସ୍ୱ ହୋଇପଡିଛି । ଫଳରେ ଭୁଲିଛି ନିଜକୁ ଓ ନିଜର ସ୍ଥିତିକୁ । ଶସାନର ଗାଦୀ ଯେଉଁଭଳି ଭାବରେ ସ୍ୱାର୍ଥକୈନ୍ଦ୍ରିକ ହୋଇପଡିଛି, ନାଟ୍ୟକାର ତାହାର ବ୍ୟଙ୍ଗ କରିଛନ୍ତି । ତେଣୁ ନାଟ୍ୟକାର ନାଟକ ସମ୍ପର୍କରେ କହନ୍ତି– "ମୋ ସ୍ୱପ୍ନର ଚାଣକ୍ୟ ବୁଢା ନୁହେଁ । ସେ ସାର୍ବକାଳିକ । ଅନ୍ଧମାନଙ୍କ ହାତୀ ଦେଖିଲା ଭଳି ମୁଁ ଚାଣକ୍ୟକୁ ଯେମିତି ଦେଖିଛି, ସେମିତି ଲେଖିଛି । ତାଙ୍କର ଆଦର୍ଶ ଅଛି କି ନା, ତା ମତେ ଜଣା ନାହିଁ । ସେ ଚାଣକ୍ୟ ନୁହେଁ ଅଥଚ ଚାଣକ୍ୟ... । ସେ କୌଣସି ନିର୍ଦ୍ଦିଷ୍ଟ ସମୟରେ ବାନ୍ଧିହେବା ଐତିହାସିକ ଚରିତ୍ର ନୁହେଁ, ଅଥଚ ଇତିହାସ ତାକୁ ନେଇ ମୁଣ୍ଡ ଖେଳାଏ । ଏହିଭଳି ଏକ ସବୁକାଳର ଚରିତ୍ରକୁ ଚିହ୍ନିବା ପାଇଁ ମୁଁ ବିଶ୍ୱନିଅନ୍ତା ମାନଙ୍କୁ ଆହ୍ୱାନ ଦେଇଛି । ଦିଲ୍ଲୀର ଚାଣକ୍ୟ ପୁରୀରେ ବୁଲୁଥିବା ବେଳେ ହଠାତ୍ ଏହି ଚାଣକ୍ୟ ମୋଠାରେ ସବାର ହୋଇଥିଲା । ଆଜି ତାକୁ ଠେଲି ଦେଲି ଆପଣମାନଙ୍କ ପାଖକୁ । ଏବେ ଧନ୍ୟବାଦ ଦେବି କାହାକୁ ?"[୩]

ରାଜନୈତିକ ଚିନ୍ତାମାନସ ନାଟ୍ୟକାରାଙ୍କ ନାଟ୍ୟମନନକୁ ଅଧିକ ପ୍ରଶମିତ କରିଛି । ଷାଠିଏ ଦଶକରୁ ରଚିତ ନାଟକ ଗୁଡ଼ିକରେ ଯେଉଁ ନୂତନତ୍ୱର ଦୃଷ୍ଟିଭଙ୍ଗୀ ରହିଛି, ତାହା ତାଙ୍କ ନାଟକ ଗୋଡ଼ିକୁ ଉଚ୍ଚମାନର କରି ଗଢି ତୋଳିଛି । 'ଅଥଚ ଚାଣକ୍ୟ' ଏହି ଧାରାର ଏକ ଆବେଗ ରହିତ ନାଟକ । ଯାହାକୁ ଦେଖିଲେ ବ୍ୟକ୍ତିର ହୃଦୟତନ୍ତ୍ରୀ ପୁଲକିତ ହୋଇଉଠେ । ପୁଣି ନାଟକଟିର ପରିକଳ୍ପନା କାଳରେ ନାଟ୍ୟକାରାଙ୍କର ଉପର ଲିଖିତ ଯେଉଁ ଯୁକ୍ତି ଦେଇଛନ୍ତି, ତାହା ମଧ୍ୟ ଯୁକ୍ତିଯୁକ୍ତ ଅଟେ । ଏହାକୁ ଯିଏ ଯେଉଁଭଳି ଦର୍ଶନ କରେ ସେ ସେହିଭଳି କହିଥାଏ ଓ ରୂପ ଦେଇଥାଏ । ତେଣୁ ଏହାର ଆଙ୍ଗିକ ଦିଗଟି ଇତିହାସର ଉପାଦାନରୁ ଗ୍ରହଣ ହୋଇଥିଲେ ମଧ୍ୟ ଆତ୍ମିକ ଶୈଳୀଟି ସମ୍ପୂର୍ଣ୍ଣ ବର୍ତ୍ତମାନର ଭାର ବହନ କରେ । ଯାହାର ପରିକଳ୍ପନା ପ୍ରଥମତଃ ବେତାର ପାଇଁ ହିଁ କରାଯାଇଥିଲା । ଏହା ପ୍ରସାରିତ ହେଲା ସତ, କିନ୍ତୁ ନାଟ୍ୟକାରଙ୍କ ମନ ଯେପରି ଉପାଦାନ ଖୋଜୁଥିଲା ସେପରି ମିଳିଲା ନାହିଁ । ତେଣୁ ନାଟକ ରଚନାର ଦୀର୍ଘ ଦେଢବର୍ଷ ପରେ ଅର୍ଥାତ୍ ୧୯୮୨ ମସିହା ଅକ୍ଟୋବାର ମାସରେ ବିଦ୍ଧିବଦ୍ଧ ଭାବରେ ଏହାର ମଂଚାୟନ କରାଗଲା ।[୪]

## ॥ ତିନି ॥

'ଅଥଚ ଚାଣକ୍ୟ' ନାଟକଟି ଦୁଇଟି ପର୍ବରେ ବିଭକ୍ତ । ପ୍ରଥମ ପର୍ବରେ ଛଅଟି ଦୃଶ୍ୟ ଓ ଦ୍ୱିତୀୟ ପର୍ବରେ ସାତଟି ଦୃଶ୍ୟକୁ ନେଇ ଗତିଶୀଳ । ନାଟକର ପ୍ରଥମ ପର୍ବରେ ପ୍ରଥମ ଦୃଶ୍ୟରେ ସର୍ବହରା ଶ୍ରମିକ ମାନଙ୍କର ଆର୍ତ୍ତଚିତ୍କାର ଶୁଣାଯାଏ । କୁସୁମପୁରର ଜନପଦ ଉଜୁଡି ଯାଇଛି । ଲୁହ ଲହୁର ତାଣ୍ଡବ ଭିତରେ ରକ୍ତର ସୁଅ ଛୁଟି ଚାଲିଛି । ନାରୀମାନଙ୍କୁ ଅପହରଣ କରି ସାମାନଙ୍କୁ ଧର୍ଷିତ କଯାଇ ରାସ୍ତାକଡକୁ ଫୋପାଡି ଦିଆଯାଇଛି । ସର୍ବହରା ମଣିଷନାନଙ୍କର ବୁକୁଫଟା ଚିତ୍କାର ଭିତରେ ରାଜକର୍ମଚାରୀଙ୍କ ନିଷ୍ଠୁର ଅଟ୍ଟହାସ ସମଗ୍ର କୁସୁମପୁରକୁ କମ୍ପିତ କରୁଛି । ବୌଦ୍ଧଧର୍ମର ପ୍ରବଳତା କାରଣରୁ ସେଠାରେ ବ୍ରାହ୍ମଣ୍ୟ ଶାସନ ସମ୍ପୂର୍ଣ୍ଣ ରୂପେ ଲୋପ କରିଦେଇଛନ୍ତି ରାଜା ନନ୍ଦ । ନନ୍ଦଙ୍କ ଶାସନରେ ଯେଉଁ ବ୍ୟକ୍ତି ବିକ୍ଷୋଭ କରିଛି, ତାହାକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏହା ସତ୍ତେ ମଧ୍ୟ ଚାଣକ୍ୟ ସୁଦୂର ତକ୍ଷଶିଳାରୁ ଧାଇଁ ଆସିଛନ୍ତି ନିଜର ଜନ୍ମଭୂମିକୁ । ମାତ୍ର ଜନଶୂନ୍ୟ ଗ୍ରାମ ଦେଖି ବିସ୍ମିତ ହୋଇପଡ଼ିଛନ୍ତି । ଗ୍ରାମରେ ଜଣେ ବିଲୋମ ଚାଣକ୍ୟକୁ ରାଜା ଶକଟାୟନ ଓ ତାଙ୍କର ପିତା ଚଣକ୍ୟକୁ ନନ୍ଦ ବନ୍ଦି କରିଥିବା କଥା କହେ । ଏଥି ସହିତ ଶକଟାୟନଙ୍କର କନ୍ୟା ତଥା ତାଙ୍କର ପ୍ରିୟତମା ସାଥୀ ସୁହାସିନୀର ବାରଙ୍ଗନା ସାଜିବା କଥା ଶୁଣି ଅତ୍ୟନ୍ତ ପୀଡା ପାଇଛନ୍ତି ।

ଦ୍ୱିତୀୟ ଦୃଶ୍ୟରେ ମଗଧର ଜନଶୂନ୍ୟ ପ୍ରାନ୍ତରରେ ସୁହାସିନୀ ଚାଣକ୍ୟଙ୍କର ସ୍ମୃତିକୁ ସାଉଁଟି ଚାଲିଥିଲା ବେଳେ ଚାଣକ୍ୟଙ୍କର ଆଗମାନର ବାର୍ତ୍ତା ପାଇ ସେହି ମାଟିର ଧୂଳିକୁ ମୁଣ୍ଡରେ ମାରି ବିହ୍ୱଳ ହୋଇଉଠିଛି । ଏହି ସମୟରେ ମଗଧର ମନ୍ତ୍ରୀ ଅମାତ୍ୟ ରାକ୍ଷସ ସୁହାସିନୀଙ୍କ ସହିତ ଭେଟ ହୁଏ । ଅମାତ୍ୟ ରାକ୍ଷସ ସୁହାସିନୀର ପରିଚିତା । ସେଠାରେ ସୁହାସିନୀଙ୍କ ସହ ଆଳାପ କରିବା ସମୟରେ ତାଙ୍କର ପିତା ଶକଟାୟନ ଓ ଚଣକକୁ ବନ୍ଦୀରୁ ମୁକ୍ତ କରିବାର ପ୍ରତିଶ୍ରୁତି ଦିଅନ୍ତି । ଦୃଶ୍ୟ ଶେଷ ହୁଏ । ତୃତୀୟ ଦୃଶ୍ୟରେ ଦେଖାଯାଏ ମଗଧର ପ୍ରମୋଦ ଭବନରେ ରାଜା

ନନ୍ଦ ଦୂତ ମୁଖରୁ ପଞ୍ଚନଦ ନରେଶ ରାଜାଙ୍କର ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଓ କଟୁ ମନ୍ତବ୍ୟ ଶୁଣି ପଂଚନଦ ନରେଶଙ୍କ ପ୍ରତି ଶତ୍ରୁତା ଜାତ ହୁଏ । ଏହି ସମୟରେ ଚାଣକ୍ୟ ପ୍ରମୋଦ ଭବନରେ ପ୍ରବେଶ କରି ଯବନମାନଙ୍କର ଉତ୍ତର ରାଜ୍ୟ କବଳିତ କରିଥିବା କଥା କହନ୍ତି । ମାତ୍ର ଚାଣକ୍ୟକୁ ସେଠାରୁ ଅପମାନ ଦେଇ ବାହାର କରି ଦିଅନ୍ତି ।

ଚତୁର୍ଥ ଦୃଶ୍ୟରେ ରାଜା ନନ୍ଦ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କୁ ଖୋଜିବା ପାଇଁ ବାର୍ତ୍ତା ପ୍ରେରଣ କରନ୍ତି । ଦେଶଦ୍ରୋହୀଙ୍କୁ ବନ୍ଦୀ କରିବାର ଯୋଜନା କରନ୍ତି । ଏହାରି ଭିତରେ ପ୍ରଜାମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୁଏ । ଏହାରି ସୁଯୋଗ ନେଇ ଚନ୍ଦ୍ରଗୁପ୍ତ ପ୍ରଜାମାନଙ୍କ ମନରେ ବିପ୍ଳବର ବୀଜ ବୁଣନ୍ତି । ପୁଣି ସେହିଠାରେ ସୁହାସିନୀ ଓ ଚନ୍ଦ୍ରଗୁପ୍ତଙ୍କର ସାକ୍ଷାତ ହୁଏ, ସୁହାସିନୀ କ୍ରୁର ଧନାନନ୍ଦର ବନ୍ଦୀଶାଳାରୁ ଚାଣକ୍ୟକୁ ମୁକ୍ତ କରିବାର ପ୍ରତିଶ୍ରୁତି ଦିଅନ୍ତି । ଷଷ୍ଠ ଦୃଶ୍ୟରେ ରାଜା ନନ୍ଦ ବ୍ୟସ୍ତ ବିବ୍ରତ ହୋଇଥିବାର ଦେଖାଯାଏ । ସମସ୍ତ ଚେଷ୍ଟା ସତ୍ତ୍ୱେ ଚନ୍ଦ୍ରଗୁପ୍ତକୁ ବନ୍ଦୀ କରିବାରେ ଅସଫଳ ହୁଅନ୍ତି । ପୁଣି ସେଥିରେ ଚାଣକ୍ୟ ବି ବନ୍ଦୀଶାଳାରୁ ମୁକ୍ତ ହୋଇ ସେଠାରୁ ଚାଲି ଯାଆନ୍ତି ।

ଏହିଠାରେ ପ୍ରଥମ ପର୍ବର ଅବସାନ ଘଟେ ।

ଦ୍ୱିତୀୟ ପର୍ବର ପ୍ରଥମ ଦୃଶ୍ୟରେ ନନ୍ଦ ବିରୋଦ୍ଧରେ ଚନ୍ଦ୍ରଗୁପ୍ତ ଓ ଚାଣକ୍ୟ ଯୁଦ୍ଧ ନିମନ୍ତେ ମନ୍ତ୍ରଣା କରୁଥିବାର ଦେଖାଯାଏ । ସେଥିନିମନ୍ତେ ମାଳବ ରାଜାଙ୍କ ଠାରୁ ଆନୁଗତ୍ୟ ଲାଭକରି ପଂଚନଦ ନରେଶଙ୍କ ପୁରୁଙ୍କ ସାହାଯ୍ୟ ଲାଭ କରନ୍ତି । ଏଥିସହିତ ଯବନଙ୍କ ପାଖରେ ସନ୍ଧିକରି ଯୁଦ୍ଧବିଦ୍ୟା ଶିଖନ୍ତି । ପୁରୁଙ୍କ ବାଗ୍‌ଦତ୍ତା ପତ୍ନୀ ମାଳବିକା । ସେ ପୌରୁଷହୀନ ପୁରୁଙ୍କ ଠାରୁ ନିଜକୁ ମୁକ୍ତ ରଖିବାକୁ ମନେ କରନ୍ତି । ଏହିକଥା ଚାଣକ୍ୟଙ୍କ ମନ ଭିତରେ ମାଳବିକାକୁ ନେଇ ସଂଶୟ ହୁଏ । ଚନ୍ଦ୍ରଗୁପ୍ତ ବି ରାଜା ପୁରୁଙ୍କ ଠାରୁ ପ୍ରତାରିତ ହୋଇ ମାଳବ ରାଜ୍ୟ ତ୍ୟାଗ କରନ୍ତି । ରାଜା ପୁରୁ ମଧ୍ୟରେ ଯବନମାନଙ୍କର ଶରଣାପନ୍ନ ହୋଇ ସେଲ୍ୟୁକସଙ୍କ ସହିତ ସନ୍ଧି ସ୍ଥାପନ କରନ୍ତି । ପୁଣି ଅନ୍ୟ କ୍ଷେତ୍ରରେ ମଗଧରୁ ରାଜା ନନ୍ଦଙ୍କ ଦ୍ୱାରା ଅମାତ୍ୟ ରାକ୍ଷସ ଅପମାନିତ ହୋଇ ରଜ୍ୟରୁ ପଳାୟନ କରନ୍ତି । ଏହିଠାରେ ନନ୍ଦବଂଶ ପତନର ପ୍ରଥମ ଚରଣ ଆରମ୍ଭ ହୁଏ ।

ଦ୍ୱିତୀୟ ଦୃଶ୍ୟରେ ରାଜଦରବାରରେ ଅମାତ୍ୟଙ୍କ ପଦ ଅଳଙ୍କୃତ କରନ୍ତି ରାଜା ନନ୍ଦଙ୍କ ପୁତ୍ର ଉଦ୍ଦାଉ । ପ୍ରଜାମାନଙ୍କ ଠାରୁ କର ଆଦାୟ ବେଳେ କେଉଁଆଡ଼େ ଅଦୃଶ୍ୟ ହୋଇଯାଆନ୍ତି । ରାଜ୍ୟରେ ବିଦ୍ରୋହ କ୍ରମଶଃ ଆରମ୍ଭ ହୋଇଯାଏ । ତୃତୀୟ ଦୃଶ୍ୟରେ ଚାଣକ୍ୟ ମାଳବ ରାଜ୍ୟରେ ଥିବାବେଳେ ମାଳବିକାଙ୍କ ସହିତ ଭେଟ ହୁଏ । ମାଳବିକା ଚନ୍ଦ୍ରଗୁପ୍ତର ରୂପଗୁଣରେ ମୋହିତ ହୋଇପଡ଼ନ୍ତି ଏବଂ ଚାଣକ୍ୟକୁ ସେ ତାତ୍ସଲ୍ୟ କରନ୍ତି । ଗୁରୁ ହୋଇ ଶିଷ୍ୟର ଜୀବନକୁ ନିୟମର ସୂତାରେ ବାନ୍ଧି ରାଜନୈତିକ କୂଟକପଟ କରିଛନ୍ତି ବୋଲି କହନ୍ତି ଓ ସ୍ନେହ ଶ୍ରଦ୍ଧା ଥିବା ଚନ୍ଦ୍ରଗୁପ୍ତର ଅଭିଳାଷି ହୋଇପଡ଼ନ୍ତି । ଏସବୁ ଶୁଣି ଚାଣକ୍ୟ ନୀରବ ରୁହନ୍ତି । ଏହାପରେ ଭେଟ ହୁଏ ଅମାତ୍ୟ ରାକ୍ଷସଙ୍କ ସହିତ । ସୁହାସିନୀର ମାନବିକାତାର ରଜ୍ଜୁରେ ବାନ୍ଧିହୋଇ ରାଷ୍ଟ୍ରର ମଙ୍ଗଳ କାମନା କରିଥିବା କଥା କହନ୍ତି ।

ଚତୁର୍ଥ ଦୃଶ୍ୟରେ ନନ୍ଦଙ୍କର କଥାରେ ରାଜ୍ୟରେ ଡେଙ୍ଗୁରା ବାଜିଛି । ସୁହାସିନୀ ଓ ଅମାତ୍ୟ ରାକ୍ଷସ ଦୁଇଜଣ ଦେଶଦ୍ରୋହୀ ହୋଇପଡ଼ନ୍ତି । ରାକ୍ଷସ ସିନା ଚାଣକ୍ୟର ଶରଣାଗତ ହୁଅନ୍ତି କିନ୍ତୁ ସୁହାସିନୀ ତାହା କରିପାରେନା । ନିଜର ପ୍ରିୟତମ ପୁରୁଷ ଚାଣକ୍ୟ ପାଖରେ ସେ ସଦା ସର୍ବଦା ରହିବାକୁ ଚାହାନ୍ତି, ଶୁଦ୍ଧ ପବିତ୍ର ହୋଇ । ମାତ୍ର ଏହା ସଫଳ ହୋଇ ପାରିବନି ଜାଣି ଜୈନିକ ଲୋକ ଦ୍ୱାରା ନିଜକୁ ଶେଷ କରିଦିଅନ୍ତି । ପଂଚମ ଦୃଶ୍ୟରେ ଯୁଦ୍ଧ ନିମିତ୍ତ ସବୁ ଆୟୋଜନ ଚାଲିଥାଏ ଏବଂ ଯୁଦ୍ଧର ଘୋଷଣା ହୁଏ । ଷଷ୍ଠ ଦୃଶ୍ୟରେ ନନ୍ଦକୁ ପରାସ୍ତ କରି ସିଂହାସନ ଆରୋହଣ କରନ୍ତି । ମାତ୍ର ଶାସନର ଦ୍ୱାହି ଭିତରେ ଚନ୍ଦ୍ରଗୁପ୍ତ ଭୁଲିଯାଏ ସବୁକିଛି । ପୁଣି ସେହିପରି ରାଜ୍ୟ ଶାସନର କଳ ହୋଇପଡେ ମୂଲ୍ୟହୀନ ଚନ୍ଦ୍ରଗୁପ୍ତ ମାଳବିକାକୁ ବିବାହ କରନ୍ତି । ରାଜ ଅହଙ୍କାରରେ ମତ୍ତ ହୋଇ ମାଳବିକା ଚାଣକ୍ୟକୁ କଟୁକଥା କହି ରାଜ୍ୟରୁ ବିତାଡ଼ିତ କରନ୍ତି । ନୀରବ ରୁହନ୍ତି ଚନ୍ଦ୍ରଗୁପ୍ତ । ଏକ ପ୍ରକାର ମୂକପରି । ସପ୍ତମ ଦୃଶ୍ୟରେ ଚାଣକ୍ୟଙ୍କର ଅସହାୟତା ତୀବ୍ର ହୋଇ ଉଠେ । ନିଜର ପ୍ରାଣପ୍ରିୟା ସୁହାସିନୀ ଦେଶପ୍ରୀତି ତ୍ୟାଗ କରିଥିବା କଥା ଜୈନିକ ଲୋକ ମୁଖରୁ ଶୁଣି ସେ ଆହୁରି ବିଚଳିତ ହୋଇ ପଡନ୍ତି । ପୁଣି ନୂତନ ମୁକୁଟର ସନ୍ଧାନରେ ବାହାରି ଯାଇଛନ୍ତି । ଏହିଠାରେ ନାଟକର ଯବନିକା ପଡିଛି ।

## ॥ ଚାରି ॥

'ଅଥଚ ଚାଣକ୍ୟ' ଏକ ରାଜନୈତିକ ବ୍ୟଙ୍ଗଧର୍ମୀ ନାଟକ । ଏଥିରେ ପ୍ରଚଳିତ ସମାଜର ଗଣତନ୍ତ୍ର ଶାସନ ମଧ୍ୟରେ ଥିବା ପ୍ରହେଳିକାକୁ ଦେଖାଇବାକୁ ଚେଷ୍ଟା କରାଯାଇଛି । ଏଥିସହିତ ରାଜା ଓ ରାଜଗାଦୀ ମୋହର ସ୍ୱର୍ଣ୍ଣିମ ଅଧ୍ୟାୟକୁ ପ୍ରତୀକିତ କରଯାଇଛି । ରାଜ୍ୟର ଯଦି ରାଜାର ଅଭାବ ହୁଏ, ତେବେ

ରାଜ୍ୟରେ ଅସନ୍ତୋଷ ଦେଖାଦିଏ । ପୁଣି ରାଜା ବି ଯଦି ରହେ ତେବେ ବି ରାଜ୍ୟରେ ଅସାମାଜିକତା ବ୍ୟାପିଯାଏ । ଏହିଭଳି ଏକ ସିକ୍ୱେନ୍ସକୁ ନେଇ ଅଥଚ ଚାଣକ୍ୟର ସୃଷ୍ଟି । ଏଥିରେ ଗୋଟିଏ ପକ୍ଷରେ ଇତିହାସର ଘଟଣା ଓ ଅନ୍ୟ ପାଶ୍ୱରେ ସାମ୍ପ୍ରତିକ ସ୍ଥିତି । ଏସବୁକୁ ନେଇ ନାଟକରେ ଏକ ଅଭିନବ ଭାବରେ ପ୍ରୟୋଗ କରାଯାଇଛି । ଇତିହାସର ଚାଣକ୍ୟ ଇତିହାସଜ୍ଞ ହୋଇ ରହି ନାହାନ୍ତି କି କ୍ରୁର ଅହଂକାରୀ ଭାବରେ ଦେଖା ଦେଇ ନାହାନ୍ତି । ତାଙ୍କର ଚରିତ୍ରର ରୂପାନ୍ତର ଘଟିଛି । ସାଂପ୍ରତିକ ମୂଲ୍ୟବୋଧକୁ ଦେଖାଇବାକୁ ଯାଇ ଚାଣକ୍ୟକୁ ପ୍ରେମିକ ଭାବରେ ଅବତରଣ କରିଛନ୍ତି । "ନାଟକରେ ଚାଣକ୍ୟକୁ ଏକ ଆଇଡିଆଲିଷ୍ଟ୍ ଚରିତ୍ର ଭାବରେ ଗ୍ରହଣ କରିଛନ୍ତି । ତଥାକଥିତ କ୍ରୋଧୀ, ଅହଙ୍କାରୀ, କୂଟନିତୀଜ୍ଞ , ପ୍ରତିଶୋଧ ପରାୟଣ ଚାଣକ୍ୟ ଏହାର ନାୟକ ନୁହଁନ୍ତି; ପଣ୍ଡିତ, ପ୍ରେମିକ ସମାଜ କୁସଂସ୍କାରକ ଚାଣକ୍ୟ ହିଁ ଏହାର ନାୟକ ।"[୫]

ଶ୍ରୀଯୁକ୍ତ ସାମଲଙ୍କର ଏହି ଯୁକ୍ତିଟି ଯଥାର୍ଥ ବୋଲି ମନେ ହୁଏ । ବାସ୍ତବରେ ଚାଣକ୍ୟ ଏଠାରେ କୂଟନିତୀର ପ୍ରୟୋଗ କରିଛନ୍ତି, ନନ୍ଦବଂଶର ଲୋପ କରି ମୌର୍ଯ୍ୟ ବଂଶର ପ୍ରତିଷ୍ଠା କରିଛନ୍ତି । ରଜ୍ୟର ସୁଖଶାନ୍ତିର କାମନା କରିଛନ୍ତି; ତେଣୁ ସେ କିପରି ଜଣେ କୁସଂସ୍କାରକ ହୋଇପାରିବେ । ଚାଣକ୍ୟ ଜଣେ ଆଇଡିଆଲିଷ୍ଟ୍ ଏକଥା ସତ; ତେଣୁ ତାଙ୍କର ଦକ୍ଷତା ସର୍ବଦା ଉର୍ଦ୍ଧ୍ୱରେ । ତେଣୁ ସେ ଜଣେ କ୍ରୋଧୀ କିମ୍ବା ଅହଙ୍କାରୀ ନୁହଁନ୍ତି, ଏହା ଏକାବେଳକେ କହି ହେବ ନାହିଁ । ଚାଣକ୍ୟଙ୍କ ଉକ୍ତିକୁ ଲକ୍ଷ୍ୟ କରାଯାଉ– "ଅମାତ୍ୟ ରାକ୍ଷସ ! ଚାଣକ୍ୟକୁ ତୁମେ ଶିକ୍ଷା ଦେବ କୂଟନୀତି ଯୁକ୍ତ ରାଜନୀତି ବିଷୟରେ ? ଚାଟୁକାରିତା ବ୍ୟତୀତ କି ରାଜନୀତି ଜାଣ ତୁମେ ।"[୬] ଅନ୍ୟତ୍ର –"ଶୁଣିବାର ସୀମାକୁ ଆହୁରି ପ୍ରଶସ୍ତ କରନ୍ତୁ ରାଜା ନନ୍ଦ । ଚାଣକ୍ୟ ଆଜି କହିବାକୁ ଆସିଛି । ସେ ଜାଣିବାକୁ ଚାହୁଁଛି, କାହିଁକି ଆର୍ଯ୍ୟାବର୍ତ୍ତ ସିଂହଦ୍ୱାରେ ସ୍ୱାଧିନତାର ଡିଣ୍ଡିମ ବାଜୁଛି ? କାହିଁକି ଏ ଦେଶରେ କୃଷକ ଶ୍ରମଜୀବୀମାନଙ୍କର ମୁହଁରୁ ଆହାର ଛଡ଼େଇ ନେଇ, ସେମାନଙ୍କର ଶ୍ରମର ଫସଲକୁ ବିଦେଶୀଙ୍କୁ ଉପଢୌକନ ଦିଆଯାଉଛି ? ଦେଇ ପାରିବେ ଏହାର ଉତ୍ତର ରାଷ୍ଟ୍ରବାସୀଙ୍କୁ ।"[୭] ଏହି ବଜ୍ର ଗମ୍ଭୀର ସ୍ୱର ଚାଣକ୍ୟଙ୍କର, ଏଥିରେ ରାଷ୍ଟ୍ର ପ୍ରତି ମମତା ଓ ଅହଙ୍କାର ରହିଛି । ତେଣୁ ସେ ଜଣେ କ୍ରୋଧୀ କିମ୍ବା ଅହଙ୍କାରୀ; ତାହା ନୁହେଁ । ସେ ମଧ୍ୟ ଏଠାରେ ପ୍ରେମିକ ଭାବରେ ପରିଚିତ । ଏକଥା ସତ, ମାତ୍ର ଯଦି ଇତିହାସର ପୃଷ୍ଠା ଲେଉଟାଯାଏ ସେଥିରେ ଚାଣକ୍ୟ ପ୍ରେମ କରିଥିଲେ କି ନା ସେସବୁର କିଛି ଉଲ୍ଲେଖ ନାହିଁ । ମାତ୍ର ଚଇନିଙ୍କ ଏହି ଦିଗଟି ସମ୍ପୂର୍ଣ୍ଣ ମୌଳିକ । ନାଟକରେ ନାଟ୍ୟକାର ଚାଣକ୍ୟଙ୍କର ପ୍ରେମକୁ ଦେଖାଇ ଦେଇଛନ୍ତି । ଯାହା ଶାଶ୍ୱତ ଓ ସ୍ୱକୀୟ । ଯେଉଁଥିରେ କୌଣସି ଖାଦ ନାହିଁ କି ପାଇବାର କାମନା ମଧ୍ୟ ନାହିଁ, ଅଛି କେବଳ ଶୁଦ୍ଧ ପ୍ରେମଟି ।

ଚାଣକ୍ୟ ଓ ସୁହାସିନୀ ନାଟକରେ କେନ୍ଦ୍ରୀୟ ଚରିତ୍ର । ଏହି ଚରିତ୍ର ଦ୍ୱୟ ଦେଶମାତୃକାର ବିଜୟରେ ହିଁ ଅନ୍ୱେଶି । ତେଣୁ ଉଭୟ ଚରିତ୍ରକୁ ଗୋଟିଏ ଛାଂଚରେ ପକାଇ ନାଟକକୁ ଗତିଶୀଳ କରାଯାଇଛି । ସୋହାସିନୀ ଭଲ ପାଏ ଚାଣକ୍ୟକୁ, ଚାଣକ୍ୟ ମଧ୍ୟ ତାକୁ ଭଲ ପାଇଛି । ମାତ୍ର ଦୁହିଁଙ୍କର ମିଳନ ଘଟି ନାହିଁ । ଦୁହେଁ ଦୁହିଁଙ୍କ ଠାରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ । ଖାଲି ପୁରୁଣା ସ୍ମୃତିରେ ତାଙ୍କର ମାନ ମନ୍ଥନ ଘଟିଛି । ନାଟ୍ୟକାର ଶ୍ରୀଯୁକ୍ତ ଚଇନି ନାଟ୍ୟ ସଂଯୋଜନାରେ ଏହିଭଳି ଭାବରେ ଚରିତ୍ରକୁ ଖଂଜିଛନ୍ତି, ଯାହାକି ଦର୍ଶକକୁ ନାଟକ ପ୍ରତି ବାନ୍ଧି ରଖିବ । ଏଥିରେ ଚାଣକ୍ୟ ଓ ସୋହାସିନୀ ମନ ମନ୍ଥନର ଏକ କରୁଣ ଚିତ୍ର ଦେଖାଇଛନ୍ତି । ଅନ୍ୟ ପକ୍ଷରେ ଆଉ ଏକ ଚରିତ୍ରକୁ ଦେଖାଇଛନ୍ତି, ଯିଏ ଖଣ୍ଡିତା, ପରପୁରୁଷର ଅନୁରାଗୀ, ବଦରାଗୀ ଓ କାମନା ପିପାସୁ । ସେ ପଂଚନନ୍ଦ ନରେଶ ପୁରୁଙ୍କ ବାଗ୍‌ଦତ୍ତା ପତ୍ନୀ ମାଳବିକା ଯାହାର ଚରିତ୍ର ସ୍ଖଳିତ ହୋଇଛି ଚନ୍ଦ୍ରଗୁପ୍ତକୁ ଦେଖି । ନିଜର ସ୍ୱାମୀଙ୍କୁ ଛାଡି ଚନ୍ଦ୍ରଗୁପ୍ତଙ୍କ ପ୍ରତି ସେ ହୋଇଛି ଏକାନ୍ତ ଅନୁରାଗୀ ଏବଂ ପରିଶେଷରେ ଚନ୍ଦ୍ରଗୁପ୍ତଙ୍କର ପତ୍ନୀ ସାଜିଛି । ବହୁ କଟୁକଥା କହି ଚାଣକ୍ୟକୁ ବହିଷ୍କାର କରିଛି । ତେଣୁ ନାରୀ ଚରିତ୍ର ସଂଯୋଜନା କାଳରେ ଏହି ଦୁଇ ବିପରୀତ ଭାବାପର୍ଣ୍ଣ ନାରୀ ଦ୍ୱୟକୁ ଦର୍ଶକ ସମ୍ମୁଖରେ ଦେଖାଇଛନ୍ତି । ସୁହାସିନୀ ଦେଶମାତୃକା ପାଇଁ ସର୍ବସ୍ୱ ତ୍ୟାଗ କରିଛି ଓ ନିଜର ପ୍ରେମକୁ କଳାଞ୍ଜଳି ଦେଇ ଦେଇଛି । ମାତ୍ର ମାଳବିକା ଏସବୁ କିଛି କରିନି ବରଂ ନିଜର ସ୍ୱାମୀକୁ ଛାଡ଼ି ଅନ୍ୟ ଏକ ପୁରୁଷର କାମନା କରିଛି । ରାଜ୍ୟର ହିତ ଚିନ୍ତା କରୁଥିବା ଚାଣକ୍ୟକୁ ସେ ରଜ୍ୟରୁ ଅପମାନ ଦେଇ ବାହାର କରିଦେଇଛି । ଏହିଭଳି ଦୁଇ ବିପରୀତ ଭାବାପର୍ଣ୍ଣ ନାରୀ ଚରିତ୍ର ଭିତରେ ଥିବା ଚିନ୍ତାଧାରାକୁ ଏଠାରେ ଦେଖାଇଛନ୍ତି ।

ଚନ୍ଦ୍ରଗୁପ୍ତ ଚରିତ୍ରକୁ ଶ୍ରୀଯୁକ୍ତ ଚଇନି ନାଟକରେ ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି । ସେ କେବଳ ଏକ ଆଜ୍ଞାଧୀନ ଛାତ୍ର ତଥା ସ୍ତ୍ରୀର ଅନୁକାରାକ । ଯାହାର ନିଜତ୍ୱ ବୋଲି କିଛି ନାହିଁ । ସେ କେବଳ କ୍ରୀଡାର ସାମଗ୍ରୀ ପାଲଟିଛି । ଚାଣକ୍ୟଙ୍କ ନିର୍ଦ୍ଦେଶରେ ନନ୍ଦ ସାମ୍ରାଜ୍ୟକୁ ଧ୍ୱଂସ କରିଛି । ରାଜା ହୋଇଛି । କିନ୍ତୁ ମାଳବିକା

ଚରିତ୍ର ଏହି ଗୁରୁଙ୍କୁ ଅପମାନ ଦେଇଛି । ଚନ୍ଦ୍ରଗୁପ୍ତ ସବୁ ଦେଖିଛି, ସବୁ ବୁଝିଛି, ମାତ୍ର ଗାଦୀର ମୋହ ତାର ଗଳାରୁଦ୍ଧ କରିଛି । ଫଳରେ ସେ କିଛି କହିନି, ଚୁପ୍ ରହିଛି । ଏଠାରେ ଆଉ କେ ଚରିତ୍ରକୁ ଗୁରୁତ୍ୱ ଦେଇଛନ୍ତି । ଯଦିଓ ନାଟକରେ ତାଙ୍କର କୌଣସି ଭୂମିକା ନାହିଁ ତଥାପି ସେହି ଚରିତ୍ରଟି ନାଟକ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ସେହି ଚରିତ୍ରଟି ହେଉଛି ସାମ୍ବାଦିକ । ଏହି ଚରିତ୍ରଟି ସମଗ୍ର ନାଟକର ଦ୍ରଷ୍ଟା ମାତ୍ର । ସେ ଇତିହାସକୁ ଦେଖିଛନ୍ତି ଆଉ ଚାଣକ୍ୟକୁ ବି ଦେଖିଛନ୍ତି । ଚାଣକ୍ୟଙ୍କର ଖୋଜିବାର କ୍ରିୟାକୁ ଦେଖିଛନ୍ତି । ସଚେତନ ନାଗରିକ ତିଆରି ନକରି ପାରିବାର ଦୃଷ୍ଟାନ୍ତ ଦେଇଛନ୍ତି । ସେ କହିଛନ୍ତି ରାଜା ଖୋଜିଲେ କ'ଣ ହେବ, ଯଦି ରାଜ୍ୟରେ ପ୍ରଜାମାନେ ଶୃଙ୍ଖଳିତ ନହେବେ । ତେଣୁ ପ୍ରଥମେ ପ୍ରଜାମାନଙ୍କୁ ସତ୍ ମାର୍ଗ ପ୍ରଦର୍ଶନ କରାଯିବା ଉଚିତ୍ । ତା'ପରେ ରାଜା ଓ ରାଜଗାଦୀ । ସାମ୍ବଦିକ ଉକ୍ତିକୁ ଲକ୍ଷ୍ୟ କରାଯାଉ – "ବୁଝିଲେ, ଆପଣ ଅର୍ଥନୀତି, ରାଜନୀତି କଥା ଲେଖିଲେ କ'ଣ ହେବ ? ଲୋକନୀତି କଥା ଲେଖି ନାହାଁନ୍ତି । ଯାଆନ୍ତୁ ଆପଣ ଆପଣଙ୍କ ଶାସ୍ତ୍ର ଭିତରକୁ ଫେରି ଯାଆନ୍ତୁ । ସେ କଥା ଲେଖିବା ପର୍ଯ୍ୟନ୍ତ ଆପଣଙ୍କ ଶାସ୍ତ୍ର ଏ ଦେଶର ସଂଗ୍ରହାଳୟରେ ପ୍ରଦର୍ଶନୀର ବସ୍ତୁ ହୋଇ ରହିଥିବ ।"[୮]

ଏହିପରି ଭାବରେ ଶ୍ରୀଯୁକ୍ତ ଚଇନି ନାଟକର ସ୍ଥଳବିଶେଷରେ ଚରିତ୍ରମାନଙ୍କର ପରିକଳ୍ପନା ଓ ଅବତାରଣା କରି ଆଧୁନିକ ସାହିତ୍ୟରେ ଅନ୍ୟ ଏକ କୌଶଳ ଦେଖାଇଛନ୍ତି । ସେହିପରି ପାତ୍ରୋଚିତ ସଂଳାପ ସଂଯୋଜନା, ନାଟକୀୟ ଦ୍ୱନ୍ଦ ଓ ଉତ୍କଣ୍ଠା, ପରିବେଶର ଚିତ୍ର ଆଦିରେ ନୂତନତା ଦେଖାଦେଇଛି । ଏଣୁ ପରିଶେଷରେ ଏତିକି କୁହାଯାଇପାରେ ଯେ 'ଅଥଚ ଚାଣକ୍ୟ' ନାଟକଟି ଏକ ବ୍ୟଙ୍ଗଧର୍ମୀ ରାଜନୈତିକ ପ୍ରତୀକବାଦୀ ନାଟକ । ଯେଉଁଥିରେ ପ୍ରଚଳିତ ସମାଜର ଗଣତନ୍ତ୍ରର ବିଧି ବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଚାଲିଛି ତାହାର ଏକ ପ୍ରତିକୀତ ଛବି ମାତ୍ର । ତେଣୁ ଏଥିରେ ଯୁଗ ଯନ୍ତ୍ରଣାର ତୀବ୍ର ସ୍ୱର ରହିଛି । ଯାହାର ବିନାଶ ଅସମ୍ଭବ । ଚାଣକ୍ୟରୂପୀ ସଚେତନ ବ୍ୟକ୍ତି ଏହି ଯନ୍ତ୍ରଣାରେ ସଦା ବିଚଳିତ । ତେଣୁ ସମଗ୍ର ନାଟକଟିକୁ ଦେଖିଲେ ଏହା ଆଧୁନିକ ନବନାଟ୍ୟଧାରାର ଏକ କୋଶଳ ନାଟକ ପଦବାଚ୍ୟ ଏବଂ ଏଥିରେ ଇତିହାସର ନବ ମୂଲ୍ୟାୟନର ସଫଳ ପ୍ରୟୋଗ ଏହାର ଧାରାକୁ ଆହୁରି ଶକ୍ତ କରିଛି । ଗୋଟିକ ପରେ ଗୋଟିଏ ବ୍ୟବଧାନ କିପରି ଗଣତନ୍ତ୍ରର ବ୍ୟବସ୍ଥାକୁ କବଳିତ କରିଛି; ତାହାର ସ୍ପଷ୍ଟ ଚିତ୍ର ଏଥିରେ ରୂପାୟିତ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ**


(୧) ଅଥଚ ଚାଣକ୍ୟ, ଚଇନି ରତ୍ନାକର, ମତାମତ- ପ୍ରଜାତନ୍ତ୍ର ପତ୍ରିକା ।

(୨) ନାଟ୍ୟକାର ରତ୍ନାକର ଚଇନି ଏକ ଶୂନ୍ୟ ସଂଚାରୀ ଦୃଷ୍ଟି, ସାମଲ ଦେବୀପ୍ରସାଦ; ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ଓ ନାଟ୍ୟକାର, ପୃଷ୍ଠା-୨୩୯ ।

(୩) ଅଥଚ ଚାଣକ୍ୟ, ଚଇନି ରତ୍ନାକର, ଭୂମିକା ।

(୪) ତତ୍ରୈବ

(୫) ନାଟ୍ୟକାର ରତ୍ନାକର ଚଇନି ଏକ ଶୂନ୍ୟ ସଂଚାରୀ ଦୃଷ୍ଟି, ସାମଲ ଦେବୀପ୍ରସାଦ ; ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ଓ ନାଟ୍ୟକାର, ପୃଷ୍ଠା-୨୩୯ ।

(୬) ଅଥଚ ଚାଣକ୍ୟ, ଚଇନି ରତ୍ନାକର, ପୃଷ୍ଠା-୨୦

(୭) ତତ୍ରୈବ, ପୃଷ୍ଠା-୨୦

(୮) ତତ୍ରୈବ, ପୃଷ୍ଠା-୨୦



ଓଡ଼ିଆ ଅଧ୍ୟାପକ ଝାଡ଼େଶ୍ୱର ଜୁନିୟର ମହାବିଦ୍ୟାଳୟ,
ଟୋଲକାନୀ, ଯାଜପୁର
ଦୂରଭାଷ : ୯୩୪୮୨୮୫୨୨୯

ISSN -2583-147X(P), Vol.- 8, Issue No. VIII, November 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ଉପନ୍ୟାସରେ ଅନାଲୋଚିତ ମାଟିହୀନ ମାଟିର ମଣିଷ

**ସୁଜାତା ସାହାଣୀ**

ମାଟି ସହ ଜୀଉଁଥିବା, ମାଟିକୁ ନେଇ ସ୍ୱପ୍ନ ବୁଣୁଥିବା ମଣିଷର କାହାଣୀରେ ଓଡ଼ିଆ ଉପନ୍ୟାସର ମୂଳଦୁଆ ଓ ସମୃଦ୍ଧି । ଓଡ଼ିଆ ଉପନ୍ୟାସ ସାହିତ୍ୟର କାଳଜୟୀ ସ୍ରଷ୍ଟା ଫକୀରମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠ ଠାରୁ ଆରମ୍ଭ କରି ଗୋପୀନାଥ ମହାନ୍ତିଙ୍କ 'ହରିଜନ' ତଥା ଅଖିଳ ନାୟକଙ୍କ 'ଭେଦ' ଯାଏଁ ଭୂମିର ବିବିଧ ଚିତ୍ର ଦେଖିବାକୁ ମିଳେ ଓଡ଼ିଆ ଉପନ୍ୟାସରେ । ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସରେ 'ଛ' ମାଣ ଆଠଗୁଣ୍ଠ' ଆଜି ମଧ୍ୟ ତାହାର ଭୂମିପ୍ରାଣ ଆବେଦନ ପାଇଁ ଲୋକପ୍ରିୟତାର ସର୍ବାଗ୍ରେ ରହିଛି ।

ତେବେ ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ହେଉ, ଅବା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିରମଣିଷ', ଗୋପୀନାଥ ମହାନ୍ତିଙ୍କ 'ପରଜା','ମାଟିମଟାଳ', କାହ୍ନୁଚରଣଙ୍କ 'ହା ଅନ୍ନ', 'ଶାସ୍ତି', ଅଥବା ନିତ୍ୟାନନ୍ଦ ମହାପାତ୍ରଙ୍କ 'ହିଡ଼ମାଟି'; ଏ ସମସ୍ତ ଉପନ୍ୟାସରେ ଓଡ଼ିଶାରେ ସଂଘଟିତ ଭୂମିଜନିତ ଶୋଷଣ ଓ ବିପର୍ଯ୍ୟୟର ବାସ୍ତବ ପ୍ରତିଫଳନ ରହିଛି । ପ୍ରାୟ ସମସ୍ତ ଉପନ୍ୟାସ ଅଳ୍ପ ବହୁତ ଚାଷଜମି ଥିବାକ୍ଷୁଦ୍ର ତଥା ନାମମାତ୍ର ଚାଷୀ କିମ୍ବା ଭାଗଚାଷୀର ଜୀବନ କାହାଣୀ ଆଧାରିତ । କିନ୍ତୁ ଓଡ଼ିଶାର ଯେଉଁ ଦଳିତ, ଭୂମିହୀନ ସମୁଦାୟ ଅନ୍ୟର ଚାଷଜମି ମାନଙ୍କରେ ଦୈନିକ ମଜୁରୀ ଭିତ୍ତିରେ ପରିଶ୍ରମ କରନ୍ତି, ସେମାନଙ୍କ ଜୀବନ ବ୍ୟାଖ୍ୟାନରେ ଓଡ଼ିଆ ଉପନ୍ୟାସ ସତେ ଯେମିତି ନୀରବ !

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବଳ ଉପରେ ପ୍ରତ୍ୟେକ ନାଗରିକର ଅଧିକାର ରହିଛି ଏବଂ ଭୂମି ହେଉଛି ସେହି ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଭୂମି ଜଣେ ନାଗରିକର ବଞ୍ଚି ରହିବାର ପ୍ରାଥମିକ ଉତ୍ସ । ଭୂମି, ବସବାସ ଓ ଜୀବିକା ଅର୍ଜନର ମୌଳିକ ସାଧନ ମାତ୍ର ନୁହେଁ, ବରଂ ମଣିଷର ଆତ୍ମସମ୍ମାନ ଓ ସ୍ୱାଭିମାନର ପ୍ରାଥମିକ ଏକକ । ଭାରତବର୍ଷର କୃଷି ପ୍ରଧାନ ସମାଜ ସୋପାନ ଭିତ୍ତିକ ଜାତି ବ୍ୟବସ୍ଥାର ଭୂମି ଉପରେ ଛିଡ଼ା ହୋଇଛି । ଏ ଦେଶରେ ଜମିର ମାଲିକାନା ଉଚ୍ଚ ଜାତିରୁ ତଳଜାତି କ୍ରମରେ ନିର୍ଦ୍ଦେଶିତ ଓ ନିୟନ୍ତ୍ରିତ ହୋଇଆସିଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କୁ ଅତିକ୍ରମ କରି କେବଳ ସେବା ସୂତ୍ରରେ ଖୁବ୍ କମ୍ ପରିମାଣରେ ଜମି ଶୁଦ୍ରଙ୍କ ନିକଟକୁ ଆସିଛି । ଶୁଦ୍ର ଜନଗୋଷ୍ଠୀର ଏକ କ୍ଷୁଦ୍ର ଅଂଶ ଭାଗଚାଷୀ ବା ଅତି ବେଶୀରେ ଛୋଟ ଚାଷୀ ଭାବେ ପରିଚିତ । କିନ୍ତୁ ଏହି ସମୁଦାୟର 'ଅତି ଶୂଦ୍ର' ବା 'ଅସ୍ପୃଶ୍ୟ' ଜନଗଣ ସଂପୂର୍ଣ୍ଣ ଭୂମିହୀନ । ଚାଷଜମି ତ ବହୁ ଦୂରର ବିଷୟ, ଘରଡ଼ିହର ସ୍ଥାୟୀତ୍ୱ ମଧ୍ୟ ସେମାନଙ୍କ ପାଖରେ ନଥାଏ । ଏହି ଦଳିତ-ଭୂମିହୀନ ସମୁଦାୟର ଏକ ବୃହତ୍ତର ଅଂଶ ଭାରତୀୟ କୃଷି କ୍ଷେତ୍ରରେ ଦୈନିକ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଭୂମିହୀନତା ଯୋଗୁଁ ସେମାନଙ୍କର ଶ୍ରମର ଯଥାସମ୍ଭବ ଶୋଷଣ କରାଯାଉଛି ଏବଂ କମ୍ ମଜୁରୀରେ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି । ଦେଶର କୃଷି କ୍ଷେତ୍ରକୁ ଏକ ବିରାଟ ଅବଦାନ ଥିଲେ ବି ଚାଷ ଜମିରେ ମାଲିକାନା ଅଭାବରୁ ସେମାନେ ଯୁଗଯୁଗ ଅମାନବୀୟ ଅତ୍ୟାଚାର ଓ ହିଂସାର ଶିକାର ହୋଇ ଆସୁଛନ୍ତି । ଭୂମିହୀନତା ସେମାନଙ୍କୁ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାର ଓ ବୈଧତାରୁ ବଞ୍ଚିତ କରି ରଖିଛି ।

ସ୍ୱାଧୀନତା ଆନ୍ଦାଳନ ସମୟରେ ଓ ସ୍ୱାଧୀନତା ପରେ ଅନେକ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି । 'ଲଙ୍ଗଳ ଯାର ଜମି ତାର', 'ଭାଗଚାଷୀର ଭୂମି ଅଧିକାର' ଆଦି ସ୍ଲୋଗାନ ଭିନ୍ନ ଭିନ୍ନ ସମୟରେ କୃଷିଜନିତ ଆନ୍ଦୋଳନ ଗୁଡ଼ିକରେ ମୁଖରିତ ହୋଇଛି । କିନ୍ତୁ ଯେଉଁମାନେ ପ୍ରତ୍ୟେହ ଚାଷଜମି ମାନଙ୍କରେ ଦିନ ମଜୁରିଆ ଭାବେ କାମ କରନ୍ତି, ଅଥଚ ସେମାନଙ୍କ ପାଖରେ ଜମି ନାହିଁ;

ସେମାନଙ୍କର ଜମି ଅଧିକାର ନେଇ କୃଷକ ଆନ୍ଦୋଳନଗୁଡ଼ିକରେ ସ୍ୱର ଖୁବ୍ ନୈରାଶ୍ୟଜନକ । କୃଷି କ୍ଷେତ୍ରରେ ଭୂମି ଥିବା ଚାଷୀମାନଙ୍କର ସମସ୍ୟା ଦେଶର ଏକ ପ୍ରମୁଖ ସମସ୍ୟା ଭାବେ ଗୃହୀତ ହେଉଥିବା ସ୍ଥଳେ କୃଷି ଶ୍ରମିକମାନଙ୍କ ଏହି ବୃହତ୍ତର ତଥା ଦୀର୍ଘକାଳୀନ ସମସ୍ୟା ଏ ରାଜନୈତିକ ବିଷୟବସ୍ତୁ ହୋଇପାରିଲା ନାହିଁ । ଏହାର ସବୁଠୁ ବଡ଼ କାରଣ ହେଉଛି ସେମାନେ ହେଉଛନ୍ତି ସମାଜରେ କୋଣଠେସା ହୋଇ ରହି ଆସିଥିବା 'ଅସ୍ପୃଶ୍ୟ' ସମୁଦାୟ । ଯଦିଓ କୃଷିକ୍ଷେତ୍ରରେ ପ୍ରକୃତରେ ଝାଳ ବୁହାଇ କାର୍ଯ୍ୟ କରୁଥିବା ଏକ ବଡ଼ ଅଂଶ ହେଉଛନ୍ତି କ୍ଷୁଦ୍ର ତଥା ନାମମାତ୍ର ଚାଷୀ ଓ ଭାଗଚାଷୀ, ଯେଉଁମାନେ କି ସାମାଜିକ-ଶିକ୍ଷାଗତ ପଛୁଆବର୍ଗ ଅନ୍ତର୍ଭୁକ୍ତ । କିନ୍ତୁ ଆମର ବହୁ ସ୍ତରୀୟ ଜାତି ବିଭକ୍ତ ସମାଜର ଢାଞ୍ଚାଗତ ଅସମାନତା ଜାତିଗତ ଭାବରେ ସବର୍ଣ୍ଣ କୃଷକ ଓ ଅସବର୍ଣ୍ଣ ଭୂମିହୀନ କୃଷି ଶ୍ରମିକମାନଙ୍କୁ ଏକାଠି ହେବାର ସୁଯୋଗ ପ୍ରଦାନ କରେ ନାହିଁ । ଫଳରେ କୃଷିକ୍ଷେତ୍ର ସହିତ ଜଡ଼ିତ ଏକ ବ୍ୟାପକ ସମୁଦାୟର ଦାବି ଓ ସମସ୍ୟାର ପ୍ରସଙ୍ଗ ଭିନ୍ନ ଭିନ୍ନ ଗୁରୁତ୍ୱ ବହନ କରୁଛି ଓ ଭିନ୍ନ ଭିନ୍ନ ଭାବେ ସମ୍ବୋଧିତ ହେଉଛି । ଏହିସବୁ କାରଣ ହେତୁ ଭାରତରେ ଆଜି ପର୍ଯ୍ୟନ୍ତ ଦଳିତ, ଭୂମିହୀନ କୃଷି ଶ୍ରମିକମାନେ ଭୂମିହୀନ ରହି ଆସିଛନ୍ତି ଏବଂ ଭୂମିହୀନତା ସେମାନଙ୍କର ସମସ୍ତ ପ୍ରକାର ସ୍ୱାଧୀନତା ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ଏକ ବିରାଟ ପ୍ରତିବନ୍ଧକ ଭାବେ ଠିଆ ହୋଇଛି ।

କୁହାଯାଏ, ସାହିତ୍ୟ ହେଉଛି ସମାଜର ଦର୍ପଣ । କିନ୍ତୁ ଓଡ଼ିଆ ଉପନ୍ୟାସର ପ୍ରାରମ୍ଭରୁ ଏଯାବତ୍ କୃଷି, କୃଷକ ଓ କୃଷି ସମସ୍ୟା ସମ୍ବନ୍ଧିତ ଅନେକ ଉପନ୍ୟାସ ଲେଖାଯାଇଛି; କିନ୍ତୁ ଏହି ଭୂମିହୀନ କୃଷି ଶ୍ରମିକ ସମୁଦାୟ କୌଣସି ବି ଉପନ୍ୟାସର ପ୍ରଧାନ ଉପଜୀବ୍ୟ ହୋଇପାରି ନାହିଁ । ତଥାପି, ଯେଉଁ କେତୋଟି ହାତଗଣତି ଉପନ୍ୟାସରେ ଏହି ସମସ୍ୟା ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷ ଭାବରେ ପ୍ରତିଫଳିତ ହୋଇଛି; ଉପରୋକ୍ତ ବକ୍ତବ୍ୟ ଆଧାରରେ ତାହାର ବିଶ୍ଳେଷଣ ହେଉଛି ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

**ଭୂମିହୀନତା ଓ ଅସ୍ତିତ୍ୱର ଚିର ସଂକଟ :**

ଭୂମି କେବଳ ପେଟକୁ ଖାଦ୍ୟ ଯୋଗାଇବାର ଭିତ୍ତି ମାତ୍ର ନୁହେଁ; ଏହା ଜଣେ ମଣିଷର ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ଅସ୍ତିତ୍ୱର ସବୁଠୁ ବଳି ପରିଚୟ । ଭାରତୀୟ ସମାଜ ବ୍ୟବସ୍ଥାରେ କେତେବେଳେ ଅସ୍ପୃଶ୍ୟ ତ କେତେବେଳେ ଦଳିତ ଆଉ କେତେବେଳେ ହରିଜନ ତ ଆଉ କେତେବେଳେ ଅତି ଶୁଦ୍ର ତଥା ବଞ୍ଚିତ ଶ୍ରେଣୀ ଭାବେ ପରିଚିତ ହୋଇ ଆସିଥିବା ଏଇ ଜନସମୁଦାୟ କାହିଁ କେତେ କାଳରୁ ଏକ ପରାଜିତ ଜନଗୋଷ୍ଠୀ ଭାବେ ଦାସତ୍ୱକୁ ଆବୋରି ନେଇଛି । ଭୂମି, ସମ୍ପଦ, ଶିକ୍ଷା ଓ କ୍ଷମତାରୁ ଏମାନଙ୍କୁ ବଞ୍ଚିତ କରି ରଖାଯାଇଛି କାଳ କାଳ ଏବଂ ଦାସତ୍ୱର ବନ୍ଧନରେ ବାନ୍ଧି ଦିଆଯାଇଛି । ସେମାନଙ୍କ ଭୂମିହୀନତା ସେମାନଙ୍କୁ କାଳ କାଳ ଧରି ବିସ୍ଥାପିତ ହେବାପାଇଁ ବାଧ୍ୟ କରିଛି । ନିଜ ପିତୃପୁରୁଷଙ୍କ ଭୂମିରୁ ସେମାନେ ନିର୍ବାସିତ ହୋଇ ଆସିଛନ୍ତି ବାରମ୍ବାର । ନିଜର ସ୍ୱାଭିମାନ ଘେନି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରହିବା ପାଇଁ ଦୃଢତା ନାହିଁ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସରୁ ଏହାର ଉଦାହରଣ ଦେଖାଯାଇପାରେ ।

'ମାଟିର ମଣିଷ'ରେ ଯେଉଁ ଯେଉଁ ଜାତି ବିଷୟରେ ବର୍ଣ୍ଣନା ରହିଛି ସେଥିମଧ୍ୟରେ ବିଶେଷ ଭାବେ ବ୍ରାହ୍ମଣ, ଚଷା ଓ ଦଳିତ ପରିଦୃଶ୍ୟ । ଉପନ୍ୟାସରେ ଆମେ ଦେଖୁ ବ୍ରାହ୍ମଣ ହରି ମିଶ୍ରର ପୂର୍ବପୁରୁଷରୁ ସୁରକ୍ଷିତ ଜମି ସହ ଆପଣା ଅନ୍ୟାୟୋପାର୍ଜିତ ଜମି ରହିଛି । ଚଷା ଶାମ ପଧାନର କେଉଁ ପୁରୁଷ ପୁରୁଷର ଜମିବରଜୁ-ଛକଡ଼ିର ପିଢ଼ି ଯାଏ ଗଡ଼ିଆସିଛି । ସେଇ ଜମିରେ ଶାମ ପଧାନର ପୂର୍ବ ପୁରୁଷଙ୍କ ଛାପ ଅଛି ବୋଲି ମଲା ବେଳକୁ ପୁଅକୁ ସେ ଜମିରେ ହିଡ଼ ଉଠେଇ ଭିନ୍ନ ନ କରିବା ପାଇଁ ଆର୍ତ୍ତି କରିଛି । ବରଜୁ ଜୀବନର ଗତିକୁ ମଧ୍ୟ ଆମେ ସେଇ ଜମିର ପୃଷ୍ଠଭୂମିରେ ଦେଖୁ । ବରଜୁ ନିଜ ବଂଶାନୁକ୍ରମିକ ଜମିର ମାଲିକ । ସେହିପରି ବରଜୁର ପାଖ ବିଲରେ କାମ କରୁଥିବା ଯଦୁ ଦଳେଇ ଓ ଉପନ୍ୟାସରେ ଭିନ୍ନ ଭିନ୍ନ ସମୟରେ ଉଭା ହୋଇଥିବା ଉଦ ସୁତାର ପରି ଲୋକଙ୍କର ଆପଣା ଆପଣା ଜମି ଥିବାର ପ୍ରମାଣ ମିଳେ । "ଉଦ ସୁତାର କହିଲା, ଆମର ଯେଝା ଜମି ଯେଝାର- ଆମର ତ ଯେଝା ଜମି ସାତପୁରୁଷରୁ ଚଷି ଆସୁଥାଇଁ- ସେ କାଗଜ କଲମରେ ଯାହା କଲେ, କଲେ- ଆମ ଜମି ଆସେ ଚଷିବା ।"(୧) କିନ୍ତୁ ଉପନ୍ୟାସରେ ଯେଉଁ ମାନଙ୍କର କାହାଣୀ ପାଠକଙ୍କ ଆଢୁଆଳରେ ରହି ଯାଇଛି, ସେମାନେ ହେଉଛନ୍ତି ଧରମା ବାଉରୀ ଓ ରତନା ଭୋଇ ପରି ଭୂମିହୀନ ମଣିଷମାନେ । ଏହି ଅସବର୍ଣ୍ଣ ହାଡ଼ି, ପାଣ, ବାଉରୀ, କଣ୍ଡରାମାନେ ଅଧିକାଂଶ ଭାବରେ ଅନ୍ୟର ଜମିରେ କୃଷି ଶ୍ରମିକ ଭାବେ କାମ କରନ୍ତି ।"(୨) ମାଟି ସାଙ୍ଗେ ମାଟି ହୋଇ ଖରାରେ ସିଝି, ବର୍ଷା କାକରରେ ଭିଜି ମହଣ ମହଣ ଶସ୍ୟ ଫଳେଇ ହରି ମିଶ୍ର କି ରାମଚନ୍ଦ୍ର ମଙ୍ଗରାଜ ମାନଙ୍କର ଅମାର ଭରନ୍ତି ।

ସେମାନଙ୍କର କିନ୍ତୁ ଆପଣାର ବୋଲି କହିବା ପାଇଁ ଗୁଣ୍ଠେ ହେଲେ ଜମି ନଥାଏ । ହରି ମିଶ୍ର ଓ ମଙ୍ଗରାଜମାନେ ହିଡ଼ ଉପରେ ଛତା ଧରି ଏମାନଙ୍କ ରକ୍ତ ଝାଳକୁ ଆହୁରି ଆହୁରି ନିଗାଡ଼ି ଦେବାପାଇଁ ନିର୍ଦ୍ଦେଶ ଦିଅନ୍ତି । ତଥାକଥିତ ଉଚ୍ଚ ବର୍ଗଙ୍କ ଆଜ୍ଞା ପାଳନ କରୁଥିବାଏହି ଦଳିତ-ଭୂମିହୀନମାନେ ଯୁଗ ଯୁଗ ଧରି ଅନ୍ୟର ଜମିରେ ଆପଣାର ରକତ ନିଗାଡ଼ ଚାଲିଛନ୍ତି କିନ୍ତୁ ଜମି ଉପରେ ଅଧିକାର ପାଇବାରୁ ବଞ୍ଚିତ ରହିଛନ୍ତି ।

ହରି ମିଶ୍ର ମାନଙ୍କ ଦ୍ୱାରା ଅତ୍ୟାଚାରିତ ଓ ଅପମାନିତ ହୋଇ ଧରମା ବାଉରୀ ମାନେ ପିଢି କାଟିଥିବା ବାସସ୍ଥାନ ଛାଡ଼ି ସ୍ଥାନାନ୍ତର ହେବାକୁ ବାଧ ହୁଅନ୍ତି । ହରି ମିଶ୍ରଙ୍କ ମାଡର ଆହ୍ୱାନରେ ଶୁଣା ଯାଇଥିବା ଧରମାର ବକ୍ତବ୍ୟ ଏ ଦେଶର ଦଳିତମାନଙ୍କ ଯାଯାବରୀତାକୁ ସ୍ପଷ୍ଟ ଭାବେ ଦେଖେଇ ଦିଏ । "ଧରମା ବାଉରୀ ଜାତିରେ ବାଉରୀ, ତାର ସମ୍ପତ୍ତି ବାଡ଼ି ନାହିଁ କି ଟଙ୍କା ସୁନା ନାହିଁ ଯେ, କୃତ୍ରିମ କରି ଘେନିଯିବ । ଆମେ ତ ମୂଲିଆ ମଣିଷ, ଚାରିବାହା ଥିବା ଯାଏ ଆମ ପେଟ ଅପୋଷା ରହିବ ନାହିଁ। ଯେଉଁ ଧନ ସଂପତ୍ତି ଗୁରାକ ତ ମାଡ଼ି ଯାଉଛି- ପିଢ଼ା ଉପରେ ଲାଉ କସିଟାଏ ତ ରଖି ଦେବ ନାଇଁ- ନ ହେଲା, ଏ ଗାଁରେ ନ ହେଲେ- ଯଉଁ ଗାଁକୁ ଯିବୁଁ ସେଠି ତ ଆମେ ମୂଲଲାଗି ଖାଇବୁଁ... ।"[୩] ପିଢ଼ିପିଢ଼ି ଧରି ଉଚ୍ଚବର୍ଗଙ୍କ ହାତରୁ ଗୋଲାମ ପରି ମାଡ଼ଗାଳି ଖାଇ ଭୂମି-ସଂପତ୍ତିହୀନ ଧରମା ବାଉରୀମାନେ ନିର୍ବାସିତ ହୋଇ ଆସିଛନ୍ତି ନିଜ ଜନ୍ମ ସ୍ଥାନରୁ । ୧୯୩୧ ମସିହାରେ ଔପନ୍ୟାସିକ ଶ୍ରୀ ପାଣିଗ୍ରାହୀ ରୂପ ଦେଇଥିବା ଧରମା ବାଉରୀର ନିର୍ଯ୍ୟାତନା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସମାଜରେ ବଳବତ୍ତର ରହିଛି । ଦଳିତ ମଣିଷର ସର୍ବନିମ୍ନ ମୌଳିକ ଅଧିକାର ଓ ଆତ୍ମମର୍ଯ୍ୟାଦାର ସହ ବଞ୍ଚିବା ଏକ ସୁଦୂର ସ୍ୱପ୍ନରେ ପରିଣତ ହୋଇଛି । ନିକଟ ଅତୀତରେ (୭.୧୧.୨୦୨୧) ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ନାଥପୁର ଗାଁରୁ ନିର୍ବାସିତ ହୋଇଥିବା ୪୮ ଅସବର୍ଣ୍ଣ ପରିବାରର ଘଟଣା ଏହାର ପ୍ରାମାଣିକତାକୁ ସ୍ପଷ୍ଟ କରେ ।[୪]

ସେହିପରି ୧୯୪୮ ମସିହାରେ ରଚିତ ଗୋପୀନାଥ ମହାନ୍ତିଙ୍କ 'ହରିଜନ' ଉପନ୍ୟାସରେ ଦଳିତ- ଅସ୍ପୃଶ୍ୟ ମଣିଷ ମାନଙ୍କର ଅସ୍ତିତ୍ୱ ଜନିତ ଅସୁରକ୍ଷା ତଥା ସଂକଟ ଆହୁରି ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି । ଘର ଡ଼ିହ ତଥା ଜମିରେ ମାଲିକାନା ନ ଥିବାରୁ ଦେଶର ନାଗରିକ ହୋଇ ସୁଦ୍ଧା ଅସବର୍ଣ୍ଣ ମଣିଷମାନେ ସ୍ଥାୟୀ ଭାବେ ବସବାସ ତଥା ଜୀବିକା ନିର୍ବାହ କରିବାରେ ବିଫଳ ହେଉଛନ୍ତି । ନାକଧରାପୁରର ମେହେନ୍ତର ସାହି । ଔପନ୍ୟାସିକଙ୍କ ଭାଷାରେ ସେଇଠି ରହିଛି ପୁରୁଣା ସମାଜର ଚେର ।[୫] ଏହି ଅଚ୍ଛବ ସାହିକୁ ଚାରିପଟୁ ଘେରି ଠିଆ ହୋଇଛି ଅବିନାଶ ବାବୁମାନଙ୍କ ପରି ଉଚ୍ଚବର୍ଗୀୟ ଲୋକଙ୍କ ଧଳା ଧଳାକୋଠାର ଇମାରତ୍ । ତଥାପି ମେହେନ୍ତର ବସ୍ତିର ଅପରିଚ୍ଛନିଆ କୁଡ଼ିଆକୁ ଆତ୍ମସାତ କରିବା ପାଇଁ ସେମାନଙ୍କର ଭୋକର ସୀମା ନାହିଁ ।

ସ୍ୱାଧୀନତା ପରେ କ୍ଷମତାର ଗାଦିରେ ଆସୀନ ଶୈଳେନ୍ଦ୍ର ବାବୁମାନଙ୍କ ପରି ତଥାକଥିତ ଶାନ୍ତି ପ୍ରିୟ ତଥା ଅହିଂସା ପ୍ରିୟ ନେତା ଦଳିତ ମଣିଷର ଜୀବନ-ଜୀବିକାର ସୁରକ୍ଷା କରିବା ବଦଳରେ ଅବିନାଶ ବାବୁମାନଙ୍କ ପରି ଉଚ୍ଚବର୍ଗୀୟ ସେବାରେ ନିଜକୁ ଉତ୍ସର୍ଗ କରିଦିଅନ୍ତି । "ଏହି ସଂକୀର୍ଣ୍ଣ ଜାଗାରେ ସବୁଦିନେ କଣ ତୁମେ ପଡ଼ି ରହିଥାନ୍ତ ! ତୁମରି ଭଲ ପାଇଁ ମୁଁ କହୁଛି । ଅବୁଝା ହୁଅନାହିଁ ଭାଇମାନେ, କଥା ବୁଝ । ତୁମେମାନେ ଆଜି ଅନ୍ୟାୟ ଦାବୀ ଧରି ଅଡ଼ି ବସିଛ । ଜମି ତୁମର ନୁହେଁ, କେତେ ଦିନର ପଲାକୁଡ଼ିଆ ଖଣ୍ଡିଏ ଲେଖାଏଁ, ସେତିକିରେ ତୁମର ଅଧିକାର ! ଆଇନରେ ତୁମର ଜୟ ହେବନାହିଁ । ସଂଘର୍ଷ ଉପୁଜାଇଲେ ତୁମର ସମୂହ କ୍ଷତି ।"[୬] ସ୍ୱାଧୀନତା ପରେ ଭୂସଂସ୍କାର ଆଇନ (୧୯୬୦), OGLS Act(Orissa Government Land Settlement Act, ୧୯୬୨), OPLE Act(The Odisha Prevention of Land Encroachment Act, ୧୯୭୨) ଆଦି ଅନେକ ଆଇନ ପ୍ରଣୟନ ହେବା ସତ୍ତ୍ୱେ ଦଳିତ ପରିବାରମାନଙ୍କ ପାଇଁ ସ୍ଥାୟୀ ବାସ ଓ ଚାଷଜମିର ସୁରକ୍ଷା ହୋଇପାରିଲା ନାହିଁ ।"[୭] 'ହରିଜନ' ଉପନ୍ୟାସର ନାକଧରାପୁରର ମେହେନ୍ତର ବସ୍ତି ବାସିନ୍ଦାମାନଙ୍କ ପରି ଓଡ଼ିଶାର କେତେ ଯେ ଦଳିତ ମଣିଷ ସେମାନଙ୍କ ଡିହର ବୁନିଆଦୀରୁ ବଳପୂର୍ବକ ବେଦଖଲ ହୋଇଥିବେ ଓ ହେଉଛନ୍ତି ତା'ର ହିସାବ ନାହିଁ ।

**ଭୂମି ସଂଶ୍ଳିଷ୍ଟ ଜୀବନ ଅଥଚ ଅଧିକାର ହୀନ :**

ଭାରତ ଏକ କୃଷିପ୍ରଧାନ ଦେଶ । ଏହାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସଂଖ୍ୟାର ମୋଟାମୋଟି ଶତକଡ଼ା ୭୦ ଭାଗ ଲୋକ କୃଷି ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ । ମାତ୍ର ଏହି କୃଷିପ୍ରଧାନ ଦେଶଟି ମୂଳତଃ ଏକ ବହୁ-ସ୍ତରୀୟ ଜାତି ବ୍ୟବସ୍ଥାର ମୂଳଦୁଆ ଉପରେ ପ୍ରତିଷ୍ଠିତ ।[୮] କୃଷି ନିମନ୍ତେ ଆବଶ୍ୟକ ହେଉଥିବା ଉପାଦାନ ମଧ୍ୟରୁ ପ୍ରାଥମିକ ତଥା ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି 'ଭୂମି' । ଯାହା ଏ ଦେଶର ଦଳିତ ସମୁଦାୟଙ୍କ ପାଖରେ ଜାତି ବ୍ୟବସ୍ଥାର ପ୍ରାରମ୍ଭରୁ ନଥିଲା ଏବଂ

ଏବେ ମଧ୍ୟ ଅପହଂଚ । କିନ୍ତୁ ଏହି କ୍ଷେତ୍ରରେ ଦୈନିକ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଏକ ବୃହତ୍ତର ଅଂଶ ହେଉଛନ୍ତି ଏ ଦେଶର ଦଳିତ ସମୁଦାୟ ।

କୌଣସି ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ଭାଗୀଦାରିତାର ଏକ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରମୁଖ ଦିଗ ହେଉଛି ଉତ୍ପାଦନର ଉପକରଣ ଉପରେ ମାଲିକାନା । ଆମର ଭାରତୀୟ ସମାଜ ବ୍ୟବସ୍ଥାରେ ଧାର୍ମିକସତ୍ତା ହିଁ ପ୍ରାରମ୍ଭରୁ ଉତ୍ପାଦନର ଉପକରଣକୁ ଜାତିଭିତ୍ତିରେ ନିୟନ୍ତ୍ରଣ କରି ଆସିଛି । ଭାରତରେ ବର୍ଣ୍ଣ-ଜାତି ବ୍ୟବସ୍ଥାର ପ୍ରାମାଣିକ ଗ୍ରନ୍ଥ 'ମନୁ ସ୍ମୃତି' ଅନୁସାରେ ଶୁଦ୍ର ଓ ଅତି ଶୁଦ୍ରର ଜୀବିକାର୍ଜନର ଏକମାତ୍ର ଉପାୟ ହେଉଛି ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ସେବା କରିବା । ଶୂଦ୍ର ସମର୍ଥ ହେଲେ ସୁଦ୍ଧା କଦାପି ଧନ ସଞ୍ଚୟ କରିବ ନାହିଁ; କାରଣ (ଶାସ୍ତ୍ରଜ୍ଞାନ ହୀନ) ଶୂଦ୍ର ଧନ ଲାଭକରି ବ୍ରାହ୍ମଣମାନଙ୍କୁ ଉତ୍ପୀଡ଼ନ କରିପାରେ ।(୯)

ଆଜି ସ୍ୱାଧୀନତାର ୭୫ବର୍ଷ ପରେ ବି ମନୁ ସଂହିତାର ଏହି ଅସାମ୍ବିଧାନିକ ଆଇନ ବଳବତ୍ତରରହିଛି । ଉତ୍ପାଦନ ବ୍ୟବସ୍ଥାରେ ସବୁଠୁ ଅଧିକ ଭାବେ ଜଡ଼ିତ ଦଳିତ ସମୁଦାୟର ପରିଚୟ କେବଳ ଶ୍ରମିକ; ସତ୍ତ୍ୱାଧିକାରୀ ନୁହେଁ । ଭାରତ ସରକାରଙ୍କ ୨୦୧୫-୧୬ କୃଷି ସଂକ୍ରାନ୍ତୀୟ ଗଣନା ଅନୁଯାୟୀ ଦେଶର କୃଷିକ୍ଷେତ୍ରରେ ଶ୍ରମିକ ଭାବେ କାମ କରୁଥିବା ୭୧ ପ୍ରତିଶତ ଦଳିତ ହେଉଛନ୍ତି ଭୂମିହୀନ । ହରିୟାଣା, ପଂଜାବ, ବିହାର, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳରେ ୯୦ ପ୍ରତିଶତ କୃଷି ଶ୍ରମିକ ହେଉଛନ୍ତି ଦଳିତ । ଓଡ଼ିଶା କ୍ଷେତ୍ରରେ ଏହି ସଂଖ୍ୟା ୬୦ ପ୍ରତିଶତ ।(୧୦)

ଓଡ଼ିଆ ଉପନ୍ୟାସରୁ ଏହାର ଉଦାହରଣ ଉଦ୍ଧାର କରାଯାଇପାରେ । "ପ୍ରାୟ ଅଧିକାଂଶ ଚାଷଜମିର ମାଲିକ ଉଚ୍ଚ ଜାତିର ଲୋକ । ବ୍ରାହ୍ମଣ, କରଣ, ଖଣ୍ଡାୟତ ସେମାନଙ୍କ ମଧ୍ୟରେ ପ୍ରଧାନ । ତାଙ୍କ ପଛକୁ ତେଲି, ଗଉଡ଼, ବାରିକ ଓ କୁର୍ମ ପ୍ରଭୃତି ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ସମ୍ପ୍ରଦାୟର ଲୋକ । ତା'ପରେ ପାଣ, କଣ୍ଡରା, ମୋଚୀ, ଧୋବା, ବାଉରୀ, ଜାତିର ଲୋକ । ଶେଷୋକ୍ତ ଶ୍ରେଣୀର ଲୋକମାନେ କେବଳ ଶ୍ରମିକ । ଘରଡ଼ିହ ଖଣ୍ଡକୁ ଛାଡ଼ି ଦେଲେ ସେମାନଙ୍କର ଜମିଜମା କିଛି ନାହିଁ । ଘରଡ଼ିହ ବି ସମସ୍ତଙ୍କର ନାହିଁ ଏବଂ ଗୋଚର ବା ପଡ଼ିଆ ଜମି ଉପରେ କୁଡ଼ିଆ ତିଆରି କରିଛନ୍ତି । ସରକାରୀ ଖାତାରେ ଏହାସବୁ ଜବର ଦଖଲ । ଏମାନେ ଜମି ଥିବା ଲୋକଙ୍କର ଘରେ କାମ କରିଚାଲନ୍ତି ।"(୧୧)

ମାଟି ସହିତ ମାଟି ହେଉଥିବା ମଣିଷର ସେଇ ମାଟି ସହିତ କେବଳ ମାତ୍ର ଶ୍ରମ ଓ ଉତ୍ପାଦନର ସମ୍ପର୍କ ନଥାଏ । ଜମିରେ ଆଇନଗତ ଅଧିକାର ନଥିଲେ ବି ଭୂମିହୀନ ମଣିଷଟିଏ ମାଲିକର ଜମିରେ ଯେଉଁ ରକ୍ତ ଝାଳ ନିଗାଡ଼ି ଖଟିଥାଏ, ସେହି ଭୂମି ସହ ତାର ଆବେଗିକ ସମ୍ପର୍କ ଖୁବ୍ ଗଭୀର । ସେଥିପାଇଁ ସେ ଅନ୍ୟର ଜମିକୁ ବି ମାଆ ବୋଲି କହିପାରେ । "ମକରା କହିଲା- 'ଆମେ ଥାଉ ଥାଉ ବାହାରୁ ଲୋକ ଆଣି ଧାନ କାଟି ନେଲୁ ସାହୁକାର, ଏଇଟା ଭଲ ହେଲାନି । ଜମି ଅଛି, ଥିବ । ଆମେ ଅଛୁ, ଆମେ ଥିବୁ । ଜମି ଆମର ମାଆ । ଆମ ଛାତି ଆଜି କରତି ହୋଇ ଯାଉଛି ।' ।"(୧୨) ଜମିରେ ଅଧିକାର ନଥିଲେ ମଧ୍ୟ ବିହନ ବୁଣିବା ଠାରୁ ଆଧାର ଅମଳ ଯାଏଁ ଫସଲର ପ୍ରତିଟି ପର୍ଯ୍ୟାୟର ବିଭୋର ତାକୁ ଆପଣା ରକ୍ତରେ ଅନୁଭବ କରେ ସେ । ବିଶିଷ୍ଟ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ 'କାଳାନ୍ତର' ଉପନ୍ୟାସରୁ ଆମେ ଆଉ ଏକ ଉଦାହରଣ ନେଇପାରିବା । "ଶନିଆ ବାଉରୀ- ଚନ୍ଦ୍ରମଣିଙ୍କ କିଛି ଜମିରେ ଭାଗଚାଷ କରେ । ଚନ୍ଦ୍ରମଣିକୁ ଦାଣ୍ଡରେ ଦେଖି ଶନିଆଁ କହିଲା- 'ବାବୁ, କୋଉଦିନ ଗାଁକୁ ଅଇଲେ ଆଁ ! ତାଳବଣିଆ ଚକରେ ଏ ସନ ଶାରଦ ଧାନ ଭାଲୁ ପରି ବଢ଼ିଛି ସିନା; କିଆରି ଯାକ ବାଲୁଙ୍ଗା ସବୁ ଏମିତି ରୁନ୍ଧ ହୋଇଗଲାଣି ଯ, ଧାନଗଛ ନିଃଶ୍ୱାସ ନେଇ ପାରୁନାହିଁ । ଚନ୍ଦ୍ରମଣି ଏସବୁର କି ଖବର ବା ରଖନ୍ତି ? ଧାନଗଛର ଯେ ଗୋଟାଏ ସ୍ୱର୍ଣାତୁର ଜୀବନ ଅଛି, ଧାନଗଛ ଫୁଲ ଉଡ଼ାଏ, ଫୁଲହାଟ ବସାଏ, ଆଧାର ଖାଏ, ତାହା କେବଳ ଶନିଆଁ ବାଉରୀ ପରି ଏଇ ମାଟିର ସନ୍ତାନମାନେ ଆଉ ଶସ୍ୟର ଏଇ ସହୋଦରମାନେ ବୁଝନ୍ତି ସିନା । ଚନ୍ଦ୍ରମଣି ତ କେବଳ ବୁଝନ୍ତି ଧାନ ଅମଳ ଆଇ ଭାଗ ଧାନର ହିସାବ' ।"(୧୩) ଯେଉଁ ଭୂମିକୁ ଆଜି ଶନିଆଁ ବାଉରୀ ଚାଷ କରୁଛି ଓ ତାର ସମସ୍ତ ଶ୍ରମର ସ୍ୱାଦ ଦେଇ ଧାନଫୁଲର ବାସ୍ନାକୁ ଆଘ୍ରାଣ କରିପାରୁଛି ସେ ଜମି କେଉଁ ମୁହୂର୍ତ୍ତରେ ଆଉ କେହି ଚାଷ କରିପାରେ । ଭୂମିରେ ଅଧିକାର ହୀନତା କେବଳ ଜୀବିକା ତଥା ଖାଦ୍ୟର ଅସୁରକ୍ଷା ସୃଷ୍ଟି କରେ ନାହିଁ, ବରଂ ମଣିଷର ଲୁହ-ଲହୁ, ହସ-ଆଶା-ସ୍ୱପ୍ନର ସବୁଜିମାକୁ ମଶାଣି ଭୂଇଁ କରିଦିଏ ।

ଦେଶର ପ୍ରକୃତ ଚାଷୀ ଓ ଭୂମିହୀନ ମାନଙ୍କୁ ଚାଷ ଜମିର ମାଲିକାନା ପ୍ରଦାନ ଉଦ୍ଦେଶ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜମି ସଂଶୋଧନ ଆଇନ ପ୍ରଣୟନ କରିଥିଲେ । କିନ୍ତୁ କ୍ଷମତାସୀନ ଉଚ୍ଚ ବର୍ଗୀୟ ମାନଙ୍କ ସହିତ ଜମିଦାର ମାନଙ୍କ

ଭିତିରିଆ ସଲାସୁତୁରା ଯୋଗୁଁ ସେହି ଆଇନ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଫଳରେ ଚାଷୀ ଓ ଭୂମିହୀନ କୃଷି ଶ୍ରମିକ ଅନେକ ପ୍ରକାରର ଶୋଷଣର ଶିକାର ହେଲେ ।"[୧୪] ଔପନ୍ୟାସିକ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ 'ପ୍ରଥମ ସକାଳ'ରୁ ଆମେ ଏହି ଉକ୍ତିର ଅବିକଳ ପ୍ରତିଛବି ଦେଖିବାକୁ ପାଉ । ଜମିଦାର ଚନ୍ଦ୍ରଚୂଡ଼ବଳୀୟାର ସିଂଙ୍କ ବାର ମାଣିଆ ସୁନାପାଟ ଜମି ଉପରେ କାହିଁ କେତେ କାଳୁ ଭାଗଚାଷ କରି ଆସୁଥିବା ଚାଷୀଙ୍କୁ ବେଦଖଲ କରିବା ପାଇଁ ବଳୀୟାର ସିଂ ସ୍ଥାନୀୟ ନେତା ମନ୍ତ୍ରୀଙ୍କ ସହ ମିଶି ମସୁଧା କରିଛନ୍ତି । "ଜମି ମାଲିକକୁ ସାହାଯ୍ୟ କରୁଛି ସରକାର । ଦିନ କେଇଟା ଆଗରୁ ଆଇନ କରିଥିଲେ ଭାଗଚାଷୀଙ୍କୁ କେହି ଜମିରୁ ବେଦଖଲ କରିପାରିବେ ନାହିଁ । କିନ୍ତୁ ଏଇ ନିର୍ବାଚନ ମଣ୍ଡଳୀରୁ ବିପ୍ଳବୀ ଦଳର ପ୍ରାର୍ଥୀ ଜିତିଲା ପରେ ସେ ଆଇନ୍ ଏଠି ହୁଗୁଳା ହୋଇଯାଇଛି । ଚାଷୀମାନଙ୍କୁ ହଇରାଣ କରି ବେଦଖଲ ନ କଲେ ଆରଥର ଏଠୁ ସେମାନଙ୍କର ଅମାନତ ଉଠି ଯାଇପାରେ ।"[୧୫] 'ହରିଜନ' ଉପନ୍ୟାସର ନାକଧରାପୁରର ମେହେନ୍ତର ବସ୍ତିବାସିନ୍ଦା ମାନଙ୍କ ପରି ଓଡ଼ିଶାର କେତେ ଯେ ଦଳିତ ମଣିଷ ସେମାନଙ୍କ ଡିହର ବୁନିଆଦୀରୁ ବଳପୂର୍ବକ ବେଦଖଲ ହୋଇଥିବେ ଓ ହେଉଛନ୍ତି ତାର ହିସାବ ନାହିଁ ।

**ଅଧିକାରହୀନତା ଓ ଶ୍ରମର ଶୋଷଣ :**

ଜଣେ ନାଗରିକକୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରାଥମିକ ଭିତ୍ତି ହେଉଛି ଭୂମି । ବାସ ଏବଂ ଚାଷଭୂମି ଉଭୟ ଗୋଟିଏ ମଣିଷର ସ୍ୱାଭିମାନ ପୂର୍ଣ୍ଣ ଜୀବନ ଗଢ଼ି ତୋଳିବାରେ ସହାୟକ ହୁଏ । କିନ୍ତୁ ଏ ଦେଶର ଦଳିତ ସମୁଦାୟର ଯେଉଁ ବିରାଟ ଭାଗ କୃଷିକ୍ଷେତ୍ର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେମାନେ ଭୂମିହୀନ । କୃଷି ତଥା ଦେଶର ପ୍ରଗତିରେ ସେମାନଙ୍କର ପ୍ରତ୍ୟକ୍ଷ ଭାଗିଦାରୀ ରହିଛି । କିନ୍ତୁ ସ୍ୱାଧୀନତାର ୭୫ ବର୍ଷ ପରେ ସେମାନଙ୍କୁ ଚାଷୀ ଭାବରେ ସ୍ୱୀକୃତି ମିଳିପାରି ନାହିଁ କି ସେମାନଙ୍କର ଭୂମିହୀନତାକୁ ଏକ ଜାତୀୟ ସମସ୍ୟା ଭାବରେ ବିଚାର କରାଯାଇ ଏହାର ଦୀର୍ଘକାଳୀକ ସମାଧାନ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ । ଫଳରେ ସ୍ୱାଧୀନ ଦେଶର ନାଗରିକ ବୋଲାଇ ମଧ୍ୟ ସେମାନେ ପରାଧୀନ ଭାବେ ଜୀବନ ବିତାଉଛନ୍ତି । ନିଜର ପେଟପୁରା ଆହାର ଗଣ୍ଡାକ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ଏବଂ ସେମାନଙ୍କର ଏହି ବିକଳ୍ପହୀନ ଜୀବିକାର ଅସହାୟତାରୁ କୃଷି, ଶିଳ୍ପ ଆଦି ସମସ୍ତ କ୍ଷେତ୍ରରେ ଶ୍ରମ ଶୋଷଣର ଶିକାର ହେଉଛନ୍ତି । ଶ୍ରମ ବଦଳରେ ସର୍ବନିମ୍ନ ମଜୁରୀ ଓ ଉପଯୁକ୍ତ କର୍ମ ନିର୍ଘଣ୍ଟ ଦାବି କରିବାର ଅଧିକାର ମଧ୍ୟ ସେମାନଙ୍କର ନଥାଏ । କାରଣ ଦାବି କରି କାର୍ଯ୍ୟ ବନ୍ଦ କଲେ ପିଲା କୁଟୁମ୍ବ ଦିନ ଦିନ ଉପାସ ରହିବାକୁ ହେବ । ଅନେକ ସମୟରେ ତାକୁ ତା' ଦାବିରୁ ନିରୁପାୟ ହୋଇ ଓହରି ଯିବାକୁ ପଡ଼େ ତ ଅନ୍ୟ କେତେବେଳେ ସଂଘର୍ଷ ଆଡ଼େ ମୁହାଁଏ ।

ଅଖିଳ ନାୟକଙ୍କ 'ଭେଦ' ଉପନ୍ୟାସରୁ ଆମେ ଉପରୋକ୍ତ ବକ୍ତବ୍ୟର ଝଲକ୍ ପାଇପାରିବା । ଦୂରରୁ ଗୋଟିଏ ଟ୍ରକ୍ ଆସୁଥିବାର ଶୁଣି ପାରିଲେ ମି. ସେଠ୍ । ପଅରଦିନ ସକାଳୁ ନଅଟି ଟ୍ରକ୍ ଆସି ଠିଆ ହେଲାଣି ମିଲ୍ ଆଗରେ । କ'ଣ କରାଯିବ ! ସେ ଉପାୟ ଶୂନ୍ୟ । ତିନି ଦିନ ହେଲାଣି ମିଲ୍ ବନ୍ଦ । ପନ୍ଦର ଟଙ୍କାରୁ ପଚିଶି ଟଙ୍କା ନ ହେଲେ ଭୋକରେ ମରିବୁ ପଛେ, କାମକୁ ଆସିବୁ ନାହିଁ ଶୁଣେଇ ଦେଇଛନ୍ତି ସେମାନେ । ଥରେ ମୁହଁ ଦେଇ ଦେଲେ ଏଇ ଲୋକମାନେ ଆଗକୁ ଆଗକୁ ତାଙ୍କୁ ଆଙ୍ଗୁଠି ଟିପରେ ନଚେଇବାକୁ ନ ଚାହିଁବେ ବୋଲି କୋଉ ମାନେ ଅଛି ! ତେଣୁ ସେ ଠିକ୍ କରିଛନ୍ତି, ଆଦୌ ନଇଁବେ ନାହିଁ ସେମାନଙ୍କ ଆଗରେ ।"[୧୬] କିନ୍ତୁ ଦଳିତ ଭୂମିହୀନ ମାନଙ୍କର ଏହି ନ୍ୟାର୍ଯ୍ୟ ଅଧିକାରର ଲଢେଇ ସଫଳତାର ରାସ୍ତାରେ ଯାଉ ଯାଉ ଭୂମିହୀନଙ୍କର ଶସ୍ତା ଶ୍ରମ ହିଁ ଏହି ଲଢେଇକୁ ଧିମା କରିଦିଏ । "ରୁକୁଣାଶୋଳ ଜମିର ଫସଲ କାଟିବା ପାଇଁ ବିବାଦ ଲାଗିଛି । ବାଙ୍ଗିରିପୋଷିର ମାଲିକ ଆଉ ସାନ ସରାପୋଷିର ଭୂମିଜମାନଙ୍କ ଭିତରେ । ମଜୁରୀ ନ ବଢେଇଲେ ସେମାନେ ଧାନ କାଟିବେ ନାହିଁଣ କରି ଆଉ କାହାକୁ କାଟିବାକୁ ହେବେ ନାହିଁ । ସେଥିପାଇଁ ଭୂମିଜମାନେ ସଂଘବଦ୍ଧ ହୋଇ ଠୁଳ ହୋଇଛନ୍ତି ଜମି ପାଖରେ ।"[୧୭] ସ୍ଥାନୀୟ ଦଳିତ, ଭୂମିହୀନମାନେ ସିନା କାମ ବନ୍ଦ କରିଦେଲେ । କିନ୍ତୁ ବାଙ୍ଗିରିପୋଷିର ଜମି ମାଲିକ ପାଖରେ ଶ୍ରମିକ ଅଭାବ ରହିଲା ନାହିଁ । ସେ ବାହାର ଅଞ୍ଚଳରୁ ସେଇ ଭୂମିହୀନ ଶ୍ରମିକମାନଙ୍କୁ ଆଣି ନିଜର କାର୍ଯ୍ୟ ପୂରଣ କଲା । ଯେଉଁମାନେ ଆଇନ ଅନୁଯାୟୀ ସର୍ବନିମ୍ନ ମଜୁରୀ ଦାବିରେ କାମ ବନ୍ଦ କଲେ; ସେମାନ ସେତିକି ଦିନର ଆହାର ହରାଇଲେ ସିନା ଆଇନ ସେମାନଙ୍କ କାମରେ ଲାଗିପାରିଲା ନାହିଁ । "ମକରା କହିଲା– 'ଆମେ ଥିବାବେଳେ ବାହାରୁ ଲୋକ ଆଣି ଧାନ କାଟି ନେଲୁ, ଏଇଟା ଭଲ ହେଲାନି । ଆମ ଛାତି ଆଜି କରତି ହୋଇଯାଉଚି ।"[୧୮] ଏହାହିଁ ହେଉଛି ଦଳିତ, ଭୂମିହୀନ ମାନଙ୍କ ବାସ୍ତବତା । ଯେ ପର୍ଯ୍ୟନ୍ତ କୃଷି, ଶିଳ୍ପ ଆଦି କ୍ଷେତ୍ରରେ ଉତ୍ପାଦନର ଉପକରଣ ଉପରେ ସେମାନଙ୍କର

ମାଲିକାନା ପ୍ରତିଷ୍ଠା ହେବ ନାହିଁ, ସେତେଦିନ ଯାଏ ଏହି ଶସ୍ତା ଶ୍ରମ ସୃଷ୍ଟି ଓ ଶ୍ରମର ଶୋଷଣ ଏକ ସ୍ଥାୟୀ ତଥା ମୌଳିକ ସମସ୍ୟା ହୋଇ ଦେଶର ପ୍ରଗତି ପଥର ବାଟ ଓଗାଳି ଠିଆ ହୋଇଥିବ ।

**ଅଧିକାର ଜନିତ ସଂଘର୍ଷର ଐକ୍ୟତାନ :**

ଦଳିତଙ୍କ ଭୂମି ଜନିତ ଅସ୍ତିତ୍ୱ ଓ ଅଧିକାର ଯେପରି ଅତି କ୍ଷୀଣ ମାତ୍ରାରେ ଓଡ଼ିଆ ଉପନ୍ୟାସରେ ଦୃଶ୍ୟମାନ ହୋଇଛି, ସେହିପରି ଭୂମିହୀନତାର ପାର୍ଶ୍ୱ-ପ୍ରତିକ୍ରିୟା ଜନିତ ବିବିଧ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ଦଳିତ ସମୁଦାୟର ସମ୍ମିଳିତ ସ୍ୱର, ଗୌଣ ହେଲେ ମଧ୍ୟ ହାତଗଣତି ସ୍ଥାନରେ ଶୁଣିବାକୁ ମିଳିଛି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏବଂ ପରେ ଭୂମି ଅଧିକାର ନେଇ ଦେଶରେ ଯେଉଁ ବିବିଧ ଧାରାର ଆନ୍ଦୋଳନ ଆରମ୍ଭ ହୋଇଥିଲା, ଓଡ଼ିଶା ସେଥିମଧ୍ୟରୁ ବାଦ ପଡ଼ି ନଥିଲା । ଭାରତୀୟ ଜାତୀୟ କଂଗ୍ରେସ, ସୋସାଲିଷ୍ଟ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ଆଦିଙ୍କ ନେତୃତ୍ୱରେ ଯେଉଁସବୁ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଥିଲା, ତହିଁରେ ଜମିଦାରୀ ପ୍ରଥାର ଉଚ୍ଛେଦ, ଭାଗଚାଷୀ ପ୍ରଥାର ଉଚ୍ଛେଦ, ଖଜଣା ବୃଦ୍ଧିର ବିରୋଧ, କୃଷି ଋଣ ଛାଡ଼ ଆଦି ପ୍ରମୁଖ ଦାବିମାନ ରହିଥିଲା ।[୧୯] କିନ୍ତୁ ଭୂମିହୀନ କୃଷିଶ୍ରମିକ ମାନଙ୍କୁ ଭୂମି ଅଧିକାର ପ୍ରଦାନ କରିବା କୌଣସିବି ଧାରାର ମୁଖ୍ୟ ବିଷୟ ହୋଇପାରି ନଥିଲା ।

କୃଷକ ସଂଘର୍ଷର ବିସ୍ତାରିତ କାନଭାସରୁ ବଳି ପଡ଼ିଥିବା ଭୂମିହୀନ କୃଷି ଶ୍ରମିକମାନେ ସେମାନଙ୍କର ନାଗରିକ ଅଧିକାର ସାବ୍ୟସ୍ତ କରିବାପାଇଁ ଅଳ୍ପ ବହୁତେ ଅଣ୍ଟା ଭିଡ଼ିଥିଲେ । ଯୁଗ ଯୁଗରୁ ନୀରବ ହୋଇ ଉଚ୍ଚଜାତିର ସେବାକରି ଆସୁଥିବା ମଣିଷମାନେ ପ୍ରାଥମିକ ପର୍ଯ୍ୟାୟରେ ଜମି ପାଇଁ ଜମି ମାଲିକମାନଙ୍କ ନିକଟରେ ଗୁହାରୀ କରିଥିଲେ । "ସାତଦିନ ତଳେ ସବୁ ମୂଲିଆଙ୍କୁ ସଙ୍ଗରେ ଘେନି ଧାଇଁ ଆସିଥିଲା ହମହମ ହେଇ । ସମସ୍ତେ ସେମାନେ ହାତଯୋଡ଼ି ଭିକ୍ଷା ମାଗିଥିଲେ- ଆମେ ଭୋକରେ ମରୁଛୁ ସାଆନ୍ତେ, ଦିହମିହନ୍ତ କରି ପେଟ ପୋଷିବାକୁ ବି ଭୂମି ଆମର ନାହିଁ। ଉଆସତଳି ଅନାବାଦୀ ପଡର ଜଙ୍ଗଲ ଦୁଇଶମାଣ ସେମିତି ପଡ଼ିଛି । ସେଗୁଡ଼ା ତୋଟା ବୋଲି ରୟତ ଖାତାରେ ନିଜ ନାମରେ ରଖିଛନ୍ତି । ସାପ, ଗୋଧି, ବିଲୁଆ, ଗଧିଆଙ୍କ ବସା ହେବା ଛଡ଼ା କେଉଁ ଉପକାରକୁ ସେ ଆସୁ ନାହିଁ । ସାଆନ୍ତଙ୍କର ଚାଷଜମି, ଭାଗଚାଷ ଜମି ତ କେତେ ଅଛି । ସାଆନ୍ତଙ୍କୁ ଭିକ ମାଗୁଛୁ ଆମେ, ସେଥିରୁ ଦି ଦି ମାଣ ଆମକୁ ଦାନ କରି ଦିଅନ୍ତୁ । ଶହେ ଘର ମୂଲିଆ ଥିଇଥାନ ହେବେ ।"[୨୦]

ଭୂମିଖଣ୍ଡେ ପାଇଁ ଜମିଦାର ପାଖରେ କାକୁତି ହେଉଥିବା ଏଇ ମଣିଷ ମାନଙ୍କର ହୃଦୟଙ୍ଗମ ହୋଇଛି ଯେ, ପ୍ରାର୍ଥନାରେ କେବେହେଲେ ଅଧିକାର ମିଳିପାରେନା । ସେଥିପାଇଁ ସେମାନେ ସଂଗଠିତ ଭାବେ ଜବରଦଖଲ କରିଛନ୍ତି ସେମାନଙ୍କର ଅଧିକାରର ଭୂମି । ସ୍ୱାଧୀନତା ପରେ ଜମିଦାରୀ ଉଚ୍ଛେଦ ଆଇନ ଯୋଗୁ ଜମିଦାର ଓ ସାଧାରଣ ପ୍ରଜା ମଧ୍ୟରେ ଥିବା ସୁଦୂରପ୍ରସାରୀ ବ୍ୟବଧାନ ସହ ଭୟ ବି ଦୂର ହୋଇ ସାରିଥିଲା । ତେଣୁ ଜମି ଉପରେ ଅଧିକାର ନିମନ୍ତେ ଭୂମିହୀନ ଭାଗଚାଷୀମାନେ ନିର୍ଭୟରେ ଜବରଦଖଲର ପନ୍ଥା ଆପଣେଇଛନ୍ତି । "ସେତେବେଳେ ଚନ୍ଦ୍ରଚୂଡ଼ ବାବୁ ନିର୍ବାଚନରେ ଏମ୍.ଏଲ୍.ଏ ପାଇଁ ଠିଆ ହୋଇଥାନ୍ତି. ତାଙ୍କର ଘରର ବାରମାଣିଆ ସୁନାପାଟ ଜମି ଉପରେ ଅଶୋକର ବିପ୍ଳବୀ ଦଳ ତରଫରୁ ଚାଲିଥାଏ ଭାଗଚାଷୀ ଆନ୍ଦୋଳନ । ଅଶୋକ ନେତୃତ୍ୱରେ ଭାଗ ଚାଷୀମାନେ ଜବରଦଖଲ କରିଥାନ୍ତି ବାରମାଣିଆ ସୁନାପାଟ ଜମିକୁ ।"[୨୧] ସ୍ୱାଧୀନତା କାଳରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କବାଦୀ, ଲେନିନବାଦୀ) ଭୂମିହୀନ କୃଷି ଶ୍ରମିକଙ୍କ ଭୂମି ଅଧିକାର ନିମନ୍ତେ ସ୍ୱର ଉତ୍ତୋଳନ କରିଛି । ଏହି ସ୍ୱର ଭୂମିହୀନ କୃଷକ, ଭାଗଚାଷୀ, କ୍ଷୁଦ୍ର ଚାଷୀ ଆଦିଙ୍କ ମନରେ ଯେଉଁ ନୂତନ ଉନ୍ମାଦନା ଭରି ଦେଇଥିଲା; ଅନାଦି ସାହୁଙ୍କ 'ମୁଣ୍ଡେ ମେଖଳା' ଉପନ୍ୟାସରୁ ଏହାର ତରଙ୍ଗକୁ ଅନୁଭବ କରାଯାଇପାରିବ । "ସମସ୍ତଙ୍କ ମନରେ ଆଶା, ଦେଶ ସାହୁକାର-ମୁକ୍ତହେବ, ଅପହରଣ ହୋଇଥିବା ଜମିବାଡ଼ି ଫେରି ଆସିବ । ଆଇନ ହୋଇଛି, ସେଥିରେ ବିଭିନ୍ନ ନିୟମ ଖଞ୍ଜା ହୋଇଛି ଗରିବ, ଭୂମିହୀନଙ୍କୁ ତଳିତଳାନ୍ତ କରିବା ପାଇଁ । ସେହି ଆଇନ ବରଂ ସାଧାରଣ ଖଟିଖିଆ, ସ୍ୱଳ୍ପ ଜମି ମାଲିକଙ୍କୁ ବଞ୍ଚିତ କରିଛି ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ । ସବୁ ଆଇନ୍ ପ୍ରକ୍ରିୟା ବାତିଲ୍ ହେବ, ଜମିବାଡ଼ିର ମାଲିକ ହେବେ ଖଟିଖିଆ ଆଦିବାସୀ, ଗୋଡି ହୋଇଥିବା ଜନସାଧାରଣ ।"[୨୨] ଭୂମି ଅଧିକାର ନେଇ ଭୂମିହୀନଙ୍କ ମନରେ ସଞ୍ଚରିଥିବା ଏହି ଆଶା କିନ୍ତୁ ସଫଳତାର ବାସ୍ତବ ଭୂମିରେ ଚେର ମେଲେଇ ପାରିଲା ନାହିଁ । କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଭଳି ପାର୍ବତ୍ୟାଞ୍ଚଳରେ ଅଣ-ଆଦିବାସୀମାନେ ବଳ ପୂର୍ବକ ଭାବେ ଅକ୍ତିଆର କରିଥିବା ଆଦିବାସୀଙ୍କ ଜମି ସେମାନଙ୍କୁ ଫେରାଇ ଦେବାରେ ବାମପନ୍ଥୀ ଆନ୍ଦୋଳନ ଯେତିକି ସମର୍ଥ ହୋଇଛି; ଭୂମିହୀନ ଦଳିତ ସମୁଦାୟକୁ ଭୂମି ଅଧକାର ଦେବାରେ ସେତିକି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ମାତ୍ର ପୁରୀ ଜିଲ୍ଲାର ସିପସରୁବାଲି ଜଙ୍ଗଲ ଉପରେ ଭୂମିହୀନ

ଦଳିତମାନଙ୍କ ଅଧିକାର ସାବ୍ୟସ୍ତ ସହିତ ପରିବେଶର ସୁରକ୍ଷା ନେଇ ବିଗତ କିଛି ଦଶନ୍ଧି ହେବ ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ନେତୃତ୍ୱରେ ଯେଉଁ ଲଢେଇ ଜାରି ରହିଛି, ତାହା ଭୂମିହୀନଙ୍କ ଭୂମି ଅଧିକାର ଦିଗରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ଦଳିତ ଭୂମିହୀନଙ୍କ ଏହି ଲଢେଇ ଯଦିଓ ଏଯାବତ୍ କୌଣସି ଉପନ୍ୟାସକାରଙ୍କୁ ପ୍ରଭାବିତ କରିପାରି ନାହିଁ ତଥାପି ଗାଳ୍ପିକା ସୁନନ୍ଦା ପ୍ରଧାନଙ୍କ ଗଳ୍ପ 'ସିପସରୁବାଲି'ର ପୃଷ୍ଠଭୂମି ପାଲଟିଛି ଏହି ଆନ୍ଦୋଳନ ।[୨୩]

ବର୍ତ୍ତମାନ ଦେଶରେ ଦଳିତମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ସହିତ ଭୂମିହୀନତାର ସମ୍ବନ୍ଧ ରହିଛି । ଅସ୍ପୃଶ୍ୟତା, ଦାରିଦ୍ର୍ୟ, ଉତ୍ପାଦନରେ କ୍ରମିକ ଅବନତି, ଶିଶୁ ଶ୍ରମିକତା, ଜାତିଗତ ବିଦ୍ୱେଷ ଜନିତ ହିଂସା, ଶୋଷଣ, ବଳାତ୍କାର ଆଦି ସମସ୍ୟାଗୁଡ଼ିକ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଭୂମିହୀନ ତା' ସହିତ ଜଡ଼ିତ । କାରଣ ଭୂମିହୀନତା ମୂଳରୁ ହିଁ ସେମାନଙ୍କ ନାଗରିକତାର ବୈଧତାକୁ ଚ୍ୟାଲେଞ୍ଜ କରେ । ଫଳରେ ଏକ ପରାଧୀନ ତଥା ନିର୍ଭରଶୀଳ ଜୀବନ ବଞ୍ଚୁଥିବା ସମୁଦାୟଙ୍କ ପାଖରେ ଉପରୋକ୍ତ ସମସ୍ୟାଗୁଡ଼ିକୁ ସାମନା ଓ ସମାଧାନ କରିବା ପାଇଁ କୌଣସି ପ୍ରକାରର (ସାମାଜିକ, ଆର୍ଥିକ, ସାମ୍ବିଧାନିକ, ଆଇନଗତ) ସାମର୍ଥ୍ୟ ନଥାଏ । ବୋଧହୁଏ ଏହି କାରଣପାଇଁ ପ୍ରବନ୍ଧଟିରେ ଯେତେଗୋଟି ଉପନ୍ୟାସର ଉଦାହରଣ ଦିଆଯାଇଛି; କେବଳ 'ମାଟିର ମଣିଷ' ଓ 'ଭେଦ' କୁ ବାଦ୍ ଦେଲେ ଅନ୍ୟ କୌଣସିଥିରେ ଜାତିଗତ ଶୋଷଣ, ବିଦ୍ୱେଷଜନିତ ଦଳିତର ପ୍ରତିକ୍ରିୟା, ଆକ୍ରୋଶ ଓ ସଂଘର୍ଷ ଦୃଷ୍ଟିଗୋଚର ହୁଏନାହିଁ । ଯଦିଓ ଓଡ଼ିଶାରେ ଆତ୍ମମର୍ଯ୍ୟାଦା ନିମନ୍ତେ ଦଳିତମାନଙ୍କର ସଂଗଠିତ ପ୍ରତିକ୍ରିୟାର ଅନେକ ନଜିର ରହିଛି । ତେବେ ଓଡ଼ିଆ ଉପନ୍ୟାସ କୃଷି, କୃଷକ ଓ କୃଷି କ୍ଷେତ୍ରକୁ କାହାଣୀର ଉପଜୀବ୍ୟ ଭାବେ ଗ୍ରହଣ କଲାବେଳେ ଏହି ବୃହତ୍ ଅଂଶର ଦଳିତ ଭୂମିହୀନ କୃଷି ଶ୍ରମିକମାନଙ୍କ ବାସ୍ତବ ଅବସ୍ଥା ପ୍ରତି ସମ୍ମାନ ଦେବାର ବିଶେଷ ଆବଶ୍ୟକତା ରହିଛି । ଏହା ଫଳରେ ଏକ ଆର୍ଥିକ-ସାମାଜିକ ପରିବର୍ତ୍ତନ ଦିଗରେ ସାହିତ୍ୟ ଅଭିପ୍ରେତ ହୋଇପାରିବ ଓ ଏକ ବ୍ୟାପକ ସମୁଦାୟ ସହିତ ଯୋଡ଼ି ହେବାର ସୂତ୍ରଟିଏ ତିଆରି ହେବ ।

**ସହାୟକ ଗ୍ରନ୍ଥସୂଚୀ**


୧. ପଟ୍ଟନାୟକ ବିଭୂତି । ପ୍ରଥମ ସକାଳ । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧ (୭ମ ମୁଦ୍ରଣ) ।

୨. ପାଣିଗ୍ରାହୀ କାଳିନ୍ଦୀଚରଣ । ମାଟିର ମଣିଷ । ଭୁବନେଶ୍ୱର : ଲାର୍କବୁକ୍ସ, ୨୦୦୪ ।

୩. ମହାନ୍ତି କାହ୍ନୁଚରଣ । ବଜ୍ରବାହୁ । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୪ (୪ର୍ଥ ସଂସ୍କରଣ) ।

୪. ମହାନ୍ତି ଗୋପୀନାଥ । ହରିଜନ । କଟକ : ବିଦ୍ୟାପୁରୀ, ୧୯୮୪ ।

୫. ମହାନ୍ତି ସୁରେନ୍ଦ୍ର । କାଳାନ୍ତର । କଟକ : କଟକ ଷ୍ଟୁଡ଼େଣ୍ଟସ୍‌ଷ୍ଟୋର, ୧୯୭୨ ।

୬. ରାୟ ରାମଶଙ୍କର । ମନୁ ସଂହିତା ବା ମନୁସ୍ମୃତି । କଟକ : ଧର୍ମଗ୍ରନ୍ଥ ଷ୍ଟୋର, ୧୯୨୭

୭. ସାହୁ ଅନାଦି । ମୁଣ୍ଡ ମେଖଳା । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୪ ।

୮. ଉପାଧ୍ୟାୟ ବିଜୟ (ସଂ) । ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନ । ବାଲେଶ୍ୱର : ହୃଷୀକେଶ ସାହୁ, ୨୦୧୪ ।

୯. ଉପାଧ୍ୟାୟ ବିଜୟ(ସଂ) । ଓଡ଼ିଶାର ଶ୍ରମିକ ଆନ୍ଦୋଳନ । ବାଲେଶ୍ୱର : ହୃଷୀକେଶ ସାହୁ, ୨୦୧୭ ।

୧୦. Pati Biswamoy. Tribals and Dalits in Orissa. New Delhi: Oxford University Press, 2019.


**ପତ୍ର ପତ୍ରିକା :**


୧. Hindustan Times. New Delhi, India.

୨. ଅଧ୍ୟାପକ ଗୋପବନ୍ଧୁ (ସଂ) । ଇଣ୍ଡିଜିନସ୍‌ଭଏସ୍ । ଭବାନୀପାଟଣା, କଳାହାଣ୍ଡି - ୭୬୬୦୦୧ ।

୩. ପଟ୍ଟନାୟକ ସୌମ୍ୟରଞ୍ଜନ (ସଂ) । ଭୁବନେଶ୍ୱର : ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ଼ । ବାର୍ଷିକ ବିଶେଷାଙ୍କ, ୨୦୨୧ ।


**ସରକାରୀ ତଥ୍ୟ :**


୧. Agricultural census (2015-16), Ministry of Agriculture and farmers welfare, Government of India, 2019.


**ପ୍ରାନ୍ତଟୀକା :**


୧. ପାଣିଗ୍ରାହୀ କାଳିନ୍ଦୀଚରଣ । ମାଟିର ମଣିଷ । ଭୁବନେଶ୍ୱର : ଲାର୍କ ବୁକ୍ସ, ୨୦୦୪ । ପୃଷ୍ଠା-୮୩ ।

୨. Pati Biswamoy. Tribals and Dalits in Orissa. New Delhi: Oxford University, 2019. Page No.02.

୩. ପାଣିଗ୍ରାହୀ କାଳିନ୍ଦୀଚରଣ । ମାଟିର ମଣିଷ । ଭୁବନେଶ୍ୱର : ଲାର୍କ ବୁକ୍ସ, ୨୦୦୪ । ପୃଷ୍ଠା ନଂ- ୬୦-୬୧ ।

୪. http://m.timesofindia.com/city/bhubaneswar/houses-set-on-fire-30-injuredin-caste-clash-at-puri-village/amp_articleshow/୮୭୫୭୨୭୩୮.cms.

୫. ମହାନ୍ତି ଗୋପୀନାଥ । ହରିଜନ । କଟକ : ବିଦ୍ୟାପୁରୀ, ୧୯୮୪ । ପୃଷ୍ଠା ନଂ-୦୨ ।

୬. ମହାନ୍ତି ଗୋପୀନାଥ । ହରିଜନ । କଟକ : ବିଦ୍ୟାପୁରୀ, ୧୯୮୪ । ପୃଷ୍ଠା ନଂ-୨୪୫ ।

୭. ଜେନା ମାନସ । ଓଡ଼ିଶା ଗବେଷଣାଚକ୍ରର ୩୦ତମ ବାର୍ଷିକ ଅଧିବେଶନରେ ଉପସ୍ଥାପିତ ପ୍ରବନ୍ଧ । ପୁରୀ, ୨୪.୦୧.୨୦୨୩ ।

୮. Yengde Suraj. Hindustan Times. Published on July 01, 2019.

୯. ରାୟ ରାମଶଙ୍କର (ସଂ) । ମନୁସଂହିତା ବା ମନୁସ୍ମୃତି । କଟକ : ଧର୍ମଗ୍ରନ୍ଥ ଷ୍ଟୋର, ୧୯୨୭ । ଅଧ୍ୟାୟ ୧୦, ଶ୍ଳୋକ ୧୨୧, ୧୨୮ । ପୃଷ୍ଠା ୨୯୮, ୨୯୯ ।)

୧୦. Agricultural census (2015-16), Ministry of Agriculture and farmers welfare, Government of India, 2019.

୧୧. ହୋତା ସାତକଡ଼ି । ଅଶାନ୍ତ ଅରଣ୍ୟ । କଟକ : ଓଡ଼ିଶା ବୁକଷ୍ଟୋର, ୧୯୯୨ । ପ୍ରଥମ ପ୍ରକାଶ ୧୯୮୪ । ପୃଷ୍ଠା ନଂ- ୨୬ ।

୧୨. ହୋତା ସାତକଡ଼ି । ଅଶାନ୍ତ ଅରଣ୍ୟ । କଟକ : ଓଡ଼ିଶା ବୁକଷ୍ଟୋର, ୧୯୯୨ । ପ୍ରଥମ ପ୍ରକାଶ ୧୯୮୪ । ପୃଷ୍ଠା ନଂ- ୬୫ ।

୧୩. ମହାନ୍ତି ସୁରେନ୍ଦ୍ର । କାଳାନ୍ତର । କଟକ : କଟକ ଷ୍ଟୁଡେ଼ଣ୍ଟସ୍ ଷ୍ଟୋର, ୧୯୭୨ । ପୃଷ୍ଠା ନଂ- ୨୭ ।

୧୪. ସୁନା ଡ. ବିବେକାନନ୍ଦ । କୃଷି, କୃଷିଆଇନ୍ ଓ କୃଷକ ଆନ୍ଦୋଳନ । ସଂପାଦକ- ଅଧ୍ୟାପକ ଗୋପବନ୍ଧୁ । ଇଣ୍ଡିଜିନସ୍‌ଭଏସ୍ । ସଂଖ୍ୟା-ଅକ୍ଟୋବର-ଡିସେମ୍ବର, ୨୦୨୧ ।

୧୫. ବିଭୂତି ପଟ୍ଟନାୟକ । ପ୍ରଥମ ସକାଳ । କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧ (୭ମ ମୁଦ୍ରଣ) । ପୃଷ୍ଠା-୫୩ ।

୧୬. ନାୟକ ଅଖିଳ । ଭେଦ । ଭୁବନେଶ୍ୱର : ପଶ୍ଚିମା ପବ୍ଲିକେଶନ୍ସ, ୨୦୨୧ (୧ମ ସଂ, ୨ୟ ପ୍ରକାଶ) । ପୃଷ୍ଠା-୫୦ ।

୧୭. ହୋତା ସାତକଡ଼ି । ଅଶାନ୍ତ ଅରଣ୍ୟ । କଟକ : ଓଡ଼ିଶା ବୁକ ଷ୍ଟୋର, ୧୯୯୨ । ପ୍ରଥମ ପ୍ରକାଶ ୧୯୮୪ । ପୃଷ୍ଠା ନଂ-୫୪ ।

୧୮. ହୋତା ସାତକଡ଼ି । ଅଶାନ୍ତ ଅରଣ୍ୟ । କଟକ : ଓଡ଼ିଶା ବୁକ ଷ୍ଟୋର, ୧୯୯୨ । ପ୍ରଥମ ପ୍ରକାଶ ୧୯୮୪ । ପୃଷ୍ଠା ନଂ-୬୫ ।

୧୯. ନାଥ ଗୋଲୋକ ବିହାରୀ । ଓଡ଼ିଶାରେ ଗଣତାନ୍ତ୍ରିକ ଆନ୍ଦୋଳନ (ସଂପାଦିତ ପୁସ୍ତକ) । ବାଲେଶ୍ୱର : ହୃଷୀକେଶ ସାହୁ, ୨୦୧୪ । ପୃଷ୍ଠା-୫୫ ।

୨୦. ମହାନ୍ତି କାହ୍ନୁଚରଣ । ବଜ୍ରବାହୁ । କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୪ (୪ର୍ଥ ସଂସ୍କରଣ) । ପୃଷ୍ଠା-୧୪୬ ।

୨୧. ପଟ୍ଟନାୟକ ବିଭୂତି । ପ୍ରଥମ ସକାଳ । କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୧ (୭ମ ମୁଦ୍ରଣ) । ପୃଷ୍ଠା-୦୫ ।

୨୨. ସାହୁ ଅନାଦି । ମୁଣ୍ଡ ମେଖଳା । କଟକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୮୪ । ପୃଷ୍ଠା - ୨୨

୨୩. ପ୍ରଧାନ ସୁନନ୍ଦା । ସିପସରୁବାଲି । ବାର୍ଷିକ ବିଶେଷାଙ୍କ, ସମ୍ବାଦ, ୨୦୨୧ । ପୃଷ୍ଠା- ୨୯୨-୨୯୬ ।

୨୪. ପାଣିଗ୍ରାହୀ କାଳିନ୍ଦୀଚରଣ । ମାଟିର ମଣିଷ । ଭୁବନେଶ୍ୱର : ଲାର୍କବୁକ୍ସ, ୨୦୦୪ । ପୃଷ୍ଠା ନଂ- ୮୦ ।

**ଗବେଷିକା, ଓଡ଼ିଆବିଭାଗ,**
**ରେଭେନ୍ସାବିଶ୍ୱବିଦ୍ୟାଳୟ, କଟକ**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ